

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୭ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 27 NOVEMBER 2021
Vol.No. 32 ■ No. 302 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସମ୍ବିଧାନ ଦିବସକୁ ନେଇ ଶାସକ ବିରୋଧୀ ସାମ୍ନାସାମ୍ନି

## ଗଣତନ୍ତ୍ରର ସଂଜ୍ଞା ବୁଝାଇଲେ ମୋଦି



ନୂଆଦିଲ୍ଲୀ,୨୬/୧୧: ୧୯୫୦, ନଭେମ୍ବର ୨୬ରେ ବି ଆର ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତ ହୋଇଥିବା ସମ୍ବିଧାନକୁ ଭାରତ ଆପଣାଇଥିଲା । ସଂସଦରେ ମଧ୍ୟ ଏହି ସମ୍ବିଧାନ ଦିବସ ପାଳିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ବିରୋଧୀଙ୍କୁ ପରିବାର କଥା କହି କଟାକ୍ଷ କରିଛନ୍ତି । ଅନ୍ୟପଟେ କେନ୍ଦ୍ରର ମୋଦି ସରକାର ସମ୍ବିଧାନକୁ ସମ୍ମାନ କରନ୍ତିନି କହି ୧୪ ରାଜନୈତିକ ଦଳ ବୟକଟ କରିଛନ୍ତି । ଅବସର ଥିଲା ସମ୍ବିଧାନ ପ୍ରତିଷ୍ଠା ଦିବସ । ଆଉ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣିଥରେ ପରିବାରବାଦ କଥା କହି ବିରୋଧୀ କଂଗ୍ରେସ ଏବଂ ଅନ୍ୟାନ୍ୟ ଦଳ ଉପରେ ବର୍ଷିଛନ୍ତି । ଯେଉଁମାନେ ଗଣତନ୍ତ୍ର ଉପରେ ବିଶ୍ୱାସ କରନ୍ତି ସେମାନଙ୍କ ପାଇଁ ଚିନ୍ତାର ବିଷୟ ଏବେ ପରିବାରବାଦ । ଯେଉଁ ଦଳ ଗୋଟିଏ ପରିବାର ଦ୍ୱାରା ଦୀର୍ଘ ସମୟ ଧରି ପରିଚାଳିତ ହେଉଛି ସେହି ଦଳ ଗଣତନ୍ତ୍ରର ସୁରକ୍ଷା କିପରି କରିବ ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ତେବେ ମୋଦୀଙ୍କର ଏପରି ବାର୍ତ୍ତା ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଆସନ୍ତା ବର୍ଷ ବିଭିନ୍ନ ରାଜ୍ୟରେ ନିର୍ବାଚନ ହେବ । ମୁଖ୍ୟତଃ ୟୁପି ପାଇଁ ପ୍ରଚାର ଜମିବା ଆରମ୍ଭ କରିଥିବା ବେଳେ ଏପରି କହି କଂଗ୍ରେସ ସମେତ, ସମାଜବାଦୀ ପାର୍ଟି, ଆରଜେଡି ଆଦି ଦଳକୁ ପରୋକ୍ଷରେ ଆଇନା ଦେଖାଇଛନ୍ତି । ଅନ୍ୟପଟେ ବିରୋଧୀ ମଧ୍ୟ ▶▶ପୃଷ୍ଠା ୭

# ୟୁରୋପ ଓ ଦକ୍ଷିଣ ଆଫ୍ରିକାରେ କରୋନା ବଢିଲା

# ଭାରତୀୟ ସେୟାର ବଜାରରେ ଚଡ଼କ

## ଦିନକରେ ନିବେଶକ ହରାଇଲେ ପ୍ରାୟ ସାଢେ ୭ ଲକ୍ଷ କୋଟି



ନୂଆଦିଲ୍ଲୀ,୨୬/୧୧: ସେୟାର ବଜାର ପାଇଁ କଳାଦିନ । ଦକ୍ଷିଣ ଆଫ୍ରିକାରେ କରୋନା ଭାଇରସର ନୂଆ ପ୍ରଜାତି ଚିହ୍ନଟ ହେବା ପରେ ଏହାର ପ୍ରଭାବ ବିଶ୍ୱ ବଜାରରେ ପଡ଼ିଛି । ଦୁଇ ସପ୍ତାହ ହେବ ତଳକୁ ତଳ ଖସୁଛି ସେୟାର ବଜାର । ଗତ ସାତ ମାସ ପରେ ଆଜି ସବୁଠୁ ଅଧିକ କ୍ଷତି ହୋଇଛି । ଗୋଟିଏ ଦିନରେ ପ୍ରାୟ ସାଢ଼େ ୭ ଲକ୍ଷ କୋଟି ଟଙ୍କା ହରାଇଛନ୍ତି ନିବେଶକ । ଚଳିତ ସପ୍ତାହର ଶେଷ ଦିନରେ ଭାରତୀୟ ସେୟାର ବଜାର ଏମିତି ଝଟକା ଦେଇଛି, ଗୋଟିଏ ଦିନରେ ପ୍ରାୟ ସାଢ଼େ ୭ ଲକ୍ଷ କୋଟି ▶▶ପୃଷ୍ଠା ୭

### ଦକ୍ଷିଣ ଆଫ୍ରିକାରେ କରୋନାର ନୂଆ ପ୍ରଜାତି ଚିହ୍ନଟ

ନୂଆଦିଲ୍ଲୀ,୨୬/୧୧: ଦକ୍ଷିଣ ଆଫ୍ରିକାରେ କରୋନାର ନୂଆ ପ୍ରଜାତି ଚିହ୍ନଟ ହେବା ପରେ ସତର୍କ କଲେ ଡ଼ିଏମଇଟି । ଡ଼ିଏମଇଟି ରମା ରମଣ ମହାନ୍ତି କହିଛନ୍ତି ଏବେ ଆନ୍ତର୍ଜାତିକ ଗମନାଗମନ ସ୍ୱାଭାବିକ ହୋଇଥିବାରୁ ଆମ ଦେଶକୁ ଏହି ପ୍ରଜାତି ଆସିବାର ସମ୍ଭାବନା ରହିଛି । ତେବେ ଗାଇଡ଼ ଲାଇନ ଅନୁସାରେ ଯଦି ଜଣେ ଯାତ୍ରୀ ଦକ୍ଷିଣ ଆଫ୍ରିକା, ବୋସ୍ୱାନ ଓ ହଂକଂ ଆସୁଛନ୍ତି । ପ୍ରଥମେ ଟେଷ୍ଟିଂ ପରେ ଅତି କମରେ ୧୦ ଦିନ ଆଇସୋଲେସନରେ ରହିବାକୁ ପଡ଼ିବ । ଯଦି ପଜିଟିଭ ଆସେ ତାହେଲେ ପ୍ରଜାତି ଯାଞ୍ଚ ହେବ । ତାହାଲେ ଏହାକୁ ରୋକି ପାରିବା ବୋଲି କହିଛନ୍ତି ଡ଼ିଏମଇଟି । ପ୍ରଜାତି ନୂଆ ହୋଇଥିବାରୁ ଏହାର ଭୟାବହତା ଓ ତିବ୍ରତା ଜଣାପଡ଼ିନାହିଁ । ତେବେ ସତର୍କ ରହିବାକୁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ସଚିବ ପରାମର୍ଶ ଦେଇଛନ୍ତି । ସେହିଭଳି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମଧ୍ୟ ସମସ୍ତ ଦେଶକୁ ଏବାବଦରେ ସୂଚନା ଦେବା ସହ ସତର୍କ କରିଛି । ତେବେ ଏହାକୁ ମାତ୍ ଦେବାକୁ ଯାତାୟତ କଟକଣାକୁ କଡାକଡି କରାଯିବାର ଆବଶ୍ୟକତା ରହିଥିବା କହିଛନ୍ତି ଡିଏମଇଟି । ଏସବୁ ଭିତରେ ଓଡ଼ିଶାର ସ୍ଥିତି ଏବେ ଭଲ ଅଛି ବୋଲି କହିଛନ୍ତି ଡ଼ିଏମଇଟି ରମା ରମଣ ମହାନ୍ତି ।

### ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଝିଅକୁ ଇଡିର ଜେରା

ଭୁବନେଶ୍ୱର,୨୬/୧୧(ନି.ପ୍ର): ଇଡିରେ ହାଜର ହୋଇଛନ୍ତି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଝିଅ ଶ୍ରୁତି ପାଣିଗ୍ରାହୀ । ଶ୍ରୁତିଙ୍କ ବ୍ୟାଙ୍କ୍ ଆକାଉଂଟ ଲିଙ୍କ୍ ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶ୍ରୁତିଙ୍କୁ ଶୁକ୍ରବାର ଦିନ ପ୍ରାୟ ୬ ଘଂଟା ଜେରା କରିଛି। ଅଭୟକାନ୍ତ ପାଠକ ଓ ଆକାଶ ପାଠକଙ୍କୁ ଜେରା ବେଳେ ଶ୍ରୁତିଙ୍କ ଆକାଉଂଟକୁ ଏକାଧିକ କାରବାର ହୋଇଥିବା ଜଣା ପଡିଥିଲା । ଉଲ୍ଲେଖନୀୟ ଯେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଝିଅ ଶ୍ରୁତି ପାଣିଗ୍ରାହୀଙ୍କ ବିବାହ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ପାଠକଙ୍କ ସହ ସ୍ଥିର ହୋଇଥିଲା। ଏହା ପୂର୍ବରୁ ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗ ଓ ଠକେଇ ମାମଲାରେ ପ୍ରଥମେ ଉଭୟ ପାଠକ ବାପ, ପୁଅ ଓ ପରେ ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଗିରଫ କରାଯାଇଥିଲା।

## ମୁଁ ସୁରକ୍ଷିତ ନୁହେଁ : ମୋତେ ସୁରକ୍ଷା ଦିଅନ୍ତୁ ରାଜ୍ୟ ସରକାର : ଅପରାଜିତା



ଭୁବନେଶ୍ୱର,୨୬/୧୧ (ନି.ପ୍ର): ଗୁରୁବାର ଦିନ ରାତ୍ରୀରେ ଭୁବନେଶ୍ୱରର ଆଚାର୍ଯ୍ୟ ବିହାର ଅଂଚଳରେ ରାଜନୈତିକ ହିଂସା ଘଟଣା ପରେ ରାଜ୍ୟ ସରକାରଙ୍କୁ ସୁରକ୍ଷା ମାଗିଛନ୍ତି ଭୁବନେଶ୍ୱର ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ । ଗତ କାଲିର ଘଟଣା ପରେ ସେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ସେ ସୁରକ୍ଷିତ ନୁହନ୍ତି । ତାଙ୍କୁ ସୁରକ୍ଷା ପ୍ରଦାନ କରିବା ଦାୟିତ୍ୱ ରାଜ୍ୟ ସରକାରଙ୍କର । ତେଣୁ ରାଜ୍ୟ ସରକାର ତାଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ । ରାଜ୍ୟରେ ସରକାରୀ ଦଳ ଘଟାଉଥିବା ହିଂସାକାଣ୍ଡ ବିଷୟରେ ମୁଖ୍ୟମନ୍ତ୍ରୀ ଅବଗତ ଅଛନ୍ତି କି ନାହିଁ ଏନେଇ ସନ୍ଦେହ କରିଛନ୍ତି ସାଂସଦ। ରାଜ୍ୟର ମୁଖିଆ ଭାବେ ମୁଖ୍ୟମନ୍ତ୍ରୀ ଏହିଭଳି ଘଟଣା ଲାଗି ଦାୟୀ ବୋଲି ସେ କହିଛନ୍ତି । ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ ବିଜେଡି ସରକାର ଗର୍ବ ଓ ଅହଙ୍କାରରେ ବୁଡ଼ିଛନ୍ତି । ପଶ୍ଚିମବଙ୍ଗର ଟିଏମସି ପଥରେ ରାଜ୍ୟ ସରକାର ଗତି କରୁଥିବା ସାଂସଦ କହିଛନ୍ତି। ଟିଏମସି ଯେଉଁଭଳି ପଶ୍ଚିମବଙ୍ଗରେ ହିଂସା ଭିଆଉଛି, ସେଭଳି ଓଡ଼ିଶାରେ ହିଂସା ବଢିବାରେ ଲାଗିଛି ବୋଲି ସେ କହିଛନ୍ତି। ତାଙ୍କୁ ଯେତେ ବିରୋଧ କଲେ ବି ସେ ରାଜ୍ୟସାରା ବୁଲି ଲୋକଙ୍କ ପାଇଁ କାମ କରୁଥିବା କହି ରାଜ୍ୟ ସରକାରଙ୍କୁ ଚ୍ୟାଲେଞ୍ଜ କରିଛନ୍ତି ।

## ତିନି କୃଷି ଆଇନ ବିରୋଧରେ କୃଷକଙ୍କ ଆନ୍ଦୋଳନକୁ ପୂରିଲା ବର୍ଷେ

ନୂଆଦିଲ୍ଲୀ,୨୬/୧୧: ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବି କରି ଚାଷୀଙ୍କ ଆନ୍ଦୋଳନକୁ ବର୍ଷେ ପୂରଣ ହୋଇଛି । ଏହି ଅବସରରେ ହଜାର ହଜାର ଚାଷୀ ଏକାଠି ହୋଇ ବର୍ଷ ପୂର୍ତ୍ତି ପାଳନ କରିଛନ୍ତି। ଆନ୍ଦୋଳନରେ ପ୍ରାଣ ହରାଇଥିବା ଚାଷୀଙ୍କୁ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ସହଯୋଗୀ । ଅନ୍ୟପଟେ ଆଗକୁ ଶୀତକାଳୀନ ଅଧିବେଶନ ବସିବ । ଏହି ସମୟରେ ଚାଷୀ ଅନ୍ୟ ଦାବି ପୂରଣ ପାଇଁ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ପୂରଣ ହୋଇଛି ଦାବି । ହେଲେ ରହିଯାଇଛି ଅନେକ ସ୍ମୃତି । ତିନି କୃଷି ଆଇନକୁ ବିରୋଧ କରି ଦିଲ୍ଲୀ ସୀମାରେ ଆନ୍ଦୋଳନରେ ବସିଥିବା ଚାଷୀ ଆଜି ବର୍ଷ ପୂର୍ତ୍ତି ପାଳନ କରିଛନ୍ତି । ହଜାର ହଜାର ଚାଷୀ ଦିଲ୍ଲୀ ସୀମାରେ ଏକାଠି ହୋଇ ଉତ୍ସବ ମନାଉଛନ୍ତି। ଆନ୍ଦୋଳନ ବେଳେ ପ୍ରାଣ ହରାଇଥିବା ପାଖାପାଖି ଚାଷୀଙ୍କୁ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ସହଯୋଗୀ । ଯଦିଓ କୃଷି ଆଇନ୍ ରଦ୍ଦ ହୋଇଛି ▶▶ପୃଷ୍ଠା ୭

### ୩ଟି ଦେଶରୁ ଫେରୁଥିବା ବ୍ୟକ୍ତିଙ୍କ ପାଇଁ ୧୦ ଦିନିଆ ସଂଗରୋଧ

ଭୁବନେଶ୍ୱର,୨୬/୧୧(ନି.ପ୍ର): ଦକ୍ଷିଣ ଆଫ୍ରିକାରେ କରୋନାର ନୂଆ ଭାରିଆଂଟ ଚିହ୍ନଟ ହୋଇଛି। ଏହାପରେ ଦକ୍ଷିଣ ଆଫ୍ରିକା, ବୋସୱାନା ଓ ହଂକଂରୁ ଆସୁଥିବା ଲୋକଙ୍କ ଉପରେ କଟକଣା ଲଗାଇବାକୁ ନିଷ୍ପତି ହୋଇଛି। ଏସମ୍ପର୍କରେ ଡ଼ିଏମଇଟି ରମା ରମଣ ମହାନ୍ତି ସୂଚନା ଦେଇ କହିଛନ୍ତି, ଦକ୍ଷିଣ ଆଫ୍ରିକା, ହଂକଂ ଓ ବୋସୱାନା ଭଳି ଦେଶରୁ ଫେରୁଥିବା ଲୋକଙ୍କ ପାଇଁ ଆଡ଼ଭାଇଜରୀ ଜାରି ହୋଇଛି । କେନ୍ଦ୍ର ସରକାର ଏବଂ ଡବ୍ଲୁଏଚଓ ଏହାକୁ ନେଇ ସତର୍କ କରାଇଛନ୍ତି । ବର୍ତ୍ତମାନ ରାଜ୍ୟରେ ସ୍ଥିତି ସ୍ଥିର ରହିଛି । କୋରୋନା ପଜିଟିଭ୍ ଚିହ୍ନଟ ହେଲେ ଭୂତାଣୁର ପ୍ରଜାତି ଯାଂଚ ହେଉ । ନୂଆ ଭାରିଏଂଟ ଦେଖାଦେଇଥିବା ଦେଶରୁ ଆସୁଥିବା ଲୋକମାନଙ୍କ ପାଇଁ କଟକଣା ଜାରି ହେବା ଉଚିତ । ସେମାନଙ୍କୁ ଅତି କମ୍ ରେ ୧୦ଦିନ ସଂଗରୋଧରେ ରଖିଲେ ସଂକ୍ରମଣକୁ ରୋକାଯାଇପାରିବ ବୋଲି ଡିଏମଇଟି ପରାମର୍ଶ ଦେଇଛନ୍ତି ।

## ପ୍ରକାଶ ପାଇଲା ନୀତି ଆୟୋଗ ରିପୋର୍ଟ

### ଓଡ଼ିଶାରେ ପ୍ରତି ତିନି ଜଣରେ ଜଣେ ଗରିବ

ଭୁବନେଶ୍ୱର,୨୬/୧୧(ନି.ପ୍ର): ଓଡ଼ିଶାରେ ପ୍ରତି ତିନି ଜଣରେ ଜଣେ ଗରିବ । ୧୦୦ ଜଣରେ ୨୯ ଜଣ ଦାରିଦ୍ର୍ୟ ସୀମାରେଖା ଭିତରେ ଅଛନ୍ତି । ନୀତି ଆୟୋଗ ରିପୋର୍ଟରେ ଏପରି ତଥ୍ୟ ସାମ୍ନାକୁ ଆସିଛି । ବିହାରରେ ଦାରିଦ୍ର୍ୟ ହାର ପୂର୍ବପରି ସବୁଠାରୁ ଅଧିକ ରହିଥିବା ବେଳେ ନବମ ସ୍ଥାନରେ ରହିଛି ଓଡ଼ିଶା । ଦାରିଦ୍ର୍ୟ କ୍ଷେତ୍ରରେ ଜାତୀୟ ହାର ୨୫.୦୧ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ଏହା ୨୯ ଦଶମିକ ୩୫ ପ୍ରତିଶତ ରହିଛି । ପୂର୍ବ ପ୍ରସ୍ତୁତ ରିପୋର୍ଟରେ ଓଡ଼ିଶାର ଦାରିଦ୍ର୍ୟ ହାର ୩୨. ୫୯ ପ୍ରତିଶତ ଥିଲା । ସେତେବେଳେ ୧୪ଟି ରାଜ୍ୟ ମଧ୍ୟରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଥିଲା । ଏବେ ପ୍ରକାଶ ପାଇଥିବା ରିପୋର୍ଟରେ ରାଜ୍ୟର ଉଭୟ ଗ୍ରାମାଂଚଳ ଓ ସହରାଂଚଳରେ ଦାରିଦ୍ର୍ୟ ହାରରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ । ଦେଶରେ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ଶୂନ ଦଶମିକ ୧୧୮ ରହିଛି । ଓଡ଼ିଶା କ୍ଷେତ୍ରରେ ଏହା ଶୂନ ଦଶମିକ ୧୩୬ । ଏହି ସୂଚୀ ରାଜ୍ୟର ମୋଟ୍ ଗରିବ ଲୋକଙ୍କ ସଂଖ୍ୟା ଏବଂ ଗରିବଙ୍କ ମାତ୍ରାକୁ ନେଇ ପ୍ରସ୍ତୁତ କରାଯାଇଛି । ଜାତୀୟସ୍ତରରେ ସହରାଂଚଳର ସ୍ଥିତି ତୁଳନାରେ ଓଡ଼ିଶାରେ ସହରାଂଚଳ ସ୍ଥିତି ଦୟନୀୟ ଅବସ୍ଥାରେ ରହିଛି । ଓଡ଼ିଶାର ୨୯.୩୫% ଜନତା ବିଭିନ୍ନ କ୍ଷେତ୍ରରେ ଦାରିଦ୍ର୍ୟ ତାଡ଼ନାରେ ସରବ୍ୟ ହେଉଥିବା କଥା ଉକ୍ତ ରିପୋର୍ଟରେ ଉଲ୍ଲେଖ ଅଛି । ରାଜ୍ୟର ୩୭.୨୬% ଜନତା ସୁଷମ ଆହାର ପାଉନାହାନ୍ତି । ରାଜ୍ୟରେ ଶିଶୁ ଓ କିଶୋର ମୃତ୍ୟୁହାର ମଧ ୨.୨୩% ରହିଛି । ସେହିପରି, ମାନସିକ ସ୍ୱାସ୍ଥ୍ୟ ସୁବିଧା ପାଇବାରୁ ୧୯.୫୦% ▶▶ପୃଷ୍ଠା ୭

## ବିଜେପି ଶାସନରେ ୟୁପିରେ ବିକାଶର ଗଙ୍ଗା ପ୍ରବାହିତ : ଧର୍ମେନ୍ଦ୍ର



ଭୁବନେଶ୍ୱର,୨୬/୧୧(ନି.ପ୍ର): ସାଧାରଣ ଲୋକଙ୍କୁ ମିଳିଥିବା ସୁରକ୍ଷାକୁ ନେଇ ବିଜେପି ପକ୍ଷରୁ ଚଳିତ ନିର୍ବାଚନ ଲଢ଼ାଯିବ ବୋଲି ଶୁକ୍ରବାର ଉତରପ୍ରଦେଶର ମେରଠ ଠାରେ ଆୟୋଜିତ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବିଜେପି ଶାସନରେ ରାଜ୍ୟରେ ଆଇନ ବ୍ୟବସ୍ଥା ଏବଂ ବିକାଶର ନୂଆ ଗଙ୍ଗା ପ୍ରବାହିତ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ କାଳରେ ୟୁପିର ଜନତା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ସୌଭାଗ୍ୟ ଯୋଜନାରେ ବିଜୁଳି, ପାଇପ ଯୋଗେ ଯୋଗେ ସ୍ୱଚ୍ଛ ପାଣି, କରୋନା ମହାମାରୀ ସମୟରେ ମାଗଣାରେ ଖାଦ୍ୟ ସାମଗ୍ରୀ ସହ ଆନୁଷଙ୍ଗିକ ସହାୟତା ସମେତ ଅନେକ ଜନକଲ୍ୟାଣକାରୀ ଯୋଜନାରେ ଲାଭାନ୍ୱିତ। ଗରିବ ଲୋକମାନେ ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସାଥୀରେ ଅଛନ୍ତି। ୟୁପିରେ ବର୍ତ୍ତମାନର ପ୍ରସଙ୍ଗ ହୋଇଛି ଗରିବ କଲ୍ୟାଣ, ଗରିବଙ୍କ ପାଇଁ ଘର, ଗରିବଙ୍କ ଜୀବନରେ ସମ୍ପନ୍ନତା ଆଣିବା ଓ କରୋନା କାଳରେ ସୁରକ୍ଷା। ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଏବଂ ▶▶ପୃଷ୍ଠା ୭

# ମୁଖ୍ୟମନ୍ତ୍ରୀଙ୍କ ୪୫ ମିନିଟିଆ ଗସ୍ତରେ ଚଳଚଞ୍ଚଳ ହେଲା ବାଲେଶ୍ୱର ସହର

- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ବାଲେଶ୍ୱର ଜିଲାରେ ଶୁଭାରମ୍ଭ ହେଲା ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନ
- ୧୫୫୩ କୋଟି ଟଙ୍କା ମୂଲ୍ୟର ୭୭ଟି ପ୍ରକଳ୍ପ ଉଦଘାଟନ ସହ ୧୦୯ଟି ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



ବାଲେଶ୍ୱର,୨୬/୧୧(ନି.ପ୍ର): ଭାଷା ସାହିତ୍ୟର ସୁରକ୍ଷା ପାଇଁ ବ୍ୟାସକବି ଫକୀର ମୋହନ ଓ ରାଧାନାଥ ରାୟଙ୍କ ଭଳି ବାଲେଶ୍ୱର ମାଟିର ଦୁଇ ମହାମନୀଷଙ୍କ ପାଖରେ ଏ ଓଡ଼ିଆ ଜାତି ସବୁବେଳ ଋଣୀ ହୋଇ ରହିବ। ଧାନ, ପାନ ଓ ମୀନର ପରିଚିତ ଜିଲା ବାଲେଶ୍ୱର ଏବେ କୃଷି, ଶିଳ୍ପ, ପର୍ଯ୍ୟଟନରେ ବି ଆଗୁଆ ଅଛି । ମିଶନ ଶକ୍ତି ଯୋଜନାରେ ସାମିଲ ହୋଇ ଜିଲାର ମହିଳାମାନେ ମାଛ ଚାଷ କରି ବେଶ ସଶକ୍ତ ହୋଇପାରିଛନ୍ତି । ସମ୍ପ୍ରତି ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ ଅଧିକ ଦାୟିତ୍ୱ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ମାଛ ଉତ୍ପାଦନରେ ବାଲେଶ୍ୱର ଜିଲା ଜାତୀୟସ୍ତରରେ ପ୍ରଥମ ହୋଇଥିବା ବେଳେ ମତ୍ସ୍ୟଜୀବୀଙ୍କ ସୁବିଧା ପାଇଁ ବସ୍ତାରେ ୫୦ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ୨୦ଏକର ଜମିରେ ଏକ ବଡ଼ ପାଇକରୀ ମାଛ ମାର୍କେଟ ପ୍ରତିଷ୍ଠା ହେବ । ଏହାଦ୍ୱାରା କେବଳ ବାଲେଶ୍ୱର ନୁହେଁ, ବରଂ ଜଗତସିଂପୁର ଓ କେନ୍ଦ୍ରପଡ଼ା ଜିଲାର ମତ୍ସ୍ୟଜୀବୀମାନେ ବି ଉପକୃତ ହେବେ । ଜିଲ୍ଲାର ୬ଟି ବ୍ଲକରେ ୯୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ମେଗା ପାଇପ୍ ପାଣି ପ୍ରକଳ୍ପ ଖୁବଶୀଘ୍ର ଆରମ୍ଭ ହେବ । ଏଥିରେ ୬୬୦ଟି ଗାଁର ସାଢ଼େ ୬ଲକ୍ଷ ଲୋକ ଉପକୃତ ହେବେ । ସେହିଭଳ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟରେ ୯୬ଲକ୍ଷ ପରିବାରର ସାଢ଼େ ୩କୋଟି ଲୋକ ସ୍ମାର୍ଟ କାର୍ଡ ମାଧ୍ୟମରେ ଉନ୍ନତ ସ୍ୱାସ୍ଥ୍ୟ ସେବାର ସୁବିଧା ପାଇବେ । ବାଲେଶ୍ୱର ଜିଲାରେ ୫ ଲକ୍ଷ ପରିବାରର ୧୯ ଲକ୍ଷ ଲୋକ ସରକାରୀ ଚିକିତ୍ସାଳୟ ସମେତ ରାଜ୍ୟର ୨୦୦ରୁ ଅଧିକ ହସ୍ପିଟାଲରେ ମଧ୍ୟ ଉନ୍ନତମାନର ଚିକିତ୍ସା ସେବା ପାଇପାରିବେ । ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ଭାବେ ସାବ୍ୟସ୍ତ ହୋଇଛି ବୋଲି ବାଲେଶ୍ୱର ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ଭିଡିଓ ବାର୍ତ୍ତା ମାଧ୍ୟମରେ ଉଦବୋଧନ ଦେଇଥିଲେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ଶୁଭାରମ୍ଭ ପାଇଁ ମୁଖ୍ୟମନ୍ତ୍ରୀ ଦିନ ୧୧ଟାରେ ହେଲିକେପ୍ଟର ଯୋଗେ ସ୍ଥାନୀୟ ରିଜର୍ଭ ପୋଲିସ ଲାଇନ ପଡ଼ିଆରେ ଅବତରଣ କରିବା ପରେ ସିଧାସଳଖ ସଭାସ୍ଥଳକୁ ଯାଇଥିଲେ । ▶▶ପୃଷ୍ଠା ୭

## ସହକାରୀ ଯନ୍ତ୍ରୀ ସନ୍ତୋଷ ଦାସଙ୍କ ଘରୁ ମିଳିଲା ୬୫୯ ଗ୍ରାମ ସୁନା ଓ ୪୧ ଲକ୍ଷ ୭୭ ହଜାର ଟଙ୍କା



ଭୁବନେଶ୍ୱର,୨୬/୧୧(ନି.ପ୍ର): ବାରିପଦା ଆଇଟିଡିଏ ସହକାରୀ ଯନ୍ତ୍ରୀ ସନ୍ତୋଷ ଦାସଙ୍କ ଆୟବହିର୍ଭୂତ ସଂପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଚଢାଉ ଚାଲିଥିବା ବେଳେ ବର୍ତ୍ତମାନ ସୁଦ୍ଧା ନଗଦ ମୋଟ ୪୧ ଲକ୍ଷ ୭୭ ହଜାର ଟଙ୍କା ଏବଂ ୬୫୯ ଗ୍ରାମ ସୁନା ଜବତ କରାଯାଇଥିବା ନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ଦ୍ୱିତୀୟ ଦିନରେ ମଧ ଏହି ଚଢାଉ ଜାରୀ ରହିଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଏବେ ସୁଦ୍ଧା ଭୁବନେଶ୍ୱରରେ ଗୋଟିଏ ୪ମହଲା କୋଠା, ଗୋଟିଏ ଫ୍ଲାଟ ଓ ଏକ ଅର୍ଦ୍ଧନିର୍ମିତ ଘର ଠାବ କରିଛି ଭିଜିଲାନ୍ସ। ଏହାଛଡ଼ା ବାଲେଶ୍ୱରରେ ଗୋଟିଏ ୪ମହଲା କୋଠା ଓ ତିନୋଟି ପ୍ଲଟ୍ ଠାବ ହୋଇଛି।

# ସହକାରୀ ଶ୍ରମ ଆୟୁକ୍ତଙ୍କୁ ଘେରିଲା ଭାରତୀୟ ମଜଦୂର ସଂଘ

ବାଲେଶ୍ୱର,୨୬/୧୧ (ନି.ପ୍ର): ବିଭିନ୍ନ ଦାବି ନେଇ ଶ୍ରମିକ ସଙ୍ଗଠନ ଭାରତୀୟ ମଜଦୁର ସଂଘ (ବିଏମଏସ) ପକ୍ଷରୁ ବାଲେଶ୍ୱର ଉପ-ଶ୍ରମ ଆୟୁକ୍ତ (ଡିଏଲସି)ଙ୍କ କାର୍ଯ୍ୟାଳୟ ଗୁରୁବାର ଘେରାଉ କରାଯାଇଥିଲା । ଏନେଇ ସଂଘର ସଦସ୍ୟ ଓ କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରା ବାଲେଶ୍ୱର ରେଳ ଷ୍ଟେସନ ନିକଟରୁ ବାହାରି ଶ୍ରମ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା । ସେଠାରେ ଆୟୋଜିତ ପ୍ରତାବାଦ ସଭାରେ ବିଏମଏସର ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା, ବରିଷ୍ଠ ଶ୍ରମିକ ନେତା ବସନ୍ତ କୁମାର ସାହୁ, ସଂଘର ଜିଲା କାର୍ଯ୍ୟକାରୀ ସଭାପତି ଶକୁନ୍ତଳା ଗୋଚ୍ଛାୟତ, ସମ୍ପାଦକ ପଦ୍ମ ଭୂଷଣ ରାୟ ପ୍ରମୁଖ ଯୋଗଦେଇ ନିର୍ମାଣ ଶ୍ରମିକଙ୍କ ନୂତନ ପଞ୍ଜୀକରଣ, ନବୀକରଣ ଓ ସହାୟତା ପ୍ରଦାନରେ ପ୍ରଶାସନିକ ତଥା ସରକାରୀ ଉଦାସୀନତାକୁ ତୀବ୍ର ସମାଲୋଚନା କରିଥିଲେ । ଦୀର୍ଘଦିନ ପୂର୍ବରୁ ପଞ୍ଜୀକରଣ କରିଥିଲେ ମଧ୍ୟ ନିର୍ମାଣ ଶ୍ରମିକଙ୍କୁ କୌଣସି ସରକାରୀ ସୁବିଧା ମିଳୁ ନଥିବା ବେଳେ ଶ୍ରମିକ ପରିବାର ଏବେ ଦୟନୀୟ ସ୍ଥିତିରେ ଥିବା ସେମାନେ କହିଥିଲେ । ବାକିଥିବା ଶ୍ରମିକଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ କରିବା, ଆବେଦନ କରିଥିବା ଲକ୍ଷାଧିକ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ କରିବା, କରୋନା ସହାୟତାରୁ ବଞ୍ଚିତ ସମସ୍ତ ଶ୍ରମିକଙ୍କୁ ସେମାନଙ୍କର ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା, ଖାଲି ପଡ଼ିଥିବା ବ୍ଲକ ସ୍ତରୀୟ ସହକାରୀ ଶ୍ରମ ଅଧିକାରୀ ପଦ ତୁରନ୍ତ ପୂରଣ କରିବା, ଜିଲା ଶ୍ରମ କାର୍ଯ୍ୟାଳୟର ଖାଲି ପଡ଼ିଥିବା ଅଧିକାରୀ ଓ କର୍ମଚାରୀ ପଦ ଶୀଘ୍ର ପୂରଣ ପାଇଁ ବକ୍ତାମାନେ ଦାବି କରିଥଲେ । ଦାବି ପୂରଣ ନେଇ ଉଚତ ପଦକ୍ଷେପ ଗ୍ରହଣ କରା ନଗଲେ ବିଏମଏସ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା ।ଏହି ଅବସରରେ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ସହକାରୀ ଶ୍ରମ ଆୟୁକ୍ତଙ୍କୁ ପ୍ରଦାନ କରାଯାଇଥିଲା । ଜିଲାର ବିଭିନ୍ନ ଅଞ୍ଚଳରୁ ବହୁଶ୍ରମିକ ଏହି ଘେରାଉ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଲକ୍ଷ୍ୟ କରାଯାଇଥିଲା ।

# ଶେରଗଡ଼ ମିଡିଆ ହାଉସ୍ ପକ୍ଷରୁ ଆଲୋଚନାଚକ୍ର

ଗଞ୍ଜାମ,୨୬/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ ମିଡିଆ ହାଉସ୍ ପକ୍ଷରୁ ଶେରଗଡ଼ ଗ୍ରାମପଚାଂୟତ ସମ୍ମିଳନୀ କକ୍ଷରେ ଉପଦେଷ୍ଟା ଡା. ହୃଷୀକେଶ ମହାନ୍ତିଙ୍କ ଅଧକ୍ଷତାରେ 'ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧମର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାମ୍ବାଦିକ ମେଘନାଦ ଦାସ, ବିଚିତ୍ରାନନ୍ଦ ମୁନୀ, ଅଖିଳ କୁମାର ପଟ୍ଟନାୟକ, ଅଜିତ କୁମାର ପଣ୍ଡା, ଶଙ୍କରପ୍ରସାଦ ପ୍ରଧାନ, ଅଶୋକ କୁମାର ଦାଶ, ରମେଶ ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ କୁମାର ମହାନ୍ତି, ଶ୍ରୀପଦ କୁମାର ଦାଶ ଓ ପ୍ରବୀଣ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଡା. ହୃଷୀକେଶ ମହାନ୍ତି ସମସ୍ତଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ପରିଶେଷରେ ଇଂ. ବିଚିତ୍ରାନନ୍ଦ ମୁନୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏକାଦଶ କୁଣ୍ଡିୟ ବିଶ୍ୱଶାନ୍ତି ଅମ୍ବା ଯଜ୍ଞ

ନୂଆପଡା,୨୬/୧୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼ନେ ବ୍ଲକ କରଗାଂମାଳ ନିକଟ ଯୁବାମାଳପଡା ସ୍ଥିତ ଶ୍ରୀ ସତ୍ୟସାଇ ମନ୍ଦିର ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ୯୬ତମ ଜନ୍ମ ଜୟନ୍ତୀ ଅବସରରେ ଏକାଦଶ କୁଣ୍ଡିୟ ବିଶ୍ୱଶାନ୍ତି ଅମ୍ବା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅମ୍ବା ଯଜ୍ଞରେ ପରମ ଯୋଗୀ ସ୍ୱାମୀ ମୁରଲୀ ଧରାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଯଜ୍ଞର ଶୁଭ ଉଦ୍ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଲମ୍ବୋଦର ନିଆଳ ଦୀପ ପ୍ରଜ୍ୱଳନ କରିଥିଲେ । ଏହି ଅବସରରେ ୯୬ କଳସ ଯାତ୍ରା, ସଂକଳ୍ପ ପୂଜା ଓ ନଗର କୀର୍ତନ, ନାରାୟଣ ସେବା, ବେଦ ପାଠ, ହୋମ ଯଜ୍ଞ ଓ ପରେ ସନ୍ଧ୍ୟା ସମୟରେ ୯୬ ଦୀପ ପ୍ରଜ୍ୱଳନ ପୂର୍ବକ ମଙ୍ଗଳ ଆଳତି ଓ ପୂର୍ଣ୍ଣାହୁତି ହୋଇଥିଲା । ଯଜ୍ଞରେ ମୁଖ୍ୟ ପୂଜକ ରୂପରେ ପୁରନ୍ଦର ହୋତା, ଦୟାନିଧି ଯୋଶୀ, ଶ୍ରୀବତ୍ସ ସୂପକାରଙ୍କ ସମେତ ୧୫ ଜଣ ପୂଜକ ବରଣ ହୋଇ ଯଜ୍ଞ କାର୍ଯ୍ୟ ତୁଲାଇ ଥିବାବେଳେ ଏକାଦଶ କୁଣ୍ଡୀୟ ବିଶ୍ୱଶାନ୍ତି ଅମ୍ବା ଯଜ୍ଞରେ ମୁଖ୍ୟକର୍ତ୍ତା ଭାବରେ ଚରଣ ସିଂ ଚିନ୍ଦା ଓ ତାଙ୍କ ଧର୍ମପତ୍ନୀ ତୁଲସେ ଛିନ୍ଦାଙ୍କ ସହ ୧୧ ଜଣ ପତିପତ୍ନୀ କର୍ତ୍ତା ରୂପେ ବ୍ରତୀ ହୋଇଥିଲେ । ଏହି ଅବସରରେ ରୁଦ୍ରାଭିସେକର କର୍ତ୍ତା ଭାବରେ ଦିଲ୍ଲୀପ କୁମାର ପଣ୍ଡାଙ୍କ ସହିତ ତାଙ୍କ ପତ୍ନୀ ରଶ୍ମିରେଖା ପଣ୍ଡା ରହିଥିଲେ । ଦିଲ୍ଲୀପ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅର୍ଜୁନ ଚିଂଦା, ଭଗବାନ ବାଗ, ଦେବାର୍ଚ୍ଚନ ଚିନ୍ଦା, ଆଦମ୍ ଚିନ୍ଦା, ଲବ ମାଝୀ, କମଲ ସିଂ ଚିନ୍ଦା, ହେରମ୍ବ ଚିନ୍ଦାଙ୍କ ସମେତ ଯୁବାମାଳପଡାର ସମସ୍ତେ ସକ୍ରିୟ ସହଯୋଗ କରିଥିଲେ ।

# ମରାମତି ହେଉନି ଭୂତଳ ପାଣି ପାଇପ

ଧର୍ମଶାଳା,୨୬/୧୧ (ନି.ପ୍ର): ସରକାରଙ୍କ ବସୁଧା ଯୋଜନାରେ ପାଣି ପାଇପ କାର୍ଯ୍ୟ ଚାଲିଛି । ତାହା ପୁଣି କଚ୍ଛପ ଗତିରେ । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପାଇପ ଗୁଡିକ ରାସ୍ତା ଉପରେ ରହିଥିବାରୁ ସାଧାରଣ ଲୋକେ ଦୁର୍ଘଟଣାର ଶିକାର ହୋଉଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଉତରପ୍ରତାପ ,ଦେଓଦା ଓ ମଙ୍ଗଳପୁର ପଂଚାୟତରେ । ଏହି ସବୁ ସ୍ଥାନକୁ ଭୁତଳ ପାଇପ ଯୋଗେ ପାଣି ଯୋଗାଇ ଦିଆଯିବା ନେଇ କାର୍ଯ୍ୟ ଚାଲୁ ରହିଛି । ହେଲେ କାର୍ଯ୍ୟ କିଛି ଦିନ ହେବ ବନ୍ଦ ରହିଛି । ନରସିଂହପୁର, ନୀଳକଣ୍ଠପୁର, ଦେଓଦା ଓ ମଙ୍ଗଳପୁର ମୁଖ୍ୟ ରାସ୍ତା କଡରେ ଏହି ପାଣି ପାଇପ ପଡି ରହିଛି । ଫଳରେ ଏହି ପାଇପ ଗୁଡିକ ମୁଖ୍ୟ ରାସ୍ତା ଉପରେ ରହିଥିବାରୁ ହେଲେ ସନ୍ଧ୍ୟା ଓ ରାତି ସମୟରେ ଏହାକୁ ଜାଣି ନ ପାରିବାରୁ ବାଇକ ଓ ସାଇକେଲ ଚାଳକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ଗଲା ସପ୍ତାହ ପୂର୍ବେ ଉତରପ୍ରତାପ ପଂଚାୟତର ନୀଳକଣ୍ଠପୁର ଗ୍ରାମର ଅମ୍ବରିଶ ସାହୁଙ୍କ ପୁଅ ଆୟୁଶ କୁମାର ଏହି ପାଣି ପାଇପରେ ପିଟି ହୋଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ତାଙ୍କ ମୁଣ୍ଡରେ ଗଭୀର ଅଘାତ ଲାଗିଥିବା ବେଳେ ତାଙ୍କୁ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲେ । ହେଲେ ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଏହି ପାଣି ପାଇପ କାର୍ଯ୍ୟ ହୋଇ ନଥିବା ଦେଖିବାକୁ ମିଳିଛି । ତେବେ ଏହି ପାଣି ପାଇପ ମନ୍ଥର କାର୍ଯ୍ୟକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଜଙ୍ଗଲ ସଂରକ୍ଷଣ ଆଇନ- ୧୯୮୦ର ସଂଶୋଧନ ପ୍ରସ୍ତାବ ବାତିଲ୍ ଦାବିରେ ଫୁଲବାଣୀରେ ବିକ୍ଷୋଭ ଓ ସ୍ମାରକପତ୍ର ପ୍ରଦାନ

କନ୍ଧମାଳ,୨୬/୧୧ (ନି.ପ୍ର): ପରିବେଶ ବିଧ୍ୱଂସକାରୀ, ଜନ ବିରୋଧୀ ତଥା ପୁଞ୍ଜିପତିଙ୍କ ସପକ୍ଷରେ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦କୁ ସଂଶୋଧନ କରାଯାଉଛି ବୋଲି ଆଦିବାସୀ ଓ ପାରମ୍ପରିକ ବନବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଆଇନ୍ ସଂଶୋଧନ ମାଧ୍ୟମରେ ଆଦିବାସୀ ଓ ପାରମ୍ପରିକ ବନବାସୀ ମାନଙ୍କୁ ଜଳ, ଜମି ଓ ଜଙ୍ଗଲରୁ ବିସ୍ଥାପିତ କରିବା ସହ ଗ୍ରାମସଭାର ଅଧିକାର କ୍ଷୁର୍ଣ୍ଣ କରିବାକୁ କେନ୍ଦ୍ର ସରକାର ଷଡ଼ଯନ୍ତ୍ର କରୁଛନ୍ତି ବୋଲି କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀରେ ଆୟୋଜିତ ବିକ୍ଷୋଭରେ ବିଭିନ୍ନ ଆଦିବାସୀ ନେତୃମଣ୍ଡଳୀ ଅଭିଯୋଗ କରିଛନ୍ତି । ଜଙ୍ଗଲ ସଂରକ୍ଷଣ ଆଇନରେ ସଂଶୋଧନ ପ୍ରସ୍ତାବକୁ ବାତିଲ୍ କରିବା ସହ ଆଦିବାସୀଙ୍କ ଜୀବନ, ଜୀବିକାର ଦାବି ନେଇ ମର୍ଯ୍ୟାଦାର ସହ ବଂଚିବାର ଅଭିଯାନ (ସି.ଏସ୍.ଡି) ଡାକରାରେ ରାଜ୍ୟବ୍ୟାପୀ ଗଣପ୍ରତିବାଦ ଅବସରରେ ଆଜି କନ୍ଧମାଳ ଜିଲ୍ଲାର ଆଦିବାସୀ ଓ ପାରମ୍ପରିକ ବନବାସୀ ମାନେ ଫୁଲବାଣୀର ମାଦିକୁନ୍ଦା ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ପ୍ରତିବାଦ ପ୍ରଦର୍ଶନ କରିଥିଲେ । ପ୍ରତିବାଦ ପ୍ରଦର୍ଶନ ପରେ କନ୍ଧମାଳ ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ପରିବେଶ, ଜଳବାୟୁ ବିଭାଗ ମନ୍ତ୍ରୀଙ୍କୁ ଏ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଗଣପ୍ରତିବାଦରେ ବିଭିନ୍ନ ଆଦିବାସୀ ଓ ଗଣ ସଂଗଠନ ଯଥା ମର୍ଯ୍ୟାଦାର ସହ ବଂଚିବାର ଅଭିଯାନ ବନବାସୀ ସୁରକ୍ଷା ପରିଷଦ କନ୍ଧମାଳ, ଗୋଷ୍ଠୀ ଜଙ୍ଗଲ ସୁରକ୍ଷା ସଂଗଠନ ଆଦି ନେତୃତ୍ୱ ନେଇଥିଲେ । ମୋଦୀ ସରକାରଙ୍କ ଦ୍ୱାରା ଶ୍ରମ କୋଡରେ ପରିବର୍ତନ, ସୂଚନା ଅଧିକାର ଆଇନର ପରିବର୍ତନ ଭଳି ଆଦିବାସୀଙ୍କୁ ଜଙ୍ଗଲ ଓ ଜମିରୁ ବିସ୍ଥାପିତ କରି ପୁଞ୍ଜିପତିଙ୍କ ହାତକୁ ଜଙ୍ଗଲ ଜମି ଟେକିବା ପାଇଁ ଜଙ୍ଗଲ ସଂରକ୍ଷଣ ଆଇନରେ ସଂଶୋଧନ କରିବା ପାଇଁ ପ୍ରସ୍ତାବ ଆଣିଛନ୍ତି, ଯାହା ଜଙ୍ଗଲ ଅଧିକାର ଆଇନ-୨୦୦୬କୁ ଅକାମୀ କରିଦେବା ପାଇଁ ଉଦ୍ଦିଷ୍ଟ । ଏହି ସଂଶୋଧନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବ୍ୟାପକ ଜଙ୍ଗଲ ଜମିକୁ ପ୍ରଚଳିତ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ ଓ ଜଙ୍ଗଲ ଅଧିକାର ଆଇନ-୨୦୦୬କୁ ସଙ୍କୁଚିତ କରିବା, ପରିବେଶ ବିଧ୍ୱଂସ କରିବା । ଏହି ସଂଶୋଧନ ମାଧ୍ୟମରେ ଗ୍ରାମସଭାର ଅଧିକାରକୁ ଛଡାଇ ନେଇ ଯେପରି ଏହାକୁ ସରକାରୀ ଓ ଘରୋଇ ସଂସ୍ଥାମାନଙ୍କ ହାତକୁ ମାଗଣାରେ ଟେକି ସହଜରେ ବ୍ୟବସାୟ କରି ଆଦିବାସୀ ମାନଙ୍କୁ ଜଙ୍ଗଲ ଜମିରୁ ଉଚ୍ଛେଦ କରିବା ପାଇଁ ଷଡଯନ୍ତ୍ର ରଚାଯାଉଛି । ବହୁ ପ୍ରଜାତିର ଗଛ ଥିବା ଜଙ୍ଗଲକୁ ଧ୍ୱଂସ କରି ଏକକ ପ୍ରଜାତିର ବ୍ୟବସାୟିକ ବୃକ୍ଷରୋପଣ କରି ପ୍ରାକୃତିକ ପରିବେଶ ଓ ଜୈବବିବିଧତାକୁ ନଷ୍ଟ କରିବା ସହ ଆଦିବାସୀଙ୍କ ପାରମ୍ପରିକ ଅଧିକାର ଓ ଜୀବିକାକୁ ପ୍ରଭାବିତ କରିବା ପାଇଁ ଏହି ସଂଶୋଧନ ପ୍ରସ୍ତାବ ଆଣିଛନ୍ତି । ବରଂ ଏହା ବଦଳରେ ସୁନିଶ୍ଚିତ ରୋଜଗାର ଯୋଜନାରେ ବ୍ୟାପକ ଫଳ, ଔଷଧୀୟ ଓ ଅନ୍ୟାନ୍ୟ ଲଘୁଜାତ ଦ୍ରବ୍ୟ ଯୋଗାଉଥିବା ବୃକ୍ଷରୋପଣ କରି ବିକାଶ ଉପରେ ଗୁରୁତ୍ୱ ଦେବାକୁ ସେମାନେ ଦାବି କରିଛନ୍ତି । ଗ୍ରାମ ସଭାର ଅଧିକାରକୁ ସୁରକ୍ଷା କରିବା ସହ ସ୍ଥାନୀୟ ଆଦିବାସୀ ମାନେ ସୁଚାରୁ ରୂପେ ଜଙ୍ଗଲ ପରିଚାଳନା କରିବା ପାଇଁ ଦୀର୍ଘସ୍ଥାୟୀ, ସମତାପୂର୍ଣ୍ଣ ଜୀବନଜୀବିକା, ଖାଦ୍ୟସୁରକ୍ଷା ଯୋଗାଇବା ପାଇଁ ଧ୍ୟାନ ଦେବା ଦରକାର । ଏହି ଗଣ ପ୍ରତିବାଦରେ ସି.ଏସ୍.ଡିର କନ୍ଧମାଳ ଜିଲ୍ଲା ଆବାହକ ବଳଭଦ୍ର ମଳିକ ସରକାରଙ୍କ ପାଖରେ ଦାବି ରଖିଲେ ଯେ, ଜଙ୍ଗଲ ସଂରକ୍ଷଣ ଆଇନରେ ସଂଶୋଧନ ପ୍ରସ୍ତାବକୁ ବାତିଲ କରିବା ସହ ଅନୁସୂଚିତ ଅଂଚଳରେ ଗ୍ରାମସଭାକୁ ସମସ୍ତ ପ୍ରାକୃତିକ ସମ୍ବଳର ସୁରକ୍ଷା, ପରିଚାଳନା ଓ ଉପଯୋଗ ପାଇଁ ପ୍ରତ୍ୟେକ୍ଷ ନିଷ୍ପତିନେବାର କ୍ଷମତାକୁ ସୁଦୃଢ଼ କରାଯାଉ । ସମସ୍ତ ଖଣିଜ ପ୍ରକଳ୍ପ ଅଂଚଳରେ ଗ୍ରାମସଭାକୁ ଖଣିଜ ପ୍ରକଳ୍ପମାନଙ୍କରେ ବିନା ପୁଞ୍ଜିରେ ସମାନ ଅଂଶୀଦାର ରଖିବାକୁ ଆଇନ ପ୍ରଣୟନ କରାଯାଉ । ବନବାସୀ ସୁରକ୍ଷା ପରିଷଦର ଶରତ ମଲ୍ଲିକ, ଉତ୍ସବ ପ୍ରଧାନ ପ୍ରମୁଖ ଦାବି କରିଥିଲେ ଯେ, ଜଳବାୟୁ ପରିବର୍ତନ ଓ ପ୍ରାକୃତିକ ବିପର୍ଯ୍ୟୟ ଭଳି ଭୟଙ୍କର ସମସ୍ୟାର ସମାଧାନ ପାଇଁ ପ୍ରାକୃତିକ ସମ୍ବଳର ଦିଗହରା ଓ ମନମୁଖୀ ଶାସନ ଓ ବ୍ୟବହାର ଯୋଗୁଁ ଦେଶର ପ୍ରାକୃତିକ ପରିବେଶ ଓ ସଭ୍ୟତା ପ୍ରତି ବିପଦ ମାଡି ଚାଲିଛି ।

# ଜିଲ୍ଲା ସଂସ୍କୃତି ଓ କଳାପରିଷଦର ଆଲୋଚନାଚକ୍ର

କୋରେଇ,୨୬/୧୧ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ପୂର୍ତ ବିଭାଗ ଡାକବଙ୍ଗଳା ପରିସରରେ ଓଡିଶା ସଂସ୍କୃତି ଓ କଳା ପରିଷଦ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୧୦ଟି ବ୍ଲକର କର୍ମକର୍ତ୍ତା ମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି । ଏହି ଆଲୋଚନା ଚକ୍ରକୁ ରାଜ୍ୟ ଅଧକ୍ଷ ଲକ୍ଷ୍ମୀଧର ସାହୁ ଏବଂ ମୁଖ୍ୟ ପୃଷ୍ଠପୋଷକ ଡଃ. ପ୍ରଭାତ ରଂଜନ ବିଶ୍ୱାଳ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଜିଲ୍ଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଜିଲ୍ଲା କଳାକାର ସମାବେଶ କରାଯିବାକୁ ନିଷ୍ପତି ନିଆଯାଇଥିଲା । ଆସନ୍ତା ଡିସେମ୍ବର ୫ ତାରିଖ ଏନେଇ ଚଣ୍ଡିଖୋଲ ମହାବିନାୟକ ଠାରେ ବୈଠକ କରାଯିବାକୁ ନିଷ୍ପତି ନିଆଯାଇଥିଲା । କଳାକାର ସମାବେଶ ତଥା କଳାକାରଙ୍କ ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କୁ ଅବଗତ କରିବା ନିମନ୍ତେ ଡଃ. ବିଶ୍ୱାଳ ପ୍ରତିଶୃତି ଦେଇଥିଲେ । କଳାକାର ପରିଷଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ତଥା ମାର୍ଗଦର୍ଶନ ରାଜ୍ୟ ଅଧକ୍ଷ ଶ୍ରୀ ସାହୁ କରିଥିଲେ । ଏହି ଅବସରରେ ଶ୍ରୀ ସାହୁ ଓ ବିଶ୍ୱାଳଙ୍କୁ ଜିଲ୍ଲା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା ।

# ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ନୂଆପଡା,୨୬/୧୧ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଆଂଚଳିକ ସାଧନ କେନ୍ଦ୍ର ଗୋବିନ୍ଦପୁର ଆନୁକୂଲ୍ୟରେ ମହେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଖିଳ ଚନ୍ଦ୍ର ବନ୍ଦିଛୋରଙ୍କୁ ଶିକ୍ଷକତା ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସିଆରସିସି ଅତୁଳ କୁମାର ସୁପକାର ଅଧକ୍ଷତା କରିଥିବା ବେଳେ, ମୁଖ୍ୟଅତିଥି ଭାବରେ ସିନାପାଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉହଳମଣି ଅଗସ୍ତି, ରୁଦ୍ରଶ୍ୱର ମେହେର, ମୁଖ୍ୟବକ୍ତା ଭାବେ ସିନାପାଲି ଶିକ୍ଷକ ସଂଘ ସଭାପତି ପ୍ରସନ୍ନ କୁମାର ମାଝୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଶିକ୍ଷକ ସତ୍ୟବ୍ରତ ଗହୀର, ବାବୁଲାଲ ବାଗ, ବରିଷ୍ଠ ସାମ୍ବାଦିକ ମୋତିଲାଲ ବାଗ ଯୋଗଦେଇ ଉଦବୋଧନ ଦେଇଛନ୍ତି । ବିଶିଷ୍ଟ ଅତିଥି ଭାବରେ ବିଦାୟୀ ଶିକ୍ଷକ ଅଖିଳ ଚନ୍ଦ୍ର ବନ୍ଦିଛୋର ଆସିନଥିଲେ । ବିଦାୟୀ ବରିଷ୍ଠ ଶିକ୍ଷକ ଅଖିଳ ଚନ୍ଦ୍ର ବନ୍ଦିଛୋର ୧୯୮୬ ମସିହାରୁ ଶିକ୍ଷକତା ଜୀବନ ଆରମ୍ଭ କରି ଦୀର୍ଘ ୩୬ ବର୍ଷକାଳ ନିରବଛିନ୍ନ ଭାବରେ ଶହଶହ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିଛନ୍ତି । ଶ୍ରୀ ବନ୍ଦିଛୋର ଜଣେ ସରଳ ନିଷ୍କପଟ ମିଷ୍ଟଭାଷୀ ମେଳାପୀ ସ୍ୱଭାବର ବ୍ୟକ୍ତି ଅଟନ୍ତି । ସେ ଆଜି ଶିକ୍ଷକତା ଜୀବନରୁ ଅବସର ନେଉଥିବାରୁ ନିର୍ଶ୍ଚିତ ଭାବରେ ଶିକ୍ଷକ ସମାଜର ଏକ ଅପୂରଣୀୟ କ୍ଷତି ଘଟିଛି ବୋଲି ବକ୍ତାମାନେ ପ୍ରକାଶ କରିଛନ୍ତି । ଏହି ଅବସରରେ ଶିକ୍ଷକ ଅଖିଳ ଚନ୍ଦ୍ର ବନ୍ଦିଛୋରଙ୍କୁ ଉପଢ଼ୌକନ ମାନପତ୍ର ପ୍ରଦାନ ସହ ତାଙ୍କର ଦୀର୍ଘାୟୁ କାମନା କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଟିକଧର ହରିଜନ, ରୁକ୍ମଣୀ ମାଝୀ, ଅମିତ ଯୋଶୀ, ଯୁଗେଶ୍ୱର ହରିଜନଙ୍କ ସମେତ ଗୋବିନ୍ଦପୁର କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଛନ୍ତି ।

# ରାଉରକେଲାରେ ଭୋଟର ପରିଚୟପତ୍ର ସଂଶୋଧନ ପ୍ରକ୍ରିୟା

ରାଉରକେଲା,୨୬/୧୧ (ନି.ପ୍ର): ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯାଗେରେ ଦୀର୍ଘ ୧ ମାସ ଧରି ଚାଲିଥିବା ଭୋଟର ପରିଚୟ ପତ୍ର ସଂଶୋଧନ, ନୂତନ ପରିଚୟ ପତ୍ର, ଠିକଣା ପରିବର୍ତନ ଆଦିଲାଗି ବିଭିନ୍ନ ବିଦ୍ୟାଳୟରେ କିଛି କର୍ମଚାରୀଙ୍କୁ ନେଇ କାମ ଚାଲିଛି, ହେଲେ ସାଧାରଣ ଲୋକେ ଏହି ସବୁ କାମ ଲାଗି ସେଠାକୁ ଯାଉଥିବା ବେଳେ ସେଠାରେ ବସୁଥିବା ଶିକ୍ଷକ ମାନେ ସେମାନଙ୍କୁ ଅନଲାଇନରେ କରାଇ ନିଅନ୍ତୁ ଏଠି ଭାରି ଝମେଲା, କାମ ହୋଇନପାରେ କହି ନିକଟସ୍ଥ ବିଭିନ୍ନ କାଉଁଟରକୁ ପଠାଇଦେଉଥିବାର ଅଭିଯୋଗ ହେଉଛି । ଏନେଇ ଲୋକେ କାହାକୁ ଅଭିଯୋଗ କରିବେ ଜାଣି ନପାରି କାନ ମୁଣ୍ଡ ଆଉଁସି ନିକଟସ୍ଥ ଇଂଟରନେଟ ସେଂଟରକୁ ଯାଇ ଏସବୁ କାମ କରାଇ ଅଯଥା ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହୋଇଛି । ଏଭଳି ଆର୍ଥିକ ଶୋଷଣର ଶୀକାର ଲାଗି ଲୋକେ ଜିଲ୍ଲା ପ୍ରଶାସନକୁ ଦାୟୀ କରିଛନ୍ତି । ଅନୁସନ୍ଧାନରୁ ଜଣାପଡିଛି ଯେ, ଏହି ସବୁ କାମ କରିବା ଲାଗି ଭୋଟର ମାନଙ୍କୁ ନିକଟସ୍ଥ ବୁଥକୁ ଯାଇ ନଭେମ୍ବର ମାସ ୧ ତାରିଖରୁ ୩୦ ତାରିଖ ଭିତରେ ନିଜ ନିଜର ସଂଶୋଧନ କରାଇନେବା କଥା, ମାତ୍ର ଦୁଃଖର ବିଷୟ ଯେ, ଏନେଇ ପ୍ରଚାର ପ୍ରସାର ସଂପୃକ୍ତ ଅଂଚଳରେ ସଠିକ ଭାବେ କରାଯାଇ ନାହିଁ । ଯଦିଓ କେହି କୌଣସି ସୂତ୍ରରୁ ଜାଣି ନିକଟସ୍ଥ ବିଦ୍ୟାଳୟକୁ ଯାଉଛି ସେଠି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନପାଇ ଫେରୁଛି । ଯଦି କେବେ ଅଧିକାରୀ ମାନେ ଦେଖା ହୋଇ ଯାଉଛନ୍ତି ସେତେବେଳେ ଲୋକଙ୍କୁ ପରାମର୍ଶ ଦେଉଛନ୍ତି ପାଖ ଇଂଟରନେଟ କାଫେରେ କରାଇ ନିଅନ୍ତୁ ସୁବିଧା ହେବ । ଆମ ପାଖରେ ଡେରି ହେବ ଅଯଥାରେ ହଇରାଣ ହେବାକୁ ପଡିବ । ପରେ ଲୋକେ ଇଂଟରନେଟ କାଫେ ଗୁଡିକରେ ଭିଡ଼ ଲଗାଉଛନ୍ତି, ତା ପରେ ଦୋକାନୀର ମୁହଁକୁ ଯାହା ଟଙ୍କା ଆସିଲା ତାହା ଦାବି କରି ବିଚରା ଭୋଟର ଠାରୁ ଲୁଟୁଥିବା ଅଭିଯୋଗ ହେଉଛି । ଭୋଟର ତାଲିକା ସଂଶୋଧନ, ନୂଆ କାର୍ଡ କରିବା ଆଦି ଲାଗି ବିଗତ ୧ ମାସ ଭିତରେ ଇଂଟରନେଟ କାଫେ ବାଲା ଭଲ ଦୁଇପଇସା କମେଇଥିବା ବେଳେ ଦାୟିତ୍ୱରେ ଥିବା କର୍ମଚାରୀ ମାନେ ଡ୍ୟୁଟି ଆଳରେ ଭଲଫାଇଦା ମାରିଥିବା କୁହାଯାଉଛି । ଏଭଳି ଅବ୍ୟବସ୍ଥା ଯୋଗୁ ରାଉରକେଲାରେ ଲୋକେ ନାନା ଅସୁବିଧାରେ ପଡିବା ସହ ଅନେକ ଲୋକ ଏହି ସମୟରେ ନିଜ ନିଜର କାମ କରାଇ ପାରିନଥିବା ଅଭିଯୋଗ ହୋଇଛି । ମାସେ ପୁରିବାକୁ ବସିଲା ହେଲେ ସରକାରଙ୍କର ଏହି ସୁବିଧାକୁ ସରକାରୀ ସ୍ତରରୁ ଲୋକେ ସାହାଯ୍ୟ ପାଇଲେ ନାହିଁ । ଅନେକ ଭୋଟର ଏବେବି ରହିଛନ୍ତି ଯୋଉଁମାନେ ନିଜ ନିଜର ଭୋଟର ଆଇଡି ସଂଶୋଧନ କରିପାରି ନାହାନ୍ତି । ତେଣୁ ରାଜ୍ୟ ନିର୍ବାଚନ କମିଶନ ଓ ସରକାର ଏ ଦିଗରେ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ବେଳାଭୂମିରେ ମିଲ୍କମ୍ୟାନଙ୍କ ବାଲୁକା ମୂର୍ତି ନିର୍ମାଣ

ପୁରୀ,୨୬/୧୧ (ନି.ପ୍ର): ଭାରତର ମିଲ୍କମ୍ୟାନଙ୍କ ୧୦୦ ବର୍ଷ ଜନ୍ମ ଜୟନ୍ତୀ ଉପଲକ୍ଷେ ପୁରୀ ହୋଟେଲ ସମ୍ମୁଖ ବେଳାଭୂମିରେ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ରଞ୍ଜନ ଗାଙ୍ଗୁଲିଙ୍କ ଦ୍ୱାରା ବାଲୁକା କଳା ନିର୍ମିତ କରାଯାଇଛି । ଭାରତର ମିଲ୍କମ୍ୟାନ ଡ଼ା. କୁରିଏନଙ୍କ ୧୦୦ ତମ ଜନ୍ମ ବାର୍ଷିକ ଓ ଅମୁଲର ୭୫ତମ ବର୍ଷ ଦୁଗ୍ଧ ଏବଂ ଉନ୍ନତିର ଦିବସ ପାଳନ ଅବସରରେ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ଶ୍ରୀ ଗାଙ୍ଗୁଲିଙ୍କ ଦ୍ୱାରା ପୁରୀ ସମୁଦ୍ର ବେଳାଭୂମିରେ ଏହି ବାଲୁକା କଳା ନିର୍ମିତ ହୋଇଅଛି । ଅମୁଲର ଭୁବନେଶ୍ୱର ଶାଖା ସଂଚାଳକ ଶୁଭାଶିଷ ରାଉତ ତଥା ଶାଖାର ଅନ୍ୟ ସହଯୋଗୀ ମାନେ ଏବଂ ଅମୁଲ୍ ର ପୁରୀ ଡିଷ୍ଟ୍ରିବୁଟର ବିଜୟ କୁମାର ସୁବୁଦ୍ଧିଙ୍କ ମିଳିତ ଉଦ୍ୟମରେ ଏହି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ।

# ମୟୂରଭଂଜ : ଜିଲ୍ଲାସ୍ତରୀୟ ଖରିଫ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ କମିଟି ବୈଠକ

ମୟୂରଭଂଜ,୨୬/୧୧ (ନି.ପ୍ର): ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶାନୁସାରେ ଚଳିତ୨୦୨୧-୨୨ବର୍ଷ ପାଇଁ ମୟୂରଭ ଜିଲ୍ଲାର ଚାଷୀମାନଙ୍କ ଠାରୁ ଖରିଫ ଧାନ କିଣା ଯିବା ସକାଶେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ନିତୀନିର୍ଧାରଣ କମିଟି ବୈଠକ ତା.୨୪.୧୧.୨୦୨୧ ରିଖ ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ବିନୀତ୍ ଭରଦ୍ୱାଜ,ଭା.ପ୍ର.ସେଙ୍କ ଅଧ୍ୟକ୍ଷତାରେ ବାରିପଦା ପ୍ରୟାସ ହଲ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଅନୁଷ୍ଠିତ ଉକ୍ତ ବୈଠକରେ ଯଶିପୁର ବିଧାୟକ ଗଣେଶରାମ ସିଂ ଖୁଂଟିଆ, ଜିଲ୍ଲା ଗ୍ରାମଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପି. ଅନ୍ୱେଷା ରେଡ୍ଡି, ଭାପ୍ରସେ, ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ, ରାଇରଙ୍ଗପୁର ଉପଜିଲ୍ଲାପାଳ ସରୋଜ କୁମାର ଦାସ, ଉଦଳା ଉପଜିଲ୍ଲାପାଳ ଭଗବାନ ବେହେରା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ପାଢୀ, ଡିଆରସିଏସ୍ ଦମୟନ୍ତୀ ସିଂ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବିନ୍ଦ୍ର କୁମାର ଖଟୁଆ ପ୍ରମୁଖଙ୍କ ସମେତ ଜିଲ୍ଲାର ସମସ୍ତ ଅତିରିକ୍ତ / ସହକାରୀ ଯୋଗାଣ ଅଧିକାରୀ, ସଂପୃକ୍ତ ବିଧାୟକ / ସାଂସଦଙ୍କ ପ୍ରତିନିଧି, ଜିଲ୍ଲାର ମିଲରସ୍ ଓ ଚାଷୀ ପ୍ରତିନିଧି ମାନେ ଅଂଶ ଗ୍ରହଣ କରି ଚଳିତ ୨୦୨୧-୨୨ ଖରିଫ ଋତୁରେ ଜିଲ୍ଲାର ପିଂକୃତ ଚାଷୀମାନଙ୍କ ଠାରୁ ଖରିଫ ଧାନ ସଂଗ୍ରହ / କ୍ରୟ ପାଇଁ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶିତ ନିତୀ ନିର୍ଦ୍ଦେଶାବଳୀ ଅନୁସାରେ ସଂପର୍କୀତ କାର୍ଯ୍ୟକ୍ରମ ପ୍ରସ୍ତୁତି ଉପରେ ସବିଶେଷ ଆଲୋଚନା କରିଥିଲେ । ସରକାରଙ୍କ ନିର୍ଦ୍ଦେଶାନୁସାରେ ଚଳିତ ବର୍ଷ ଜିଲ୍ଲାରୁ ପ୍ରଥମ ପର୍ଯ୍ୟାୟରେ ୧୪ ଲକ୍ଷ ୨୬ ହଜାର ୪୭୦ କ୍ୟୁଣ୍ଟାଲ୍ ଖରିଫ ଧାନ ସଂଗ୍ରହ କରାଯିବାର ଲକ୍ଷ ଧାର୍ଯ୍ୟ କରାଯାଇଛି । ଚଳିତ ବର୍ଷ ଚାଷୀମାନଙ୍କ ଠାରୁ ଧାନ କ୍ରୟ କରାଯିବା ପାଇଁ ଅନଲାଇନରେ ଚାଷୀ ନିଜର ପରିଚୟ ପତ୍ର, ଚାଷଜମି ପରିମାଣ / ବଳକା ଧାନ ବିକ୍ରୟ କରିବା ପରିମାଣ ଆଦି ସବିଶେଷ ତଥ୍ୟ ସମ୍ବଳିତ ପ୍ରଦାନ କରାଯିବାକୁ ପରାମର୍ଶ ଦିଆଯାଇଛି । ଏଥି ପାଇଁ ଅଦ୍ୟାବଧି ୭୧,୯୭୦ଜଣ ଚାଷୀ ଲ୍ୟାମ୍ପ, ସମବାୟ ସମିତି ମାଧ୍ୟମରେ ନାମ ପିଂକୃତ କରିଥିବା ଜଣାଯାଇଛି । ଜିଲ୍ଲାରେ ଖରିଫ ଧାନ ସଂଗ୍ରହ କାର୍ଯ୍ୟକ୍ରମର ସୁପରି ଚଳନା ପାଇଁ ଜିଲ୍ଲା ଯୋଗାଣ, ଆର୍ଏମ୍ସି ଏବଂ ଡିଆର୍ସିଏସ୍ ବିଭାଗ ତତ୍ୱାବଧାନରେ ଜିଲ୍ଲାରେ ଥିବା ୫୨ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ), ଲ୍ୟାମ୍ପସ୍ ଜରିଆରେ ଚାଷି ମାନଙ୍କ ସୁବିଧା ପାଇଁ ଜିଲ୍ଲାର ସମସ୍ତ ବ୍ଲକ ଅଂଚଳରେ ଖୋଲାଯାଇଥିବା ମୋଟ୍ ୧୦୧ଟି ଧାନ କ୍ରୟ କେନ୍ଦ୍ର(ମଣ୍ଡି)ମାନଙ୍କରେ ଆସ'ା ଡିସେମ୍ବର ମାସ ୨୭ ତାରିଖରୁ ଚାଷୀ ମାନଙ୍କ ଠାରୁ ଧାନକ୍ରୟ / ସଂଗ୍ରହ କରାଯିବ । ଚଳିତ ବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଧାନର ସହାୟକ ମୂଲ୍ୟ ଯଥାକ୍ରମେ ଏଫ୍ଏକ୍ୟୁ ଗ୍ରେଡ ସାଦାରଣ ମାନ ଧାନର ମୂଲ୍ୟ କ୍ୟୁଣ୍ଟାଲ ପ୍ରତି ୧୯୪୦ ଟଙ୍କା ଏବଂ ଏଫଏକ୍ୟୁ ଗ୍ରେଡ ଏ ମାନ ଧାନର ମୂଲ୍ୟ କ୍ୟୁଣ୍ଟାଲ ପ୍ରତି୧୯୬୦ଟଙ୍କା ଧାର୍ଯ୍ୟ କରାଯାଇଛି । ଧାନ ବିକ୍ରୟ ନିମ'େ ଚାଷୀମାନେ ପିଂକୃତ କରିଥିବା ନିଜର ପରିଚୟ ପତ୍ର ସଂଗରେ ଆଣିବା ପାଇଁ ପରାମର୍ଶ ଦିଆଯାଇଛି । ଚାଷୀ ମାନଙ୍କ ପାଖକୁ ଯେଉଁ ତାରିଖ ଧାନବିକ୍ରୟ ପାଇଁ ଟୋକେନ ମେସେଜ ଯାଇଥିବ କେବଳ ସେହି ଚାହୀମାନେ ହିଁ ସେଦିନ ଦାନ ବିକ୍ରୟ କରିପାରିବେ । ସେହିଦି ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ ଆଇରିସ୍ ସ୍କାନର (ଆଖି ସ୍କାନ) ଓ ମେଟ୍ରିକ ପଦ୍ଧତିରେ ପି. ପାସ ଅନଲାଇନ ଜରିଆରେ ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ / କ୍ରୟ କରାଯିବ । ବିକ୍ରୟ ଧାନର ସହାୟକ ମୂଲ୍ୟ ଚାଷୀଙ୍କ ପଂଜିକୃତ ବ୍ୟାଙ୍କ ପାସ ବହିରେ ୨୪ରୁ ୪୮ ଘଂଟା ମଧରେ ଅନଲାଇନ ମାଧ୍ୟମରେ ପ୍ରଦାନ କରାଯିବ । ଏଥିପାଇଁ ନର୍ଦ୍ଧାରିତ ଥିବା ନିର୍ଦ୍ଦେଶାବଳୀକୁ କଡାକଡି ଭାବେ ପାଳନ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଗୁରୁତ୍ୱାରୋପ କରିବା ସହିତ ଚାଷୀଙ୍କ ଆପତି ଅଭିଯୋଗ ଉପରେ ତୁରିତ୍ୱ ସମାଧାନ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେଇ କାର୍ଯ୍ୟକ୍ରମ ସୁପରିଚାଳନା କରିବାକୁ ସୃପୃକ୍ତ ବିଭାଗ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ନିର୍ଦ୍ଧାରିତ ଥିବା ସମସ୍ତ ଧାନ କ୍ରୟ କେନ୍ଦ୍ର(ମଣ୍ଡି)ର ସୁପରିଚାଳନା ପାଇଁ ଜିଲ୍ଲା / ଉପଖଣ୍ଡ ସ୍ତରୀୟ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ତତ୍ୱାବଧାନରେ ଜିଲ୍ଲା ଯୋଗାଣ ବିଭାଗ / ଡିଆର୍ସିଏସ୍ / ଆରଏମସି /ଲ୍ୟାମ୍ପ ବିଭାଗୀୟ କ୍ଷେତ୍ର ଅଧିକାରୀ ମାନଙ୍କ ସମନ୍ନୟ ରକ୍ଷାକରି କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ପରାମର୍ଶ ଦିଆଯାଇଛି । ଦାନ କ୍ରୟ ସମ୍ପର୍କରେ ଚାଷୀ ମାନଙ୍କୁ ଦାନର ଗୁଣାତ୍ମକ ମାନ ସମ୍ପର୍କିତ ବ୍ୟାନର, ପୋଷ୍ଟର, ପ୍ରଚାରପତ୍ର, ହ୍ୱାଟସ୍ଆପ ଗ୍ରୁପ ଏସଏମଏସ ଜରିଆରେ ସୂଚନା ଦିଆଯିବାର ବ୍ୟବସ୍ଥା କରଯାଇଛି ।

## ଭାରତୀୟ ମଜଦୁର ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ବହଳଦା ଓ ତିରିଂ ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ରାଇରଙ୍ଗପୁର,୨୬/୧୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବହଳଦା ବ୍ଲକ ଓ ତିରିଂ ବ୍ଲକ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ବିଭିନ୍ନ ଦାବିନେଇ ଦାବିପତ୍ର ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘ ପକ୍ଷରୁ ଜିଲ୍ଲା ସଭାପତି ନିଗମାନନ୍ଦ ପଟ୍ଟନାୟକ, ତିରିଂ ବ୍ଲକ ସଭାପତି ଅରୁଣ କୁମାର ଦତ୍ତ ଓ ବହଳଦା ବ୍ଲକ ସମ୍ପାଦିକା ମମତା ବେହେରା'ଙ୍କ ନେତୃତ୍ୱରେ ରାଜ୍ୟର ସମସ୍ତ ଅସଂଗଠିତ କ୍ଷେତ୍ରର ଶ୍ରମିକ ମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବା ସହ ସରକାରଙ୍କ ଦ୍ୱାରା ଗଠିତ ଅଣସଂଗଠିତ ଶ୍ରମିକ ସାମାଜିକ ବୋର୍ଡକୁ ଯଥେଷ୍ଟ ସରକାରୀ ପାଣ୍ଠି ଯୋଗାଇ ଦିଆଯିବା ଏବଂ ସମସ୍ତ ଶ୍ରମିକ ମାନଙ୍କ ଚିକିତ୍ସା ନିମନ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ତଥା ଆୟୁଷ୍ମାନ ଯୋଜନା ଅନୁସାରେ ସ୍ମାର୍ଟ କାର୍ଡ ଯୋଗାଇ ଦିଆଯିବା । ପ୍ରବାସୀ ଶ୍ରମିକ ବହୁଳ ରାଜ୍ୟ ହୋଇଥିବାରୁ ରାଜ୍ୟର ସମସ୍ତ ଶ୍ରମିକ ମାନଙ୍କୁ ପଞ୍ଜିକରଣ କରାଯାଇ ପରିଚୟ ପତ୍ର ପ୍ରଦାନ ସହ ରାସନ କାର୍ଡ ଯୋଗାଇ ଦିଆଯିବା । ସମସ୍ତ ଆଶା ଓ ଅଙ୍ଗନଓ୍ୱାଡି କର୍ମଚାରୀଙ୍କୁ ସରକାରୀ ଚାକିରୀ ମାନ୍ୟତା ପ୍ରଦାନ କରାଯିବା । ରାଜ୍ୟର ଶ୍ରମ ବିଭାଗରେ ଖାଲି ପଡିଥିବା ସମସ୍ତ ପଦବୀ ପୂରଣ ସହିତ ନୂତନ ନିଯୁକ୍ତି ଦିଆଯିବା ଇତ୍ୟାଦି ଦାବି ସମ୍ବଳିତ ଦାବିପତ୍ର ତିରିଂ ବ୍ଲକ ଉନ୍ନୟନ ଅଧିକାରୀ ଜ୍ୟୋତିର୍ମୟୀ ପ୍ରଧାନ ଓ ବହଳଦା ବ୍ଲକ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ନାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଲାଖିଆ ଟୁଡୁ, ଗୁରୁଚରଣ ପାତ୍ର, ରାଧେଶ୍ୟାମ ପାତ୍ର, ପଙ୍କଜିନୀ ମଣ୍ଡଳ, ଲକ୍ଷ୍ମୀପ୍ରିୟା ଲେଙ୍କା, ଆଲୋଚନା ସାହୁ, କନକଲତା ମହାନ୍ତ, ହିରାମଣୀ ହାଁସଦାଃ, ବିଷ୍ଣୁପ୍ରିୟା ମହାନ୍ତ, ରାନୀ ଟୁଡୁ ପ୍ରମୁଖଙ୍କ ସମେତ ବହୁ ଅଙ୍ଗନଓ୍ୱାଡି କର୍ମି ଓ ଆଶାକର୍ମୀ ଉପସ୍ଥିତ ରହିଥିଲେ ।

# ସାମାଜିକ ଜୀବନର ସ୍ମାରକୀ ପ୍ରଥମାଷ୍ଟମୀ




ଡକ୍ଟର ଲକ୍ଷ୍ମଣ ସାହୁ


ଓଡ଼ିଶା ଏକ ପୂଜାପାର୍ବଣର ରାଜ୍ୟ । ଏହାର ଆରାଧଦେବତା ଜଗତର ନାଥ ଶ୍ରୀଜଗନ୍ନାଥ । ଓଡ଼ିଶାବାସୀଙ୍କ ସୁଖ-ଦୁଃଖର ସାଥି ସେ କାଳିଆ କଳାସାଆନ୍ତ । ଭକ୍ତର ସେ ସିନା ବଡ଼ଠାକୁର, କିନ୍ତୁ ଅସଲରେ ସେ ବନ୍ଧୁ ପଣରେ ବନ୍ଧା । ମାନବିକତା ଗୁଣାବଳୀ ତାଙ୍କ ନିକଟରେ ପ୍ରତିଫଳିତ । ଅସହାୟ ଓଡ଼ିଆଙ୍କ ମନର କଥା ସବୁ ଶୁଣି, ଦୁଃଖ ଦୂର କରନ୍ତି । ମଣିଷ ଭଳି ଲୀଳା କରି ସେ ଓଡ଼ିଆମାନଙ୍କର ଅତି ଆପଣାର ପୁରୁଷୋତ୍ତମ ବୋଲାଇଛନ୍ତି । କେଉଁ ଅନାଦି କାଳରୁ ଓଡ଼ିଆମାନେ ତା'ଙ୍କୁ ନିଜର ଇଷ୍ଟଦେବ ଭାବେ ଗ୍ରହଣ କରି ନେଇଛନ୍ତି । ତେଣୁ ଶ୍ରୀମନ୍ଦିରରେ ପାଳିତ ହେଉଥିବା ମହାପ୍ରଭୁଙ୍କର ସମସ୍ତ ପର୍ବପର୍ବାଣି ଓ ଉତ୍ସବାଦି ମଧ୍ୟରୁ ପ୍ରଥମାଷ୍ଟମୀ ଓଡ଼ିଆମାନେ ଶ୍ରଦ୍ଧାର ସହିତ ନିଜଘରେ ପାରମ୍ପରିକ ରୀତିରେ ପାଳନ କରିଥାନ୍ତି ।

ଏହି ପ୍ରଥମାଷ୍ଟମୀ ଅଥବା ପଢୁଆଁଷ୍ଟମୀ, ପୋଢୁଆଁଷ୍ଟମୀ ମାର୍ଗଶିର ମାସ କୃଷ୍ଣ ପକ୍ଷର ଅଷ୍ଟମୀ ତିଥି ଦିନ ପାଳନ କରାଯାଇଥାଏ । ସେହି ପ୍ରଥମାଷ୍ଟମୀ ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀକୁ 'ପ୍ରଥମାଷ୍ଟମୀ' କୁହାଯାଏ । ଓଡ଼ିଆ ପଞ୍ଜିକା ଅନୁସାରେ ମାର୍ଗଶୀର ମାସକୁ ବର୍ଷର ଆଦ୍ୟମାସ ବା ପ୍ରଥମମାସ ଭାବରେ ଗଣନା କରାଯାଏ । ସେଥପାଇଁ 'ମାର୍ଗଶିର' ମାସକୁ 'ଅଗ୍ରହାୟଣ ମାସ' ବୋଲି କୁହାଯାଇଥାଏ । ବର୍ଷର ପ୍ରଥମମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ କୁହାଯାଏ । ଓଡ଼ିଶାର ଏହା ଏକ ପାରମ୍ପରିକ ପର୍ବ । ପ୍ରତ୍ୟେକ ଓଡ଼ିଆ ଏହାକୁ ସୌଭାଗ୍ୟ ମନେକରି ନିଜ ଜ୍ୟେଷ୍ଠ ସନ୍ତାନ/ସନ୍ତତିଙ୍କ ମଙ୍ଗଳ କାମନା କରି ପୂଜାର୍ଚ୍ଚନା କରିଥାନ୍ତି । ଏହା ସୌଭାଗିନୀ ଅଷ୍ଟମୀ, କାଳ ଭୈରବାଷ୍ଟମୀ ବା ପାପ-ନାଶିନୀ ଅଷ୍ଟମୀ ଭାବେ ମଧ୍ୟେ ନାମିତ । ଅତୀତରେ, ମାର୍ଗଶିର ମାସକୁ ବର୍ଷର ଆଦ୍ୟ ମାସ ବା ପ୍ରଥମ ମାସ ବୋଲି ଗଣନା କରାଯାଇ, ଏହି ମାସରୁ ବର୍ଷାରମ୍ଭ ହେଉଥିଲା । ତେଣୁ ବର୍ଷର ପ୍ରଥମ ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ ବୋଲି କୁହାଯାଇଅଛି । ଏ ଦିନ ବଂଶର ପ୍ରଥମ ଜାତ ସନ୍ତାନ, ପୁଅ ବା ଝିଅଙ୍କୁ ନୂଆ ପୋଷାକ ପିନ୍ଧାଇ, ବନ୍ଦାପନା କରାଯାଏ ।

ପରିବାରର ଜ୍ୟେଷ୍ଠ ସନ୍ତାନର ସୁଖ ସମୃଦ୍ଧି ଓ ଦୀର୍ଘ ଜୀବନ କାମନା ପାଇଁ ପୂଜାବିଧି ଅନୁଷ୍ଠିତ ହୋଇଥାଏ । ଏହି ଦିନ ସେମାନଙ୍କର ଦୀର୍ଘଜୀବନ କାମନା କରି ମାଆମାନେ ଷଠୀ ଦେବୀଙ୍କର ପୂଜା ଅର୍ଚ୍ଚନା କରିଥାନ୍ତି । ପଞ୍ଚପଲ୍ଲବ ଓ ପଞ୍ଚଶସ୍ୟରେ କଳସପୂଜା ଓ ବରୁଣ ପୂଜା ହୋଇଥାଏ । ଓଡ଼ିଆ ପରମ୍ପରା ଅନୁଯାୟୀ ପ୍ରଥମାଷ୍ଟମୀ ଦିନ ଜ୍ୟେଷ୍ଠ ସନ୍ତାନଙ୍କୁ ପ୍ରଥମେ ସ୍ନାନ କରାଇ ନୂତନ ବସ୍ତ୍ର ପିନ୍ଧାଇ ଦିଆଯାଏ । ପରେ ଦିଅଁଙ୍କ ଆଗରେ ପିଢ଼ା ଉପରେ ବସାଇ ଦୁଇ କାନରେ ଫୁଲ ଓ ମୁଣ୍ଡରେ ଚନ୍ଦନ ଲଗାଇ ଦୁବ, ବରକୋଳି ପତ୍ର ଓ ହଳଦୀମିଶା ଚାଉଳ ମିଶାଇ ସେଥିରେ ମା' ମାନେ ତା'ଙ୍କୁ ବନ୍ଦାପନା କରନ୍ତି । ବନ୍ଦାପନା ପରେ ଜ୍ୟେଷ୍ଠ ସନ୍ତାନ ଷଠୀ ଦେବୀଙ୍କୁ ମୁଣ୍ଡିଆ ମାରିବା ସହିତ ପିତାମାତାଙ୍କୁ ଓ ଗୁରୁଜନମାନଙ୍କୁ ପ୍ରଣାମ କରି ଆଶୀର୍ବାଦ ଭିକ୍ଷା କରନ୍ତି । ପରିବାରର ଜ୍ୟେଷ୍ଠ ପୁତ୍ର ବା ଜ୍ୟେଷ୍ଠା କନ୍ୟାର ନୂତନ ବସ୍ତ୍ର ପରିଧାନ ଓ ବନ୍ଦାପନା ହେବାର ଏହି ବିଶେଷ ବିଧିକୁ 'ପଢୁଆଁ ହେବା' କହିଥାନ୍ତି । 'ପଢୁଆଁ' ଶବ୍ଦଟି 'ପ୍ରଥମା'ର ଅପଭ୍ରଂଶ ହୋଇଛି ।

ପ୍ରଥାନୁଯାୟୀ ଏହି ଦିନ ଜ୍ୟେଷ୍ଠ ସନ୍ତାନ ପିନ୍ଧୁଥିବା ନୂତନ ବସ୍ତ୍ର ବିଶେଷ କରି ମାମୁଁ ଘରୁ ଆସିଥାଏ । ଏହିଦିନ ମାମୁଁମାନେ ନୂଆଲୁଗା, ମିଷ୍ଟାନ୍ନ ଓ ଅନ୍ୟାନ୍ୟ ସାମଗ୍ରୀ ସହ ଭଣଜା ଭାଣିଜୀ ଘରକୁ ଯାଇ ପଢୁଆଁ କରନ୍ତି । ଏଥିପାଇଁ ମାମୁଁଙ୍କୁ ଅତ୍ୟନ୍ତ ଶ୍ରଦ୍ଧା ଓ ପରିହାସରେ କେହି କେହି ଅଷ୍ଟମୀ ବନ୍ଧୁ ବୋଲି କୁହନ୍ତି । ଧନୀ ହେଉ କି ଗରିବ ହେଉ ଏହି ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଘରର ଜ୍ୟେଷ୍ଠପୁତ୍ର ବା ଜ୍ୟେଷ୍ଠକନ୍ୟାକୁ ନୂଆ ଲୁଗାପଟା ବାପ ମାଆମାମନେ ପିନ୍ଧେଇଥ ଅହେତୁକ ଖୁସି ହୋଇଥାନ୍ତି । ପ୍ରଥମାଷ୍ଟମୀରେ ପାରମ୍ପରିକ ରୀତିନୀତି, ସାମାଜିକ ଓ ପାରିବାରିକ ବନ୍ଧନ, ଶୃଙ୍ଖଳା ଓ ଆଦର୍ଶବୋଧ ଅତିମାତ୍ରାରେ ନିହିତ ଅଛି । ସାଧାରଣତଃ ଜ୍ୟେଷ୍ଠପୁତ୍ର, ପରିବାରରେ ପିତା ସମାନ । ପିତାଙ୍କ ଅନ୍ତେ ବା ଅନୁପସ୍ଥିତିରେ ଘର ଚଳାଇବା ଓ ଛୋଟ ଭାଇ ଭଉଣୀମାନଙ୍କୁ ପ୍ରତିପୋଷଣ କରିବା ଦାୟିତ୍ୱ ଜ୍ୟେଷ୍ଠ ପୁତ୍ର ଉପରେ ପଡ଼ିଥାଏ । ଘରର ମୁରବି ପଣର ଦାୟିତ୍ୱ ତା' ଉପରେ ରହେ । ଯାହା ଫଳରେ ତା'କୁ ସମସ୍ତେ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରଥମାଷ୍ଟମୀ ଓ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ପୂଜା ବନ୍ଦାପନା କରିବାର ବିଧି କେଉଁ ଆବାହମାନ କାଳରୁ ଆମ ସମାଜରେ ପ୍ରଚଳିତ ହୋଇ ଆସୁଛି ।

ଶିଶିର ବିନ୍ଦୁର ମୁକ୍ତା ଝଲମଲ ଓଢ଼ଣୀ ଟାଣି ଧରଣୀ ରାଣୀ ଯେତେବେଳେ ମଗୁଶୀରକୁ କୋଳରେ ଧରିଥାଏ, ସେତିକି ବେଳେ ବର୍ଷକର ବହୁ ପ୍ରତିକ୍ଷିତ ପ୍ରଥମାଷ୍ଟମୀ ମଗୁଶୀରର କୃଷ୍ଣପକ୍ଷର ଅଷ୍ଟମୀ ତିଥିରେ ଉତ୍କଳ ଭୂମିରେ ପାଳିତ ହୁଏ । ସତରେ ଓଡ଼ିଶା ମାଟିରେ ପର୍ବ ଭିତରେ ଏହା ଏକ ନିଆର ପର୍ବ । ହଳଦି ପତ୍ରରେ ଏଣ୍ଡୁରି ପିଠାର ବାସ୍ନା ମନକୁ ଛୁଇଁ ଯାଉଥିବା ବେଳେ ସାରୁ, ମାଟିଆଳୁ, ମୂଳା, ବାଇଗଣ, କୋଶଳା ଶାଗ ତିଅଣରେ ଗରିବ ଠୁ ଧନୀକ ପରିବାର ଭିତରେ ଛୋଟିଆ ମହୋତ୍ସବ ଚାଲେ । ମାମୁଁ ମାଇଁଙ୍କ ଆଗମନରେ ଛୋଟ ଆସର ଘରେ ଘରେ ଉଲ୍ଲାସର ବାତାବରଣ ସୃଷ୍ଟି କରେ । ଏହି ଏଣ୍ଡୁରି ପିଠା ପାଇଁ ହଳଦୀ ପତ୍ରର ବ୍ୟବହାର ମଧ୍ୟ ଅନ୍ୟ ଏକ ବିଶେଷତ୍ୱ । ଅନ୍ୟ କୌଣସି ପିଠାରେ ହଳଦୀ ପତ୍ର ବ୍ୟବହୃତ ହୁଏନାହିଁ । କେବଳ ପ୍ରଥମାଷ୍ଟମୀ ଉପଲକ୍ଷେ ଗୁଡ଼ ନଡ଼ିଆ ପୁର ଦିଆ ଯାଇ ଏଣ୍ଡୁରି ପିଠା ହଳଦୀ ପତ୍ରରେ ହେବା ପାଇଁ ପ୍ରସିଦ୍ଧ ଅଟେ ।

ପ୍ରଥମାଷ୍ଟମୀରେ ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ଗୋଟିଏ ଯାତ୍ରା ଦିବସ । ଲିଙ୍ଗରାଜ ମହାପ୍ରଭୁ ପଢୁଆଁ ହେବା ପାଇଁ ଏହିଦିନ ତାଙ୍କ ମାମୁଁଘର ରୂପେ ପରିଚିତ 'କପାଳିମଠ'କୁ ଯାତ୍ରା କରନ୍ତି । ଏହିମଠର ଆରାଧ୍ୟ ଦେବତା 'ବରୁଣେଶ୍ୱର' ଓ 'ବନଦେବ' ଅଟନ୍ତି । ଏ ଦୁହେଁ ଲିଙ୍ଗରାଜଙ୍କର ମାମୁଁ- ମାଇଁ ରୂପେ ପ୍ରଖ୍ୟାତ । ଏହି ମଠ ହତାରେ ଗୋଟିଏ କ୍ଷୁଦ୍ର ପୁଷ୍କରିଣୀ ରହିଛି । ତାହା ପାପନାଶିନୀ ରୂପେ ପରିଚିତ । 'ପ୍ରଥମାଷ୍ଟମୀ ଦିନ ଏହି ପୁଷ୍କରିଣୀର ଜଳ ପାନକଲେ ପାପକ୍ଷୟ ହୁଏ ଓ ବନ୍ଧ୍ୟାନାରୀ ସନ୍ତାନବତୀ ହୁଅନ୍ତି ବୋଲି ପ୍ରବାଦ ଅଛି । ଏହି ଦିନ ଅନେକ ବନ୍ଧ୍ୟାନାରୀ ସନ୍ତାନ କାମନା ଆଶାରେ ଏଠାକୁ ଆସି ଜଳପାନ କରି ଦୃଢ ବିଶ୍ୱାସ ସହିତ ଭକ୍ତି ସହକାରେ ବରୁଣେଶ୍ୱର ଓ ବନଦେବ ସମେତ ଲିଙ୍ଗରାଜ ପ୍ରଭୁଙ୍କ ଦର୍ଶନ କରି ଫେରିଯାଆନ୍ତି ।

ଅନ୍ୟ ଦୃଷ୍ଟିରୁ ବିଚାର କଲେ ପ୍ରଥମାଷ୍ଟମୀର ଅନ୍ୟ ନାମ 'ସୌଭାଗିନୀ ଅଷ୍ଟମୀ' ଧରାଯାଏ । ସମ୍ଭବତଃ ପୂର୍ବେ ଏହିଦିନ ସୌଭାଗିନୀ ଦେବୀଙ୍କର ପୂଜା ପ୍ରଚଳିତ ଥିଲା । ଏହି ଦେବୀଙ୍କ ପୂଜାର୍ଚ୍ଚନା, ଆରାଧନାରେ କୃଷକ ସନ୍ତାନ ଲାଭ କରିଛି ଏବଂ ଶସ୍ୟ ମଧ୍ୟ ପାଇଛି, କିମ୍ବା ଶସ୍ୟ ରୂପକ ସନ୍ତାନ ମଧ୍ୟ ସେ ଲାଭ କରିଛି- ଯାହାକୁ ସେ ଅତ୍ୟନ୍ତ ସୌଭାଗ୍ୟର କଥା ଭାବରେ ଗ୍ରହଣ କରିଛି । କୃଷକର ମନ ଏଥିଲାଗି ଆନନ୍ଦିତ ଓ ଉଲ୍ଲସିତ । ତେଣୁ ସେ ଅତି ଆନନ୍ଦ ସହକାରେ ଏହି ତିଥିକୁ ସୌଭାଗିନୀ ଅଷ୍ଟମୀ ରୂପେ ପାଳି ଆସିଛି । ଏହି ପ୍ରଥମାଷ୍ଟମୀକୁ 'କାଳ ଭୈରବାଷ୍ଟମୀ' ମଧ୍ୟ କୁହାଯାଏ । ଏହିଦିନ କାଳ ଭୈରବଙ୍କର ବ୍ରତ ଓ ପୂଜାର ପ୍ରଚଳନ ଥିଲା । ଯଦିଓ ଏବେ ଏହି ପୂଜାର ବିଲୁପ୍ତି ଘଟିଛି । ସ୍କନ୍ଦ ପୁରାଣର କୋଶୀଖଣ୍ଡରେ ଉଲ୍ଲେଖ ଅଛି, ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ କାଳଭୈରବୀଙ୍କ ନିକଟରେ ବ୍ରତ, ଉପବାସ ଓ ଜାଗରଣ ଆଦି ସମ୍ପାଦନ କଲେ ସକଳ ପାପରୁ ମୁକ୍ତି ମିଳିଥାଏ ।

ଏହି ପ୍ରଥମାଷ୍ଟମୀର ରାତ୍ରିତନ୍ତ୍ର ସାଧକମାନଙ୍କ ସାଧନା ବିଷୟରେ ତନ୍ତ୍ର ଶାସ୍ତ୍ରରେ ଉଲ୍ଲେଖ ରହିଛି । ତାନ୍ତ୍ରିକ ଭାଷାରେ ଏହାର ନାମ 'ଘୋରରାତ୍ର' । ନବଦୁର୍ଗାଙ୍କ ମଧ୍ୟରୁ କାଳରାତ୍ରି ଅନ୍ୟତମା । ଆଦ୍ୟାଶକ୍ତି କାଳରାତ୍ରି ରୂପେ ଏହିଦିନ ଅବତୀର୍ଣ୍ଣ ହୋଇଥିଲେ । ତନ୍ତ୍ର ସମ୍ବନ୍ଧୀୟ ବିଭିନ୍ନ ଶାସ୍ତ୍ରରେ ଏହି ବିଷୟରେ ଯଥେଷ୍ଟ ଉଲ୍ଲେଖ ରହିଛି । ଅତୀତରେ ବହୁ ସ୍ଥାନରେ ଭୈରବ ଓ ଭୈରବୀଙ୍କୁ ପୂଜା କରାଯାଉଥିଲା । କେବଳ ଓଡ଼ିଶାର ଘରେ ଘରେ ନୁହେଁ କି ଭୁବନେଶ୍ୱର ଲିଙ୍ଗରାଜ ପ୍ରଭୁଙ୍କର ନୁହେଁ, ବରଂ ଶ୍ରୀମନ୍ଦିରରେ ମଧ୍ୟ ପ୍ରଥମାଷ୍ଟମୀ ପର୍ବ ପାରମ୍ପରିକ ରୀତି ଅନୁଯାୟୀ ପାଳିତ ହୋଇଥାଏ । ଆଗରୁ ସୂଚିତ କରାଯାଇଥିଲା ଯେ ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ଓଡିଆମାନଙ୍କ ଆଦିଦେବ ବଡ଼ଠାକୁର । ତାଙ୍କଠାରୁ ବଡ଼ କେହି ନାହିଁ । ତାଙ୍କର ଦେଉଳ ବଡ଼ ଦେଉଳ, ଦାଣ୍ଡ ବଡ଼ ଦାଣ୍ଡ, ପୂଜକ ବଡ଼ ପଣ୍ଡା, ପ୍ରସାଦ ମହାପ୍ରସାଦ, ସବୁ କିଛି ତାଙ୍କର ବଡ଼, ଆନନ୍ଦର ବଜାର । ଶ୍ରୀମଦ୍ ଭଗବଦ୍ ଗୀତାରେ କୁହାଯାଇଛି, 'ତ୍ୱମାଦିଦେବଃ ପୁରୁଷ ପୁରାଣସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ' ।

ତେଣୁ ବିଶ୍ୱରେ ସବୁଠାରୁ ବଡ଼ ହିସାବରେ ପ୍ରଥମାଷ୍ଟମୀ ଦିନ ତାଙ୍କର ସ୍ୱତନ୍ତ୍ର ପୂଜାବିଧି, ରୀତିନୀତି ଶ୍ରୀମନ୍ଦିରରେ ପାଳନ କରାଯାଏ । ଏହି ଦୃଷ୍ଟିରୁ ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ପର୍ବ ମାର୍ଗଶିର କୃଷ୍ଣ ଉଦୟବ୍ୟାପିନୀ ଅଷ୍ଟମୀ ତିଥିରେ ପାଳିତ ହୋଇଥାଏ । ଏହି ଦିନର ବିଧିବିଧାନ, ନୀତି, ପୂଜାର୍ଚ୍ଚନା ସଂପର୍କରେ ନୀଳାଦ୍ରି ମହୋଦୟ ଗ୍ରନ୍ଥରେ ବିସ୍ତୃତ୍ୱ ଭାବରେ ଉଲ୍ଲେଖ ରହିଛି । ପ୍ରଥମାଷ୍ଟମୀ ଦିନ ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରିବା ପରେ ତିନି ବାଡ଼ରେ ମଇଲମ କରାଯାଇ ପୂଜାପଣ୍ଡା ସେବକଙ୍କ ଦ୍ୱାରା ମହାସ୍ନାନ ନୀତି ସମ୍ପନ୍ନ ହୁଏ । ଏହା ପରେ ପୁଷ୍ପାଳକ ସେବକମାନେ ଠାକୁରମାନଙ୍କୁ ନୂଆ ବସ୍ତ୍ର ଲାଗି କରାଇଥାନ୍ତି । ସେଭଳି ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକ ତିନି ବାଡ଼ିରେ ଚନ୍ଦନ ଲାଗି କରି ଥାନ୍ତି । ଚନ୍ଦନଲାଗି ଶେଷ ପରେ ଠାକୁରମାନଙ୍କୁ ବେଶ କରାଯାଏ । ଏହି ବେଶରେ ଛଅମୂର୍ତ୍ତି ସୁବର୍ଣ୍ଣ ଅଳଂକାରରେ ସଜ୍ଜିତ ହୁଅନ୍ତି । ଶ୍ରୀବିଗ୍ରହମାନଙ୍କ ଠାରେ କର୍ପୂର ଲାଗିକରି ପୁଷ୍ପାଳକମାନେ ସିଂହାସନରୁ ଓହ୍ଲାଇ ଆସନ୍ତି । ପୁନଶ୍ଚ ସୁଦୁସୁଆର ପୂଜା କରିବା ଉତ୍ତାରେ ତିନି ବାଡ଼ରେ ପୂଜାପଣ୍ଡା ପତିମହାପାତ୍ର ଓ ମୁଦିରସ୍ତ ସେବକ ବରୁଣପୂଜ[...] କରିଥାନ୍ତି । ଠିକ୍ ମଧ୍ୟାହ୍ନ ଧୂପ ଉଠିଲେ ତି[...] ବାଡ଼ରେ ମଙ୍ଗଳାର୍ପଣ ବଡ଼ି ଫୁଲପରିଆ, ଖଦି [...] ଛେଦା ପ୍ରସାଦ ଲାଗି ସାରି ବନ୍ଦାପନ[...] କରାଯାଇଥାଏ । ଏହି ଦିନରେ ସ୍ୱତନ୍ତ୍ରଭାବେ[...] ପ୍ରସ୍ତୁତ କରାଯାଇଥିବା ଏଣ୍ଡୁରୀ ପିଠା ସହିତ ନାଡ଼ୀ[...] ଧଉଳା, ଖଇରଚୂଳ, ସାନ ଆରିସା, ସରପୁଳି[...] ପିଠା ଓ ଘିନାଡ଼ୀ, କାନ୍ତ କାକରା, ଗଜା, ବଡ଼[...] ଡ଼ାଳିମ୍ବ, ଓରିଆ, ମୁଗ, ଖିରୀ ଇତ୍ୟାଦି[...] ମହାପ୍ରଭୁଙ୍କ ନିକଟରେ ଭୋଗ କରାଯାଏ[...] ପ୍ରକୃତରେ ପ୍ରଥମାଷ୍ଟମୀ ପର୍ବଟି ମହାପ୍ରଭୁଙ୍କ[...] 'ମାନବୀୟ ଲୀଳା'ର ଅନ୍ୟ ଏକ ଉଦାହରଣ[...] ପରିବାରର ଜ୍ୟେଷ୍ଠସନ୍ତାନ ପରି ସମଗ୍ର ବିଶ୍ୱ[...] ଜ୍ୟେଷ୍ଠ ଭାବେ ବଡ଼ଠାକୁରଙ୍କୁ ଶ୍ରୀମନ୍ଦିରରେ[...] ପ୍ରଥମାଷ୍ଟମୀ ଦିନ ପଢୁଆଁ କରାଯିବା ଓଡିଆଙ୍କ[...] ମହାନତାକୁ ପ୍ରକାଶ କରେ । ଯେଉଁ ଭକ୍ତଗଣ[...] ଚର୍ମଚକ୍ଷୁରେ ତାଙ୍କର ଦର୍ଶନ କରନ୍ତି[...] ସେମାନଙ୍କର ସକଳ ପାପତାପ ଖଣ୍ଡିତ ହୋଇ[...] ଅନ୍ତିମ ସମୟରେ ସେମାନଙ୍କ ବୈକୁଣ୍ଠପ୍ରାପ୍ତି ସୁଗମ[...] ହୁଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । 'ପଶ୍ୟେତ୍[...] ବା ପରୟା ଭକ୍ତ୍ୟା ମୁକ୍ତ ସ୍ୟାତପାପବୃନ୍ଦତଃ । ଅନ୍ତେ[...] ବିଷ୍ଣୁପୁରଂ ଗଚ୍ଛେତ୍ ସର୍ବଶର୍ମପ୍ରଦଂ ପରମ ।"

ବାସ୍ତବରେ ଉତ୍କଳର ପର୍ବପର୍ବାଣ[...] 'ପ୍ରଥମାଷ୍ଟମୀ' ଆମ ସାମାଜିକ ଓ ସାଂସ୍କୃତିକ[...] ଜୀବନର ମହନୀୟ ଐତିହ୍ୟର ସ୍ମାରକୀ[...] ଏଥିପାଇଁ ଓଡ଼ିଆମାନେ ଅନ୍ୟମାନଙ୍କ ଠାରୁ ଅଧିକ[...] ହୁଏତ ରକ୍ଷଣଶୀଳ ହେଇପାରନ୍ତି, କିନ୍ତୁ ଏସବ୍[...] ଦ୍ୱାରା ଓଡ଼ିଆ ମାନେ ବିଭବଶାଳୀ । ପ୍ରଥମାଷ୍ଟମ[...] ପାଳନରେ କେବଳ ଘରର ଜ୍ୟେଷ୍ଠ ସନ୍ତାନ[...] ନୁହେଁ, ତା'ର ଇଷ୍ଟ, ଜଗତର ବଡ଼ ଠାକୁ[...] ଜଗନ୍ନାଥଙ୍କ ପୂଜାର୍ଚ୍ଚନା କରି ପରମ ଶାନ୍ତି ଲାଭ[...] କରେ । ଏହାହିଁ ତା'ର ସାମାଜିକ ଭାବଧାରା [...] ବ୍ୟକ୍ତିଗତ ତଥା ଜାଗତିକ ଅଭିମାନର[...] ପରିପ୍ରକାଶ..!!!


+ ଅଧକ୍ଷ, ମହାନଦୀବିହାର ମହିଳ[...]
ସ୍ନାତକ ମହାବିଦ୍ୟାଳୟ , କଟକ -୪[...]
(ମୋ)୯୦୪୦ ୧୫୧୪ ୭୫[...]


# ପ୍ରଥମାଷ୍ଟମୀ




ଝରଣା ବାରିକ




ସେଦିନ ସକାଳୁ ସକାଳୁ ବୋଉ ମତେ ଉଠେଇ ଦେଇ କହିଲା ଆରେ ଉଠ୍ ଉଠ୍ ଆଜି ପରା ଅଷ୍ଟମୀ ତୋ ପାଇଁ ନୂଆ ଜାମା ପ୍ୟାଣ୍ଟ ଆସିଛି। ଯାଆ ଜଲଦି ଯାଇ ପୋଖରୀରେ ଗାଧେଇପଡ଼ି ଆସେ ପିଠା ପଣା ସବୁ ମୁଁ ତିଆରି କରି ସାରିଲିଣି। ତୁ ଗାଧେଇକି ଆସିଲେ ପୂଜା ହେବ। ନିଦ ଭାଙ୍ଗି ଉଠିବାକୁ ଯମା ଇଛା ହେଉ ନ ଥାଏ ତଥାପି ନୂଆ ଜାମା ପିନ୍ଧି ସଜେଇ ହେବାକୁ ଭାରି ଭଲ ଲାଗେ ମତେ। ଉଠିପଡି ଗାଧେଇ ଆସି ନୂଆ ଜାମା ପିନ୍ଧି ସଜେଇ ହେଇ ପଡିଲି। ସେତେବେଳକୁ ମୋ ସାନ ଭାଇ ଉଠି ସାରିଥାଏ। ମତେ ଦେଖି ତାର କାନ୍ଦ ଆରମ୍ଭ ହୋଇଗଲା। ମୋ ପାଇଁ କାହିଁକି ନୂଆ ଜାମା ଆସିନି। ସିଏ ଆଜି କାହିଁକି ନୂଆ ପିନ୍ଧିବ। ବୋଉ ତାକୁ ବୁଝେଇକି କହିଲା ସିଏ ବଡ଼ ଝିଅ ଆମ ଘରେ ପ୍ରଥମା ଅଷ୍ଟମୀରେ ସିଏ ହିଁ କେବଳ ନୂଆ ପିନ୍ଧିବ ତୁ କାହିଁକି କାନ୍ଦୁଛୁ। ତାର କିନ୍ତୁ ଏକା ଜିଦ୍ ସିଏ ପିନ୍ଧିଛି ମାନେ ମୁଁ ପିନ୍ଧିବି। ତାକୁ କାହିଁକି ବଡ କଲୁ ମୁଁ କାହିଁକି ବଡ ହେଲିନି। ଏମିତି କେତେ କ'ଣ କହି ଯାଉଥାଏ। ଏତିକି ବେଳକୁ ମାମୁଁ ବି ଆସି ପହଁଚିଲେ । ମାମୁଁ ଆସିଲେଣି ମାମୁଁ ଆସିଲେଣି କହି ତାଙ୍କ ପାଖକୁ ଦୌଡି ଗଲା । ମୋ ପାଇଁ ମାମୁଁ କଣ ଆଣିଛ କହିବାରୁ ମାମୁଁ ତାକୁ ଚକଲେଟ୍ ଦୁଇଟା ଦେଲେ ଭାରି ଖୁସି ହେଇ ଚକେଲଟ୍ ଖାଇଲା।

ମାମୁଁ ମୋ ପାଇଁ ଡ୍ରେସ ଆଣିଥିଲେ ମତେ ବାହାର କରିଦେଲେ। କହିଲେ ଦେଖିଲୁ ଭଲ ଲାଗୁଛି ତ? ଭଲ ଲାଗୁକି ନ ଲାଗୁ ନୂଆ ଜାମା ଖଣ୍ଡେ ଦେଖିଲେ ମନଟା ଯେମିତି ଆକାଶରେ ଉଡିବୁଲେ। ମୋ ସାନ ଭାଇର ନଜର ପଡିଗଲା ମୋ ଜାମା ଉପରେ ସାଙ୍ଗେ ସାଙ୍ଗେ ଚକଲେଟ୍ ଫୋପାଡି ଦେଇ ଆସି ମାମୁଁଙ୍କ ପାଖରେ । ମାମୁଁଙ୍କ ଉପରେ ରାଗି ଗର୍ ଗର୍ ହୋଇଗଲା। ଆସି କହିଲା ମାମୁଁ ତମେ ବି ସେଇୟା କଲ ବାବା ତା ପାଇଁ ନୂଆ ଜାମା ଆଣିଲେ ମୋ ପାଇଁ ନାହିଁ। ତମେ ବି ତା ପାଇଁ ନୂଆ ଜାମା ଆଣିଛ ମତେ କେହିବି ଭଲ ପାଉନ। ସମସ୍ତେ ମୋ ଦିଦିକୁ ଭଲ ପାଉଛ । ତା ପାଇଁ ଅଷ୍ଟମୀ ପାଳୁଛ ପିଠା ପଣା କରି ନୂଆ ଜାମା ଦେଉଛ ମୋ ପାଇଁ କିଛି ନାହିଁ। ମାମୁଁ ତାକୁ ବୁଝେଇ ଦେଲେ । କହିଲେ ଶୁଣ ସିଏ ସିନା ବଡ଼ ଝିଅ କାଲି ସକାଳେ ବାହା ହେଇଗଲେ ଶାଶୁ ଘରକୁ ପଳେଇବ । ହେଲେ ତୁ ପରା ଏ ଘରର ବଡ ପୁଅ ସିଏ ଶାଶୁ ଘରକୁ ଗଲା ପରେ ତୁ ଏ ଘରେ ବଡ଼ ହେଇ ଯିବୁ । ଆଉ ତତେ ବି ମୁଁ ନୂଆ ଜାମା ଆଣିଦେବି। ଖାଲି ଅପେକ୍ଷା କର ସିଏ ଶାଶୁ ଘରକୁ ଯାଉ।


ସବୁ ବର୍ଷ ଅଷ୍ଟମୀ ଆସିଲେ ସମସ୍ତଙ୍କୁ ସେଇ ଗୋଟିଏ ପ୍ରଶ୍ନ ପଚାରିବ ସିଏ କେବେ ଶାଶୁ ଘରକୁ ଯିବ ମୁଁ ବଡ଼ ହେବି ନୂଆ ଜାମା ପିନ୍ଧିବି।

ଏବେ ମୁଁ ଶାଶୁ ଘରେ ସିଏ ମୋ ପିଲାମାନଙ୍କ ବଡ଼ ମାମୁଁ ଅଷ୍ଟମୀ ଆସିଲେ ମୋ ଘରକୁ ମୋ ଝିଅ ପାଇଁ ଡ୍ରେସ ନେଇକି ଆସେ। ଏବେ କହୁଛି ମୁଁ କାହିଁକି ଘରର ବଡ ପୁଅ ହେଲି କେଜାଣି ଏତେ ଦାୟିତ୍ୱ ଘରର ବଡ ପୁଅ ହେଲେ। ମୁଁ ସାନ ହେଇ ଥାଆନ୍ତି କି ଭଲ ହେଇଥାନ୍ତା। ଅଷ୍ଟମୀ ସିନା ବଡ଼ ମାନଙ୍କ ପାଇଁ। ହେଲେ ବଡ଼ ହେଲେ ଯେ କେତେ ଦାୟିତ୍ୱ ଯିଏ ବଡ଼ ସିଏ ହିଁ କେବଳ ଜାଣିଛି ।


+ ସମଲ, ତାଳଚେର, ଅନୁଗୋଳ


# ସ୍ୱାସ୍ଥ୍ୟ ପାଇଁ ଭାରଯୁକ୍ତ ବ୍ୟାୟାମ ଜରୁରୀ





ସୁସ୍ଥ ଓ ସୁନ୍ଦର ଶରୀର ପାଇଁ ଉପଯୁକ୍ତ ବ୍ୟାୟାମ ବା ୱେଟ୍ ଟ୍ରେନିଂ ଅତ୍ୟନ୍ତ ଜରୁରୀ। ଫ୍ରି-ୱେଟ୍ ଟ୍ରେନିଂ ଅଧିକ ଉପଯୋଗୀ। ସତୁରି ଭାଗ ଫ୍ରି-ୱେଟ ଟ୍ରେନିଂ ସହ ତିରିଶ ଭାଗ ମେସିନ ଟ୍ରେନିଂ ନେବା ଉଚିତ। ନିଜ ଶରୀରର ଅବସ୍ଥା, ଗଠନ ଓ ଆବଶ୍ୟକତା ଅନୁଯାୟୀ ଅଭିଜ୍ଞ ପ୍ରଶିକ୍ଷକଙ୍କ ପରାମର୍ଶ ନେଇ, ପ୍ରଥମେ ଛଅ ସପ୍ତାହ ପାଇଁ ଏକ ବ୍ୟାୟାମ ଖସଡ଼ା ପ୍ରସ୍ତୁତ କରନ୍ତୁ। କେଉଁଦିନ, କେଉଁ ବ୍ୟାୟାମ କେତେଥର କରିବେ, ଖସଡ଼ାରେ ରହିବ। ସାଧାରଣତଃ, ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ସମଗ୍ର ଶରୀରର ବୃହତ ମାଂସପେଶୀଗୁଡ଼ିକ ନିମନ୍ତେ ବ୍ୟାୟାମ କରାଯାଏ। ଏହି ବେସିକ ଟ୍ରେନିଂ ଶରୀର ଗଠନରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ। ଶରୀର ସୁଗଠିତ ହେବାପରେ ଛୋଟ ମାଂସପେଶୀଗୁଡ଼ିକ ନିମନ୍ତେ ନିର୍ଦ୍ଦିଷ୍ଟ ବ୍ୟାୟାମ କରାଯାଏ। ପ୍ରତିଦିନ ସମାନ ମାଂସପେଶୀ ନିମନ୍ତେ ଅଧିକ ଭାରଯୁକ୍ତ ବ୍ୟାୟାମ ଅନୁଚିତ। ତେର ବର୍ଷରୁ ଅଧିକ ବୟସ୍କ ଉଭୟ ପୁରୁଷ ଓ ସ୍ତ୍ରୀ ହାତଗୋଡ଼ ଚାଲୁଥିବା ପର୍ଯ୍ୟନ୍ତ ଭାରଯୁଯକ୍ତ ବ୍ୟାୟାମେ କରିପାରିବେ। ଚାଲିବା ଦୌଡ଼ିବା ଭଳି ଭାରଯୁକ୍ତ ବ୍ୟାୟାମ ମଧ୍ୟ ସମସ୍ତଙ୍କ ପାଇଁ ଆବଶ୍ୟକ। ବରଂ ଚାଲିବା ଦୌଡ଼ିବା ଭଳି ଭାରଯୁକ୍ତ ବ୍ୟାୟାମ ମଧ୍ୟ ସମସ୍ତଙ୍କ ପାଇଁ ଆବଶ୍ୟକ। କାରଣ ଏହାଦ୍ୱାରା ସାମଗ୍ରିକ ସୁସ୍ଥତା ମିଳେ।

# ଶୀତରେ ସାବନା କରାଏ....

ଖରାଦିନ ତୁଳନାରେ ଶୀତିଦିନେ ବିଉଟି ଟ୍ରିଟ୍‌ମେଣ୍ଟର ଅଧିକ ଆବଶ୍ୟକତା ଥାଏ । ଏ ସମୟରେ ତ୍ୱଚାରେ ଶୁଷ୍କତା ବଢ଼ିଯାଏ । ଫଳରେ ଚେହେରାର ପ୍ରାକୃତିକ ମଇଶ୍ଚରାଇଜର ନଷ୍ଟ ହୋଇଯାଏ । ଏମିତିରେ କିଛି ବିଉଟି ପ୍ରଡକ୍ଟ ଏବଂ ଘରୋଇ ଉପାୟ ଚେହେରାର ସୌନ୍ଦର୍ଯ୍ୟ ନଷ୍ଟ କରିବା ସହ ତାକୁ ସାବନା କରିଦିଏ । ଜାଣନ୍ତୁ ସେଗୁଡ଼ିକ ବିଷୟରେ...









**ବେକିଂ ସୋଡ଼ା :-** ଏମିତି କିଛି ବିଉଟି ଟ୍ରିଟ୍‌ମେଣ୍ଟ ରହିଛି, ଯେଉଁଥିରେ ବେକିଂ ସୋଡ଼ାର ବ୍ୟବହାର କରାଯାଏ । ଯଦି ଶୀଘ୍ର ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିବାକୁ ଚାହୁଁଛନ୍ତି, ତେବେ ବେକିଂ ସୋଡ଼ା ବେଶ୍ ଫାଇଦା ଦେଇଥାଏ । କିନ୍ତୁ ମନେରଖିବେ ଖରାଦିନ ବ୍ୟତୀତ ଶୀତଦିନେ ଏହାର ବ୍ୟବହାର ହାନିକାରକ ସାବ୍ୟସ୍ତ ହୋଇପାରେ । ଏହାଦ୍ୱାରା ତ୍ୱଚାରେ କଳାଦାଗ ପଡ଼ିବା ସହ ସାବନାପଣ ବଢ଼ିଯାଏ ।

**ଲେମ୍ବୁ :** ଯେକୌଣସି ଘରୋଇ ଫେଶପ୍ୟାକ୍ ତିଆରି କରନ୍ତୁ, ସେଥିରେ ଲେମ୍ବୁର ବ୍ୟବହାର ଅବଶ୍ୟ ହୋଇଥାଏ । ଏଥିରେ ସାଇଟ୍ରିକ୍ ଏସିଡ୍ ପ୍ରଚୁର ମାତ୍ରାରେ ଥାଏ, ଯାହା ତ୍ୱଚାକୁ ତୈଳାଂଶ ଦୂରେଇ ଶୁଷ୍କ କରିଥାଏ । କିନ୍ତୁ ଶୀତଦିନେ ଏହାକୁ ବ୍ୟବହାର କରିବା ଦ୍ୱାରା ତ୍ୱଚା ଶୁଷ୍କତା ବୃଦ୍ଧି ପାଇଥାଏ । ତତ୍‌ସହିତ ଉଜ୍ଜ୍ୱଳତା ହ୍ରାସ ପାଏ ।

**ପୁଦିନା :-** ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧିରେ ପୁଦିନାର ଉପଯୋଗ କୌଣସି ଗୁଣରେ କମ ନୁହେଁ । କିନ୍ତୁ ଶୀତଦିନେ ଏହାକୁ ବିଉଟି ପ୍ୟାକ୍ ଭାବେ ବ୍ୟବହୃତ କରୁଥିଲେ ସାବଧାନ ହୋଇଯାଆନ୍ତୁ । ଏତାଦ୍ୱାରା ତ୍ୱଚାରେ କଳାଦାଗ ବଢ଼ିଯାଏ। ଯେହେତୁ ଏଥିରେ ମେନ୍ଥୋଲ ମାତ୍ରା ଅଧିକ ଥାଏ, ତାହା ଚେହେରାର ନମନୀୟତା ହ୍ରାସ କରେ ।

**ସିରକା :** ସିରକାର ବ୍ୟବହାର ମଧ୍ୟ ଅନେକ ଘରୋଇ ଫେଶପ୍ୟାକରେ ହୋଇଥାଏ । ଖରାଦିନେ ଏହାର ବ୍ୟବହାର ସବୁଠୁ ଉତ୍ତମ । ଶୀତରେ ଏହାକୁ ବ୍ୟବହାର କଲେ ଚେହେରାର ତୈଳ ଅଂଶ ହ୍ରାସ ପାଏ ଏବଂ ସାବନା ଦେଖାଯାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ପୁଣି ଅସମ୍ଭାଳ ହେବ...

କରୋନା ମହାମାରୀ ସତେଯେପରି ବିଶ୍ୱରୁ ବିଦାୟ ନେବାକୁ ନାରାଜ । ଦୀର୍ଘ ଦୁଇବର୍ଷ ଧରି ସାରା ଦୁନିଆକୁ ଆକ୍ରାନ୍ତ କରି ରଖିଥିବା ଏହି ମାରାତ୍ମକ ମହାମାରୀ ପୁଣି ଥରେ ୟୁରୋପର ଅନେକ ରାଷ୍ଟ୍ରରେ ତାର ତାଣ୍ଡବଲୀଳା ଆରମ୍ଭ କରିଦେଇଛି । ବ୍ରିଟେନ୍, ଜର୍ମାନୀ, ବେଲଜିୟମ୍, ପୋଲାଣ୍ଡ, ଫ୍ରାନ୍ସ, ଚେକ୍, ସ୍ଲୋଭାକିଆ, ନେଦରଲାଣ୍ଡ, ଅଷ୍ଟ୍ରିଆ, ଗ୍ରୀସ୍ ଭଳି ରାଷ୍ଟ୍ରରେ ଗତ ଦୁଇ ସପ୍ତାହ ଭିତରେ ଏହାର ମାତ୍ରା ଏତେ ବୃଦ୍ଧି ପାଇଛି ଯେ କେବଳ ସଂପୃକ୍ତ ରାଷ୍ଟ୍ରଗୁଡ଼ିକର ସରକାର ନୁହଁନ୍ତି ; ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ ଚେତାବନୀ ଶୁଣାଇଛି । ଆଗକୁ ଶୀତଦିନିଆ ଛୁଟି ଏବଂ ବଡ଼ଦିନ ଓ ନୂଆବର୍ଷ । ସେତେବେଳେ ୟୁରୋପର ଅଧିକାଂଶ ଲୋକ ଏହାକୁ ବେଶ୍ ଜାକଜମକର ସହ ମନାଇଥାନ୍ତି ଓ ବିଭିନ୍ନ ସ୍ଥାନକୁ ବୁଲି ଯାଇଥାନ୍ତି । ଏବେ ଅଧିକାଂଶ ରାଷ୍ଟ୍ର ଜାରି କରିଥିବା ବିମାନ ଯାତ୍ରା ଉପରେ ସେମାନଙ୍କର କଟକଣା ଉଠାଇ ସାରିଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମୁଖ୍ୟ ଡକ୍ଟର ଟେଡ୍ରୋସ୍ ଆଧାନୋମ୍ ଘିବ୍ରେସସ ୟୁରୋପରେ କରୋନାର ନୂଆ ଭେରିଆଣ୍ଟ ମୁଣ୍ଡ ଟେକୁଥିବା ଯୋଗୁଁ ଚେତାବନୀ ଶୁଣାଇ କହିଛନ୍ତି ଯେ, କରୋନାର ନୂଆ କାୟା ଏବେ ୟୁରୋପୀୟ ଭୂଖଣ୍ଡ (ଏଥିରେ ୟୁରୋପ ଏବଂ ଏସିଆର ପ୍ରାୟ ୫୩ଟି ରାଷ୍ଟ୍ର ସାମିଲ)କୁ ଏଭଳି ଭାବେ ଆକ୍ରାନ୍ତ କରିଛି ଯେ ଆଗାମୀ ଦିନରେ ତାହା ପ୍ରଳୟଙ୍କରୀ ରୂପ ଧାରଣ କରିବା ଏବଂ ୨୦୨୨ ମସିହା ମାର୍ଚ୍ଚ ମାସ ସୁଦ୍ଧା ପ୍ରାୟ ଆଉ ସାତଲକ୍ଷ ଲୋକ ପ୍ରାଣ ହରାଇପାରନ୍ତି । ତେଣୁ ଆଗାମୀ ଦିନରେ ପରିସ୍ଥିତି ଭାରତରେ ଗଲା ଏପ୍ରିଲ- ମେ ମାସରେ ଯେଉଁଭଳି ଅଣାୟତ୍ତ ହୋଇପଡ଼ିଥିଲା ତାହାଠାରୁ ଅଧିକ ଜଟିଳ ହୋଇପାରେ । ଅତଏବ ଏବେଠାରୁ କଠୋର କଟକଣା ଭିତରେ ସମସ୍ତଙ୍କୁ ରହିବା ଏକାନ୍ତ ଜରୁରି । ଏପରିକି ଯେଉଁମାନେ ସଂପୂର୍ଣ୍ଣ ଟିକା ନେଇଛନ୍ତି ଓ ଥରେ କରୋନା ଆକ୍ରାନ୍ତ ହୋଇ ସୁସ୍ଥ ହୋଇଛନ୍ତି ସେମାନେ ମଧ କୌଣସି ଦୃଷ୍ଟିରୁ ନିରାପଦ ନୁହଁନ୍ତି । କରୋନାର ନୂତନ ଡେଲଟା ଭେରିଆଣ୍ଟ (ବି.୧.୧୫୨୯) ଯାହା ଆଫ୍ରିକାର ବୋତନାରେ ପ୍ରଥମେ ଦେଖା ଦେଇଥିଲା, ଏବେ ତାହା ଦକ୍ଷିଣ ଆଫ୍ରିକା, ଫ୍ରୁଙ୍କ ସହିତ ଚୀନରେ ପହଞ୍ଚିସାରିଛି । ଏବେ ବିମାନ ଚଳାଚଳ ଉପରେ ଥିବା କଟକଣା କୋହଳ ଅବା ସଂପୂର୍ଣ୍ଣ ଉଠିଯିବାରୁ ଯଥାଶୀଘ୍ର ତାହା ୟୁରୋପରେ ପହଞ୍ଚିଯିବ । ୟୁରୋପର ଯେଉଁସବୁ ଦେଶରେ ଏବେ କରୋନା ପୁଣି ଥରେ ମୁଣ୍ଡ ଟେକିଛି, ସେମାନେ ଟିକାକରଣ ପରେ ସ୍ୱଚ୍ଛନ୍ଦରେ ଚଳାଚଳ ହେଉଥିବାରୁ ଏଭଳି ସଂକଟଜନକ ପରିସ୍ଥିତି ଉତ୍ପନ୍ନ ହୋଇଛି ବୋଲି ଆଶଙ୍କା କରାଯାଉଛି । ଗତ ଏକମାସ ମଧ୍ୟରେ ୟୁରୋପରେ କରୋନା ସ୍ଥିତିରେ ପ୍ରାୟ ୬୦ ପ୍ରତିଶତ ବୃଦ୍ଧି ଘଟିଛି । ଏବେ ଆକ୍ରାନ୍ତଙ୍କ ସଂଖ୍ୟା ତିନିଲକ୍ଷ ୩୦ ହଜାରକୁ ଟପିଛି । ଗତ ସପ୍ତାହରେ କେବଳ ବ୍ରିଟେନରେ ୪୩,୦୦୦ ନୂଆ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିଲା । ପୋଲାଣ୍ଡରେ ଏହାର ସଂଖ୍ୟା ୨୮ ହଜାର, ଚେକ୍ ଗଣରାଜ୍ୟରେ ୨୫ ହଜାର, ନେଦରଲାଣ୍ଡରେ ୨୪ ହଜାର ଓ ଫ୍ରାନ୍ସରେ ୨୦ ହଜାର ଥିଲା । ତେଣୁ ସେହିସବୁ ରାଷ୍ଟ୍ରମାନେ ଏବେ ନାଗରିକମାନଙ୍କୁ ବୁଷ୍ଟର ଡୋଜ୍ ଦେବାକୁ ସ୍ଥିର କରିଛନ୍ତି । କିନ୍ତୁ ଅଧିକ ଟିକା ନେବାର ପ୍ରତିବାଦ କରି ବିଭିନ୍ନ ରାଷ୍ଟ୍ରର ନାଗରିକମାନେ ସଡ଼କ ଉପରେ ହିଂସାତ୍ମକ ବିକ୍ଷୋଭ ପ୍ରଦର୍ଶନ କରିବା ମଧ ନଜରକୁ ଆସିଛି । ସ୍ମରଣଯୋଗ୍ୟ ଯେ, ୟୁରୋପରେ ଏବେସୁଦ୍ଧା ପ୍ରାୟ ଚଉଦ ଲକ୍ଷ (୧୩.୮ ଲକ୍ଷରୁ ଅଧିକ) ଲୋକ କରୋନାରେ ପ୍ରାଣ ହରାଇ ସାରିଛନ୍ତି । ଏବେ ଯେଉଁ ଲକ୍ଷ ଲକ୍ଷ ଲୋକ ଆକ୍ରାନ୍ତ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ । ତେଣୁ କରୋନା ମହାମାରୀ କବଳରୁ ବିଶ୍ୱ ମୁକୁଳିବାକୁ ଯାଉଛି ବୋଲି ଯେଉଁ ଧାରଣା ସାଧାରଣରେ ସୃଷ୍ଟି ହୋଇଥିଲା ତାହା ଭୁଲ ପ୍ରମାଣିତ ହୋଇପାରେ ବୋଲି ପ୍ରତୀୟମାନ ହୁଏ । ଏପରି ସ୍ଥଳେ ଭାରତ କିମ୍ବା ଚୀନ୍ ଭଳି ରାଷ୍ଟ୍ରମାନେ ଅଧିକ ସତର୍କ ରହିବା ଉଚିତ୍ । କାରଣ, ଦ୍ୱିତୀୟ ଲହରର ଭୟଙ୍କର ପରିଣାମ ଭାରତ ଯେଉଁଭଳି ଭାବେ ଭୋଗିଛି ତାହା ସମସ୍ତଙ୍କୁ ମହାଶିକ୍ଷା ଦେଇଛି । ସେଥିରୁ ଏବେସୁଦ୍ଧା ଦେଶ ମୁକ୍ତ ହୋଇପାରିନାହିଁ । ଆଉ ଥରେ ସେଭଳି ପରିସ୍ଥିତିକୁ ସାମ୍ନା କରିବାକୁ କେହି ଆଶା କରନ୍ତି ନାହିଁ । ଏକ କରୋନା ମୁକ୍ତ ବିଶ୍ୱ ଗଠନ ନିମନ୍ତେ ଏବେ ସମସ୍ତେ ପ୍ରୟାସୀ । ତେଣୁ କୋଭିଡ ଉପଯୁକ୍ତ ଆଚରଣକୁ ଆପଣାଇ ଏ ଦିଗରେ ସହଯୋଗ କରିବା ହିଁ ଏକମାତ୍ର ପନ୍ଥି । ଏହା ହୁଏତ ପୁଣି ଥରେ ଏ ବିଶ୍ୱରୁ କରୋନା ଭୂତାଣୁମୁକ୍ତ କରିବାରେ ସହାୟକ ହେବ ।

## ଜଗନ୍ନାଥ ସଂସ୍କୃତିରେ ପ୍ରଥମାଷ୍ଟମୀ ପରମ୍ପରା



ଅମୂଲ୍ୟ କୁମାର ପଣ୍ଡା

ଉତ୍କଳୀୟ ପରମ୍ପରାରେ ପ୍ରଥମାଷ୍ଟମୀ ପାଳନ ଏକ ସାଂସ୍କୃତିକ ତଥା ସାମାଜିକ ପରମ୍ପରା । ଏହା ପରିବାର, ସମାଜ, ସାମୂହିକ ଭାବରେ ପାଳିତ ହୋଇଥାଏ । ଧନୀଗରିବ ନିର୍ବିଶେଷରେ ସମସ୍ତେ ଏହି ପର୍ବ ପାଳନ କରିଥାନ୍ତି । ଗାଁ ଓ ସହର ଉତ୍ସବ ମୁଖର ହୋଇଥାଏ । ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପ୍ରତି ଓଡ଼ିଆଙ୍କ ଘରେ ଘରେ ପାଳନ ହୋଇଥାଏ ପ୍ରଥମାଷ୍ଟମୀ ଭଳି ପବିତ୍ର ପର୍ବ । ଓଡ଼ିଶାର ଏହି ପାରମ୍ପରିକ ପର୍ବକୁ କେତେକେ ପୋଢୁଆଁଷ୍ଟମୀ ବୋଲି କହିଥାନ୍ତି । ପୂର୍ବରୁ ମାର୍ଗଶିର ମାସକୁ ବର୍ଷାରମ୍ଭର ପ୍ରଥମ ମାସ ଭାବେ ଗ୍ରହଣ କରାଯାଉଥିଲା । ଏହି ପ୍ରଥମ ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ ବୋଲି କେହି କେହି ମତ ଦେଇଥାନ୍ତି । ଏହି ଦିନ ପ୍ରତ୍ୟେକଙ୍କ ଘରେ ପ୍ରଥମାଷ୍ଟମୀ ପାଳନ ହେବା ସହ ବନ୍ଧୁମାନଙ୍କ ଉପସ୍ଥିତିକୁ ନେଇ ଏକ ଖୁସିବାସିର ମାହୋଲ ସୃଷ୍ଟି ହୋଇଥାଏ । ପ୍ରଥମାଷ୍ଟମୀକୁ ସୌଭାଗିନୀ ଅଷ୍ଟମୀ, କାଳ ଭୈରବାଷ୍ଟମୀ ବା ପାପ-ନାଶିନୀ ଅଷ୍ଟମୀ ବୋଲି ମଧ କୁହାଯାଏ । ବିଶ୍ୱାସ ଅନୁସାରେ, ବାପାଙ୍କ ପରେ ଜ୍ୟେଷ୍ଠ ସନ୍ତାନ ହିଁ ଘରର କର୍ତ୍ତା ଭାବେ ମା ଓ ଭାଇଭଉଣୀଙ୍କ ଭରଣପୋଷଣ ଦାୟିତ୍ୱ ତୁଲାନ୍ତି । ତେଣୁ ଏହି ଅବସରରେ ତାଙ୍କ ସୌଭାଗ୍ୟ କାମନା କରାଯାଏ । ପ୍ରଥମାଷ୍ଟମୀ ଦିନ ବଂଶର ବଡ଼ ପୁଅଝିଅ ମାନେ ପୋଢୁଆଁ ହୋଇଥାନ୍ତି । ଏହିଦିନ ସେମାନଙ୍କ ଦୀର୍ଘ ଜୀବନ କାମନା କରି ମା'ମାନେ ଷଠୀଦେବୀଙ୍କର ପୂଜାର୍ଚ୍ଚନା କରିଥାନ୍ତି । ପଞ୍ଚପଲ୍ଲବ ଓ ପଞ୍ଚଶସ୍ୟରେ କଳସପୂଜା ଓ ବରୁଣ ପୂଜା ହୋଇଥାଏ । ମାମୁଁ ଘର ତରଫରୁ ବଡ଼ ଭଣଜା ଭାଣିଜୀଙ୍କୁ ପୋଢୁଆଁ କରିବାର ପରଂପରା ମଧ ରହିଆସିଛି । ମାମୁଁଙ୍କ ତରଫରୁ ମିଳିଥିବା ନୂଆ ପୋଷାକ ପରିଧାନ କରି ବନ୍ଦାପନା ହୋଇଥାନ୍ତି ଭଣଜା ଭାଣିଜୀ ମାନେ । ଜ୍ୟେଷ୍ଠ ସନ୍ତାନ ମାନଙ୍କର ସୁଖ ସମୃଦ୍ଧି କାମନା କରିବା ସହ ଦୀର୍ଘଜୀବନ କାମନା କରିବା ପାଇଁ ପାଳନ ହୋଇଥାଏ ପୂଜାବିଧି । ନୂଆବସ୍ତ୍ର ପରିଧାନ କରିସାରିବା ପରେ ଏକ ଭକ୍ତିମୟ ପରିବେଶରେ ଈଶ୍ୱରଙ୍କ ଆଶିଷ କାମନା କରି ବନ୍ଦାପନା କରାଯାଇଥାଏ । ଘରର ମାଆମାନେ ଏହି ପୂଜାବିଧି ସଂପାଦନ କରିଥାନ୍ତି । ଏଥିସହ ଘରେ ପ୍ରସ୍ତୁତ ହୋଇଥାଏ ଏଣ୍ଡୁରି ପିଠା । ହଳଦି ପତ୍ରରେ ପ୍ରସ୍ତୁତ ଏହି ଏଣ୍ଡୁରିପିଠା ଭୋଗ ହେବା ସହ ଏହାକୁ ଖାଦ୍ୟ ଭାବେ ଗ୍ରହଣ କରି ସମସ୍ତେ ଖୁସି ହୋଇଥାନ୍ତି ।

ସ୍କନ୍ଧ ପୁରାଣ ଅନୁସାରେ, ପ୍ରଥମାଷ୍ଟମୀ ଦିନ କାଳଭୈରବଙ୍କର ବ୍ରତ କରାଯାଏ । ତେଣୁ ଏହାକୁ କାଳଭୈରବାଷ୍ଟମୀ ବୋଲି କୁହାଯାଏ । ଓଡ଼ିଶାରେ ପ୍ରଥମାଷ୍ଟମୀ ଦିନ ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ମାମୁଘର ଯାତ୍ରା ହୋଇଥାଏ । ଲିଙ୍ଗରାଜ ମହାପ୍ରଭୁ ଏହିଦିନ ତାଙ୍କ ମାମୁଘର ରୂପେ ପରିଚିତ କପାଳିମଠକୁ ଯାଆନ୍ତି ପୋଢୁଆଁ ହେବାପାଇଁ । ମହାପ୍ରଭୁ ଲିଙ୍ଗରାଜ ମାମୁଘରକୁ ଯାଇ ପ୍ରଥମାଷ୍ଟମୀରେ ନୂତନ ବସ୍ତ୍ର ପରିଧାନ କରିଥାନ୍ତି । ଏହିମଠରେ ଆରାଧ୍ୟ ଦେବତା ହେଉଛନ୍ତି ବରୁଣେଶ୍ୱର ଓ ବଳଦେବ । ପୁରାଣ ଅନୁସାରେ, ଲିଙ୍ଗରାଜ ମନ୍ଦିର ନିକଟରେ ରହିଥିବା କପାଳି ମଠ ହେଉଛି ଲିଙ୍ଗରାଜ ମହାପ୍ରଭୁଙ୍କ ମାମୁଘର । ଏଠାରେ ପୂଜା ପାଉଥିବା ବରୁଣେଶ୍ୱର ଓ ବନଦେବୀଙ୍କୁ ଲିଙ୍ଗରାଜଙ୍କ ମାମୁ ମାଇଁ ବୋଲି କୁହାଯାଏ । ଏହି ମଠ ହତାରେ ଥିବା ପାପନାଶିନୀ ପୁଷ୍କରିଣୀର ଜଳ ପ୍ରଥମାଷ୍ଟମୀ ଦିନ ପାନ କଲେ ସମସ୍ତ ପାପକ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି । ରଜରେ ପୋଡ଼ପିଠା, କାର୍ତ୍ତିକ ପୂର୍ଣ୍ଣିମାରେ ଗଜଭୋଗ, ପୌଷ ପୂର୍ଣ୍ଣିମାରେ ମଣ୍ଡା ପିଠା ଭଳି ପ୍ରଥମାଷ୍ଟମୀରେ ସ୍ୱତନ୍ତ୍ର ଭାବେ ଏଣ୍ଡୁରି ପିଠା ତିଆରି ହୋଇଥାଏ । ଏଣ୍ଡୁରି ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ । ଏହି ପିଠା ପାଇଁ ହଳଦୀପତ୍ରର ବ୍ୟବହାର ମଧ ଅନ୍ୟ ଏକ ବିଶେଷତ୍ୱ । ଅନ୍ୟ କୌଣସି ପିଠାରେ ହଳଦୀପତ୍ର ବ୍ୟବହୃତ ହୁଏନାହିଁ ଓ କେବଳ ପ୍ରଥମାଷ୍ଟମୀ ଉପଲକ୍ଷେ ଏଣ୍ଡୁରି ପିଠାରେ ହଳଦୀପତ୍ରର ବ୍ୟବହାର ପ୍ରସିଦ୍ଧ । ପ୍ରଥମାଷ୍ଟମୀ ଦିନ ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରିବା ପରେ ତିନି ବାଡ଼ରେ ମଇଲମ କରାଯାଇ ପୂଜାପଣ୍ଡା ସେବକଙ୍କ ଦ୍ୱାରା ମହାସ୍ନାନ ନୀତି ସମ୍ପନ୍ନ ହେବା ପରେ ପୁଷ୍ପାଳକ ସେବକମାନେ ଠାକୁରମାନଙ୍କୁ ନୂଆଲୁଗା ଲାଗି କରାନ୍ତି । ଓଡ଼ିଆ ପରମ୍ପରା ଅନୁଯାୟୀ ପ୍ରଥମାଷ୍ଟମୀ ଦିନ ଘରର ଜ୍ୟେଷ୍ଠ ସନ୍ତାନ, ସେ କନ୍ୟା ହେଉ କି ପୁତ୍ର ତାକୁ ସ୍ନାନାନ୍ତେ ନୂତନ ବସ୍ତ୍ର ପିନ୍ଧାଇ ଦିଅଁଙ୍କ ଆଗରେ ପିଢ଼ା ଉପରେ ବସାଇ ଦୁଇ କାନରେ ଫୁଲ ଓ ମୁଣ୍ଡରେ ଚନ୍ଦନ ଲଗାଇ ଦୁବ, ବରକୋଳି ପତ୍ର ଓ ହଳଦୀମିଶା ଚାଉଳ ମିଶାଇ ସେଥିରେ ମା'ମାନେ ତାଙ୍କୁ ବନ୍ଦାପନା କରନ୍ତି । ବନ୍ଦାପନା ପରେ ଜ୍ୟେଷ୍ଠ ସନ୍ତାନ ଷଠୀଦେବୀଙ୍କୁ ମୁଣ୍ଡିଆ ମାରିବା ସହିତ ପିତାମାତାଙ୍କୁ ଓ ଗୁରୁଜନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରନ୍ତି । ଷଠୀଦେବୀଙ୍କୁ ପୂଜା ଓ ପ୍ରଣାମ ପଛରେ ଏକ ଓଷା ରହିଛି । ଏହି ଓଷାକୁ ଓଡ଼ିଶାର ପୁରପଲ୍ଲୀରେ କାଞ୍ଜିଅଁଳା ଓଷା କୁହଯାଏ । ଘରର ସନ୍ତାନମାନଙ୍କ ମଙ୍ଗଳ କାମନା କରି ଷଠୀ ଦେବୀଙ୍କ ପାଖରେ ଶୁଭମନାସୀଛନ୍ତି ମାଆମାନେ । ଷଠୀ ଦେବୀଙ୍କୁ ପୂଜାର୍ଚ୍ଚନା କରି ପରମ୍ପରା ମୁତାବକ ଏହି ଓଷାକୁ ପାଳନ କରାଯାଉଛି । ପରିବାରର ଜ୍ୟେଷ୍ଠପୁତ୍ର ବା ଜ୍ୟେଷ୍ଠାକନ୍ୟାର ନବବସ୍ତ୍ର ପରିଧାନ ଓ ବନ୍ଦାପନା ହେବାର ଏହି ବିଶେଷ ବିଧିକୁ 'ପଢୁଆଁ ହେବା' କହିଥାନ୍ତି ଓ 'ପଢୁଆଁ' ଶବ୍ଦଟି 'ପ୍ରଥମା'ର ଅପଭ୍ରଂଶ ବୋଲି କେତେକଙ୍କ ମତ ।

ତନ୍ତ୍ର ସାଧକମାନଙ୍କ ମତରେ ପ୍ରଥମାଷ୍ଟମୀର ରାତ୍ରି ବେଶ୍ ମହତ୍ତ୍ୱପୂର୍ଣ୍ଣ । ତାନ୍ତ୍ରିକ ଭାଷାରେ ଏହାର ନାମ ଘୋରରାତ୍ରି । କୁହାଯାଏ ଆଦିଶକ୍ତି ଏହି ଦିନ କାଳରାତ୍ରି ରୂପେ ଅବତୀର୍ଣ୍ଣ ହୋଇଥିଲେ । ପ୍ରଥମାଷ୍ଟମୀ ଅବସରରେ ଶ୍ରୀମନ୍ଦିରରେ ଲାଗି ରହିଥାଏ ଭକ୍ତଙ୍କ ଭିଡ଼ । ଶ୍ରୀଜିଉଙ୍କୁ ଦର୍ଶନ କରି ଭକ୍ତ ଓ ଶ୍ରଦ୍ଧାଳୁମାନେ ଆଶୀର୍ବାଦ କାମନା କରିଥାନ୍ତି । ପ୍ରଥମାଷ୍ଟମୀ ହେଉଛି ଏକ ସାମାଜିକ ପରମ୍ପରା ପର୍ବ । ଏହି ପରମ୍ପରା ମାଧ୍ୟମରେ ସାମାଜିକ ଓ ପାରିବାରିକ ବନ୍ଧନ, ଶୃଙ୍ଖଳା ଓ ଆଦର୍ଶବୋଧ ଅତିମାତ୍ରାରେ । ଜ୍ୟେଷ୍ଠପୁତ୍ର, ପରିବାରରେ ପିତା ସମାନ । ପିତାଙ୍କ ଅନ୍ତେ କିମ୍ବା ପିତାଙ୍କ ଅକର୍ତ୍ତବ୍ୟରେ ଘର ଚଳାଇବା ଓ ଅନ୍ୟ ସନ୍ତାନ ତଥା ଭାଇଭଉଣୀ ମାନଙ୍କୁ ପ୍ରତିପୋଷଣ କରିବା ଦାୟିତ୍ୱ ଜ୍ୟେଷ୍ଠପୁତ୍ର ଉପରେ ପଡ଼ିଥାଏ । ତେଣୁ ତାକୁ ସମସ୍ତେ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରଥମାଷ୍ଟମୀ ଓ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ପ୍ରଥମ ସନ୍ତାନ ବା ଜ୍ୟେଷ୍ଠ ସନ୍ତାନକୁ ପୂଜା ବନ୍ଦାପନା କରିବାର ବିଧି ଆମ ସମାଜରେ ପ୍ରଚଳିତ । ଏବ ତ ଆଧୁନିକ ଯୁଗରେ ଏ ପରମ୍ପରା ହ୍ରାସ ପାଇବାରେ ଲାଗିଛି । ବିଶେଷ କରି ସହରରେ ଏହି ବିଧିକୁ ପାଳିବା ଖୁବ୍ କମ୍ ଦେଖାଯାଏ ମାତ୍ର ଏହା ଗ୍ରାମାଞ୍ଚଳରେ ଅଧିକ ଦେଖାଯାଏ । ପରମ୍ପରା ଓ ସଂସ୍କୃତି ସବୁବେଳେ ଗ୍ରାମରେ ହିଁ ବଞ୍ଚି ରହିଥାଏ । ତେବେ ଏହା ଏବେ ଗ୍ରାମାଞ୍ଚଳରେ ମଧ ଆଧୁନିକତାର କଳା ବାଦଲରେ ଏହା ଢାଙ୍କି ହେବାକୁ ବସିଲାଣି । ଆମ ପରମ୍ପରା ଓ ସଂସ୍କୃତି ହେଉଛି ଆମ ଗର୍ବ ଓ ଗୌରବ । ଏହା ଆମକୁ ସମାଜରେ ସତ୍ୟ ପଥରେ ଆଗେଇ ଯିବାକୁ ଶିକ୍ଷା ଦେଇଥାଏ । ତେଣୁ ଆମ ସଂସ୍କୃତି ଓ ପରମ୍ପରାକୁ ଆମେ ଓ ଆମ ଆଗାମୀ ପିଢୀ ବଞ୍ଚାଇ ରଖିଲେ ସମସ୍ତଙ୍କର ମଙ୍ଗଳ ହେବ ।

+ ଅରଙ୍ଗାବାଦ, ବରୀ,
ଯାଜପୁର
(ମୋ) ୯୯୩୮୯୦୬୦୭୦

## ଅଷ୍ଟମୀ ବନ୍ଧୁ ଓ ପ୍ରଥମାଷ୍ଟମୀ



ଜୟଶ୍ରୀ ପଟ୍ଟନାୟକ

ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ । ଯୁଗ ଯୁଗ ଧରି ପର୍ବ ପ୍ରଥା, ଓଷା ବ୍ରତ ଆମର କୃଷି ସଂସ୍କୃତିକୁ ନେଇ ଚଳି ଆସିଛି । ବର୍ଷକ ବାରମାସ । ତନ୍ମଧ୍ୟରୁ ମାର୍ଗଶିର ମାସକୁ ଅତୀତରେ ବର୍ଷର ଆଦ୍ୟମାସ ବୋଲି ଗଣନା କରାଯାଇଛି । ଏହି ମାସରୁ ବର୍ଷ ଆରମ୍ଭ ହୋଇଥାଏ । ମାର୍ଗଶୀର ମାସ ହେଉଛି ଧାନ ଅମଳର ମାସ କୃଷକ ଶସ୍ୟ ରୂପକ ସନ୍ତାନ ଲାଭ କରୁଥିବାରୁ ତା ମନ ଆନନ୍ଦ ଉଲ୍ଲାସରେ ଭରି ଯାଇଥାଏ । ଏହି ଅମଳ ଧାନରୁ ଯେଉଁ ନୂଆ ଚାଉଳ ବାହାରେ ତାକୁ ଭଗବାନଙ୍କୁ ଅର୍ପଣ କରାଯାଇଥାଏ । ତେଣୁ ଏହି ତିଥିକୁ ସୌଭାଗିନୀ ଅଷ୍ଟମୀ ବୋଲି ମଧ୍ୟ କୁହାଯାଏ । ଆମେ ପାଳୁଥିବା ଅନେକ ପର୍ବ ମାନଙ୍କ ମଧ୍ୟରେ ପ୍ରଥମାଷ୍ଟମୀ ହେଉଛି କୃଷିଭିତିକ ପର୍ବ ଏବଂ ପାରିବାରିକ ତଥା ସାମାଜିକ ସମ୍ପର୍କର ପର୍ବ । ପ୍ରଥମାଷ୍ଟମୀ ଦିନ ସକାଳରେ ପ୍ରଥମ ସୂର୍ଯ୍ୟକିରଣ ସ୍ପର୍ଶରେ ଘରର ଜ୍ୟେଷ୍ଠ ସନ୍ତାନକୁ ସ୍ନାନ କରାଇ, ମଥାରେ କୁଙ୍କୁମ ଚନ୍ଦନ ଲଗାଇ, ମାମୁଁଘରୁ ଆସିଥିବା ନୂତନ ପୋଷାକ ପିନ୍ଧାଇ, ପିଢା ଉପରେ ଦିଅଁଙ୍କ ସାମନାରେ ବସାଇ, କଳସୀ ଆମ୍ରପତ୍ର ଥୋଇ, ହୁଳହୁଳି ଦେଇ ବନ୍ଦାପନା କରାଯାଏ ଯାହାକୁ କି ପୋଢୁଆଁ ଅଷ୍ଟମୀ ବା ପ୍ରଥମାଷ୍ଟମୀ କୁହାଯାଏ । ହଳଦୀ ପତରରେ ମାମୁଁଘରୁ ଆସିଥିବା ନୂଆଚାଉଳ ବିରି, ଗୁଡ, ନଡିଆରେ ଏଣ୍ଡୁରୀ ପିଠା କରି ପୂଜା କରାଯାଏ । ଅନ୍ୟ କେଉଁ ପୂଜାରେ ହଳଦୀପତ୍ର ପିଠା ହୁଏନି । ତାପରେ ଜ୍ୟେଷ୍ଠ ସନ୍ତାନର ମଙ୍ଗଳ କାମନା କରାଯାଏ । ତା ମଥା ଉପରେ ଚାଉଳ ଦୁବ ପକାଇ ତାର ଦୀର୍ଘାୟୁ କାମନା କରି ଶୁଭ ଆଶିର୍ବାଦ ଦିଆଯାଏ । ବନ୍ଦାପନା ପରେ ଷଠୀଦେବୀଙ୍କୁ ମୁଣ୍ଡିଆ ମାରି ବଡମାନଙ୍କୁ ମୁଣ୍ଡିଆ ମାରିବା ପରେ ଘରର ପ୍ରଥମ ସନ୍ତାନ ହିସାବରେ ପ୍ରଥମ ପିଠା ଖାଇବାକୁ ଦିଆଯାଏ । ତାପରେ ଅନ୍ୟମାନଙ୍କୁ ଦିଆଯାଏ । ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପାରମ୍ପରିକ ରୀତିରେ ଏହିପର୍ବ ପାଳନ କରାଯାଏ । ଘରର ଜ୍ୟେଷ୍ଠ ସନ୍ତାନକୁ ପୂଜା କରାଯାଏ । ଏହି ପୂଜା ଦ୍ୱାରା ମାମୁଁଘର ସହିତ ସାମାଜିକ, ପାରିବାରିକ ବନ୍ଧନ ସୁଦୃଢ ହୁଏ । ପିତାପରେ ପୂରା ଦାୟିତ୍ୱ ଜ୍ୟେଷ୍ଠ ସନ୍ତାନ ଉପରେ ନ୍ୟସ୍ତ ଥାଏ । ସେ ପିଣ୍ଡଦାନ କରେ । ପରିବାରର ପୋଷେକ ସାଜିଥାଏ । ତେଣୁ ତାକୁ ଯଥେଷ୍ଟ ସମ୍ମାନ ଦେବାର ଉଦ୍ଦେଶ୍ୟ ନେଇ ପାଳନ କରାଯାଏ ପ୍ରଥମାଷ୍ଟମୀ । ଓଡିଆ ସଂସ୍କୃତିରେ ବିଭିନ୍ନ ସଂକ୍ରାନ୍ତି, ବ୍ରତ ପର୍ବ ପାଳିତ ହୁଏ । ପ୍ରଥମାଷ୍ଟମୀ, ଜନ୍ମାଷ୍ଟମୀ, ପର୍ଶୁରାମାଷ୍ଟମୀ, ରାଧାଷ୍ଟମୀ, ମୂଳାଷ୍ଟମୀ ମହାଷ୍ଟମୀ, ଗୋଷ୍ଠାଷ୍ଟମୀ, ଭୀଷ୍ମାଷ୍ଟମୀ, ଅଶୋକାଷ୍ଟମୀ ଇତ୍ୟାଦି । ମାର୍ଗଶୀର ମାସର କୃଷ୍ଣପକ୍ଷ ଅଷ୍ଟମୀକୁ କୁହାଯାଏ ପ୍ରଥମାଷ୍ଟମୀ । ପ୍ରଥମାଷ୍ଟମୀକୁ କାଳଭୈରବ ଅଷ୍ଟମୀ ମଧ କୁହାଯାଏ କାରଣ ସ୍କନ୍ଦପୁରାଣ ଅନୁସାରେ ଏହିଦିନ କାଳ ଭୈରବକୁ ପୂଜାକଲେ ସବୁ ପାପରୁ ମୁକ୍ତି ମିଳେ ବୋଲି କୁହାଯାଏ । ତେଣୁ କାଳଭୈରବ ଅଷ୍ଟମୀକୁ ପାପନାଶିନୀ ଅଷ୍ଟମୀ ମଧ କୁହାଯାଏ ।

ଭଗବାନ ଶ୍ରୀକୃଷ୍ଣଙ୍କ ବିଭୁତି ଯୋଗରେ କୁହାଯାଇଛି "ମାସାନାଂ ମାର୍ଗଶିର୍ଷଅହମୃତୁନାଂ କୁସୁମାକରଃ" ଅର୍ଥାତ ମାସ ମାନଙ୍କ ମଧ୍ୟରେ ମାର୍ଗଶୀର ଶ୍ରେଷ୍ଠ ଏବଂ ଋତୁମାନଙ୍କ ମଧ୍ୟରେ ଋତୁରାଜ ବସନ୍ତ ହିଁ ଶ୍ରେଷ୍ଠ । ମାର୍ଗଶୀର ମାସରୁ ହିଁ ବର୍ଷର ଗଣନା ଆରମ୍ଭ ହୋଇଥିଲା ସେଥିଲାଗି ପ୍ରଥମ ତଥା ଆଦ୍ୟମାସର ପର୍ବ ଅନୁସାରେ ପ୍ରଥମାଷ୍ଟମୀ ଶବ୍ଦ ବ୍ୟବହୃତ ହୋଇଛି । ଉତ୍କଳୀୟ ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତି । ଏହିଦିନ ଭୋଗ ମଣ୍ଡପ ଉପରେ ତିନି ବାଡରେ ମଇଲମ ସାରି ମହାସ୍ନାନ ପରେ ଶ୍ରୀ ବିଗ୍ରହ ମାନଙ୍କୁ ନୂଆଲୁଗା ଲାଗି କରାଯାଏ । ଚନ୍ଦନ ଲାଗି ହୋଇ ଚନ୍ଦନ ବେଶ ହୁଅନ୍ତି, କର୍ପୂର ଲାଗି ହୁଅନ୍ତି । ତିନିବାଡରେ ବରୁଣ ପୂଜା ହୁଏ । ମଧାହ୍ନ ଧୂପ ଉଠିଲେ ତିନିବାଡରେ ବନ୍ଦାପନ ହେଇଥାଏ । ପୁରୀ ଠାରୁ ୪୦ କିମି ଦୂରରେ ପ୍ରାଚୀନଦୀ ତଟରେ ଥିବା ମାଧବ ଗ୍ରାମର ମାଧବାନନ୍ଦ ଶ୍ରୀ ଜଗନ୍ନାଥଙ୍କର ମାମୁଁଘର ରୂପେ ପରିଗଣିତ । ସେଠାରୁ ଆସିଥାଏ ଶ୍ରୀଜୀଉ ମାନଙ୍କ ଲାଗି ଅଙ୍ଗଲାଗି ପାଟବସ୍ତ୍ର ପୋଢୁଆଁ ଅଷ୍ଟମୀର ଭାର ଯଥା ଅରୁଆଚାଉଳ, ଗୁଡ ପାଚିଲାକଦଳୀ, ବିରି, ନଡିଆ । ଛତିଶା ସେବକ ନିଯୋଗ ସହ ହଜାର ହଜାର ଶ୍ରଦ୍ଧାଳୁ ନିଆଳି ମାଧବାନନ୍ଦ ମନ୍ଦିରରୁ ସଂକୀର୍ତ୍ତନ, ଢୋଲ ମହୁରୀର ତାଳେ ତାଳେ ଶ୍ରୀମନ୍ଦିରରେ ପହଁଚେ ଅଷ୍ଟମୀ ଭାର । ପ୍ରଭୁ ହେଉଛନ୍ତି ମାନବୀୟ ଲୀଳାଖେଳାର ଠାକୁର ତାଙ୍କୁ ନେଇ ଆମର ଯେତେସବୁ ସଂସ୍କୃତି ଓ ପରମ୍ପରା ଚଳିଆସୁଅଛି । ସତ୍ୟଯୁଗରେ ଶ୍ରୀରାମଚନ୍ଦ୍ରଙ୍କୁ ଜ୍ୟେଷ୍ଠ କଳିଯୁଗରେ ବଡଭାଇ ବଳଭଦ୍ର ବୋଲି ମାନିଥାନ୍ତି । କିନ୍ତୁ ସମଗ୍ର ଉତ୍କଳୀୟର ପ୍ରାଣକେନ୍ଦ୍ର, ବିଶ୍ୱର ପ୍ରାଣକେନ୍ଦ୍ର ଶ୍ରୀ ଜଗନ୍ନାଥଙ୍କୁ ବଡଠାକୁର ବୋଲି ଧରାଯାଇଛି । ତାଙ୍କୁ ଭିତି କରି ଆମର ଯେତେସବୁ ପୂଜା ଓ ପରମ୍ପରା ଅନୁଷ୍ଠିତ ହେଉଥିବାରୁ ପ୍ରାଚୀ ଅବବାହିକା ସ୍ଥିତ ନିଆଳିର ମାଧବାନନ୍ଦ ମନ୍ଦିର ଯେଉଁଠାରେ ନବକଳେବର ସମୟରେ ଦାରୁ ସଂଗ୍ରହ ପାଇଁ ମା ମଙ୍ଗଳା ପୀଠରେ ଅଧିଆ ପଡିଥାନ୍ତି ଦଇତାପତିମାନେ ଏବଂ ସ୍ୱପ୍ନାଦେଶ ପରେ ଯାଆନ୍ତି ଦାରୁ ଅନ୍ୱେଷଣରେ ସେହି ଇତିହାସକୁ ଭିତିକରି ନିଆଳିର ମାଧବାନନ୍ଦ ମନ୍ଦିରକୁ ମାମୁଁଘର ବୋଲି ବିବେଚନା କରାଯାଏ । କୋଉ ଆବାହମାନ କାଳରୁ ଏହି ପ୍ରଥା ଅନୁସାରେ ମାଧବାନନ୍ଦ ମନ୍ଦିରରୁ ଭାର ଆସି ପହଁଚେ ଶ୍ରୀମନ୍ଦିରରେ ଶ୍ରୀ ବଳଭଦ୍ରଙ୍କ ପୋଢୁଆଁ ନିମନ୍ତେ ପାଟବସ୍ତ୍ର ଓ ଭୋଗରାଗ । ନୀତିକାନ୍ତି ଅନୁସାରେ ମହାପ୍ରଭୁଙ୍କ ଦ୍ୱାରଫିଟା ହେବାପରେ ମଇଲମ ହୁଏ ପ୍ରାତଃ ପୂଜାର୍ଚ୍ଚନା ପରେ ମହାସ୍ନାନ କରାଯାଇ ମାମୁଁଘର ବସ୍ତ୍ର ଦେଇ ପିଷ୍ଟକ ବ୍ୟଞ୍ଜନ ଲାଗି କରାଯାଏ । ଯେହେତୁ କଳିଯୁଗରେ ଆମେ ଜଗନ୍ନାଥଙ୍କୁ ବଡଠାକୁର ବୋଲି ମାନୁ ତେଣୁ ଭାବାତ୍ମକ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ତାଙ୍କର ପ୍ରଥମାଷ୍ଟମୀ ପର୍ବ ଅନୁଷ୍ଠିତ ହୁଏ । ପୋଢୁଆଁ ହୁଅନ୍ତି ଜଗନ୍ନାଥ ଖଣ୍ଡୁଆପାଟ ବସ୍ତ୍ର ପିନ୍ଧାଯାଏ ଏବଂ ମାମୁଁଘରୁ ଆସିଥିବା ନୂଆ ଅରୁଆଚାଉଳ, ବିରି ହଳଦୀପତରରେ ଏଣ୍ଡୁରୀ ପିଠା କରି ଲାଗି କରାଯାଏ । ଏହି ଉତ୍ସବ ଦର୍ଶନ କଲେ ସମସ୍ତ ପାପାତାପ ଦୂରିତ ହୋଇ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ ବୋଲି ବାମବେଦ ସଂହିତାରେ ଉଲ୍ଲେଖ ରହିଛି । ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀରେ ପ୍ରଭୁ ଲିଙ୍ଗରାଜଙ୍କର ମାମୁଁଘର କପାଳିମଠକୁ ଶ୍ରୀଲିଙ୍ଗରାଜଙ୍କର ପ୍ରତିମା ଯାଆନ୍ତି ଏବଂ ସେଠାରେ ମାମୁଁ ବରୁଣେଶ୍ୱର ଓ ମାଇଁ ବନଦେବୀଙ୍କ ତରଫରୁ ତାଙ୍କୁ ପାପନାଶିନୀ ପୁଷ୍କରିଣୀ ଜଳରେ ସ୍ନାନ କରାଇ ନୂତନବସ୍ତ୍ର ପିନ୍ଧାନ୍ତି ଓ ପୂଜା ଉପାସନା କରନ୍ତି । ଲିଙ୍ଗପୁରାଣ ଅନୁସାରେ ମାର୍ଗଶୀର ଅଷ୍ଟମୀରେ ଶ୍ରଦ୍ଧା ଓ ଭକ୍ତିର ସହିତ ବ୍ରତୀମାନେ ନାନା ଉପଚାର ସହିତ ପୁଷ୍ପ ଧୂପ ଦୀପରେ ଶିବଲିଙ୍ଗ ପୂଜନ କଲେ ଅନେକ ପୁଣ୍ୟ ମିଳିଥାଏ । ସାଧାରଣତଃ ଭାବେ ଏହି ଅଷ୍ଟମୀକୁ ପୋଢୁଆଁ ଅଷ୍ଟମୀ କୁହାଯାଏ କାରଣ ଏଥିରେ ପାରିବାରିକ ବନ୍ଧନ କଥା ଉଲ୍ଲେଖ ରହିଛି ଯେ ଘରର ବଡ ପୁଅ ହେଉ କି ଝିଅକୁ ପ୍ରାଧାନ୍ୟ ଦେବା । ଘରର ଜ୍ୟେଷ୍ଠ ହିସାବରେ ତାଙ୍କୁ ଘରର ଦାୟିତ୍ୱ ବାପାଙ୍କ ଅନ୍ତେ ତୁଲାଇବାକୁ ପଡିଥାଏ । ବାପା ପରେ ସେ ଘରର ଭାବୀ ମୁରବୀ ହୋଇ ଘରର ସମସ୍ତ ଦୁଃଖ ସୁଖ ବୋଝକୁ ବୋହିଥାନ୍ତି ଅନ୍ୟ ଭାଇ ଭଉଣୀମାନଙ୍କୁ ପ୍ରତିପୋଷଣ କରିଥାନ୍ତି ସମସ୍ତ କ୍ରିୟାକର୍ମକୁ ତୁଲାଇଥାଆନ୍ତି । ପିତାଙ୍କ ଅନ୍ତେ ସେ ଘରର ମୁରବୀ ସାଜନ୍ତି । ଶ୍ରାଦ୍ଧ ଓ ପିଣ୍ଡଦାନ କାର୍ଯ୍ୟ କରନ୍ତି । (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

### କବିତା କୋଣାର୍କ



### ଆସିଛି ପ୍ରଥମାଷ୍ଟମୀ

ଦୁଷ୍ମନ୍ତ ବେହେରା

ପାହିଲା ଅନ୍ଧାର ରଜନୀ
ଉଠ ଉଠ ପୁତ୍ର ପୁତ୍ରୀ
ମାଗଶିର ନେଇ ଆସିଛି
ଉଜ୍ଜ୍ୱଳ ପ୍ରଥମାଷ୍ଟମୀ ।

ନୂଆ ରୂପ ନୂଆ ଆଶା
ନୂଆ ମନକୁ ନେଇ
ପୋଷାକ ପିନ୍ଧିବ ତୁମ
ମନ ଖୁସି ହୋଇ ।

ପୂର୍ବ ଦିଗେ ନୂଆ ଆଶା ନେଇ
ପଶ୍ଚିମ ଦିଗେ ବୁଡଇ ରବି
ବରଷ ରେ ଥରେ ପଡିଛି
ପ୍ରଥମାଷ୍ଟମୀ ନବପ୍ରାଣ ଲଭି ।

ନୂଆ ମନଟିକୁ ନେଇ
ଡେରି ହେଉ ହେଉ
ଯାଉଛି ଲାଜେଇ ଚେହେରା
ଟି ମୋର ଯେ ସେଇ ।

ବଡ ପିନ୍ଧୁ ଥାଏ ସାନ ମନ
ହେଉଥାଏ ସକ ସକ
ମାଆବାପା ଦେଖି ହସି ଉଠନ୍ତି
ଏଇ ଆମ ଧକ ଧକ ।

ଆହାକି ସୁନ୍ଦର ଦୁନିଆ ଛବି
ଉଇଁଲେଣି ସାନ ବଡ
ହସ ମୁଖେ ଚହଟି ଚେହେରା
ନାଚି ଉଠେ ମନ ମରି ।

ଆକାଶ ମହୀ ପୂରିଲା ଆନନ୍ଦେ
ନାଚି ଉଠେ ମନ ଗୀତେ
ଜାଗି ଉଠରେ ଉତ୍କଳ ସନ୍ତାନ
ଦେଖିବ ଜଗତ ଜନେ ।

+ ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
(ମୋ) ୯୯୩୭୬୫୨୫୦୪





### ପ୍ରଥମାଷ୍ଟମୀ

ନିରଞ୍ଜନ ସାହୁ

ମାର୍ଗଶିର ମାସ କୃଷ୍ଣ ଅଷ୍ଟମୀରେ
ପ୍ରଥମାଷ୍ଟମୀ ଯେ ଆସେ
ଏଣ୍ଡୁରି ପିଠାରେ ଓଡ଼ିଆଙ୍କ ଘର
ମହମହ ହୋଇ ବାସେ ।

ହଳଦୀ ପତର ଉପରେ ସୋଦୁଅ
ଅତି ଯତନରେ ଦେଇ
ଛେନା, ରାଶି , ନାରିକେଳ ପୁର ଦିଅ
ତାହାରି ଭିତରେ ନେଇ ।

ନୂତନ ଧାନର ଚାଉଳରୁ ଚୁନା
ନୂଆ ବିରି ବଟା ଯାଏ
ହଳଦୀ ପତର ସାହାଯ୍ୟରେ ପିଠା
ଏଣ୍ଡୁରି ହିଁ ହୋଇଥାଏ ।

ପ୍ରତ୍ୟେକ ଘରର ଜ୍ୟେଷ୍ଠ ସନ୍ତାନ ହିଁ
ପୋରୁହାଁ ହୁଅନ୍ତି ପରା
ନୂତନ ପୋଷାକ ପରିଧାନ କରି
ଦିଶୁଥାନ୍ତି ମନୋହରା ।

ମାମୁଁଘର ପରା ପୋରୁହାଁ କରନ୍ତି
ଚଳି ଆସୁଅଛି ବିଧି
ଭଣଜାଭାଣିଜୀ ମାମୁଁଘରେ ପରା
ହୋଇଥାନ୍ତି କୋଟିନିଧି ।

ଜ୍ୟେଷ୍ଠ ସନ୍ତାନ ହିଁ ଘରର ଦାଇତ୍ୱ
ଅଧିକ ବହନ କରେ
ପ୍ରଥମାଷ୍ଟମୀରେ ସେଥିପାଇଁ ତା'ର
ସ୍ୱତନ୍ତ୍ର ସ୍ଥାନଟି ଘରେ ।

ଆସନ୍ତୁ ପାଳିବା ପ୍ରଥମାଷ୍ଟମୀ ତ
ଏଣ୍ଡୁରି ପିଠାକୁ ଖାଇ
ଖେଳିବା, ବୁଲିବା,ନାଚିବା ଆମେ ତ
ଆନନ୍ଦରେ ଗୀତ ଗାଇ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
(ମୋ)୯୯୩୮୭୪୧୫୮୩

### ବେଳାଭୂମି

ରୋହିତ ସେଠୀ

ପ୍ରକୃତି କୋଳରେ,
ହେ ନୀଳ ସାଗର !
ନୃତ୍ୟରତ ତୋର ଢେଉ
ପ୍ରତିକ୍ଷଣ ଆସି ଅତି ସରାଗରେ
ବେଳାଭୂମି ଚୁମି ଯାଉ ।

ନୀଳ ଜଳରାଶି ନୀଳ ଆକାଶର
ରୂପ ସହ ମିଶିଯାଏ
ମୃଦୁ ସମୀରଣେ ଶିହରଣ ଭରି
ପ୍ରେମର ରାଗିଣୀ ଗାଏ ।

ଅତି ନିକଟରୁ ଅଶାନ୍ତ ଚଞ୍ଚଳ
ଭୟଙ୍କର ଗରଜନ
ଦୃଷ୍ଟି ଅନ୍ତରାଳୁ ସତରେ ଯେମିତି
ନିଶ୍ଚଳ ପ୍ରଶାନ୍ତ ମନ ।

ପ୍ରକୃତି ପ୍ରେମିକ ଅବା ପର୍ଯ୍ୟଟକ
ତୋତେ ଭାରି ଭଲପାଏ
ସମୟ ପାଇଲେ ତୋ ବେଳାଭୂମିରେ
ଥରେ ଅଧେ ବୁଲି ଯାଏ ।

ପର୍ଯ୍ୟଟକ ତୋଳେ ତୋ ରୂପ ସୁଷମା
ସ୍ମୃତିର ପୋଥିରେ ରଖି
ପ୍ରକୃତି ପ୍ରେମିକ ଭାବୁକ ଭାବନା
କବିତାଟେ ଦିଏ ଲେଖି ।

+ ଶିକ୍ଷକ
ଖଜୁରୀପଡ଼ା, କନ୍ଧମାଳ
(ମୋ)୭୭୩୫୨୧୪୩୭୯

### ଅବଳା ଦୁର୍ବଳା ନୁହେଁ

ଝରଣା ଦାସ




ଶାବଣୀରୁ ବହ୍ନି କନ୍ୟା ସାଜିବା ଭିତରେ
କ'ଣ କ'ଣ ତୁ ହରେଇଲୁ
ପଛକୁ ଫେରି ଚାହାଁନା ଝିଅ !
ବାସ୍ ଅତୀତକୁ ପଛ କରିଦେ
ବର୍ତ୍ତମାନରେ ବଞ୍ଚିବା ଶିଖି ।


ଜନ୍ମ ଦେଇଛନ୍ତି ବୋଲି
ବାପା ମାଆ ଦିଇଟା ତ
ଲୁହରେ ଭିଜି, ଲହୁରେ ଗାଧେଇ
ସୁଖଦୁଃଖରେ ତୋ ସାଥୀ
ସାଜିବାଟା ଥୟ ।
ସେତିକି ସାମର୍ଥ୍ୟ ରଖିଥିଲେ
ବୋଲି ଛାତିରେ
ନାଗୁଣୀ ପରି/ ବାଘୁଣୀ ପରି
ବିଲେଇ ପରି ସାତଘର ଲୁଚେଇ
କୁକୁଡ଼ା ପରି ପର ଆଡୁଆଳରେ
ଢାଙ୍କୁଡ଼ି ରଖି
ପାଳିପୋଷି ମଥା ଲଗେଇବାର ହିମତ୍
ଜୁଟେଇ ପାରିଥିଲେ ତ
ଲଢ଼ିଯାଇ, ସଂସାର ସମ୍ବନ୍ଧି ବିପକ୍ଷରେ ।
ସେତିକି ସାହସ ଭରି ନଥିଲେ ବି
ଗୋଟେ ଭାଇ ଛାତିରେ
ଆଜିକା ଯୁଗରେ
ସୂପର୍ଣ୍ଣଖା ଛଳେ ସ୍ୱର୍ଣ୍ଣଲଙ୍କା
ଧ୍ୱଂସର ଇତିହାସ
ଦୋହରାଉଥାନ୍ତା କି ଏ ମଣିଷ !
ନା ପବିତ୍ର ଯଜ୍ଞକୁଣ୍ଡରୁ
ଜାତ ଯାଜ୍ଞସେନୀକୁ
ନିବସ୍ତ୍ର କରିବାର ଷଡ଼ଯନ୍ତ୍ର
ରଚାଯାଇଥାନ୍ତା କୁରୁ ମହାସଭାରେ
ସୂଚ୍ୟାଗ୍ରେ ମେଦିନୀ ନ ଦେବାର
ନାଟକ ପୂର୍ବ ରିହଲସେଲରେ !

ଧନବଳ ଜନବଳ
ଗୋଟେ ଦାମ୍ଭିକପଣ ଭରା
ଅହଂକାରର ଇତିଆଙ୍କି
ଦେଖେଇଦେ ତୁ ଆଜି
ଅବଳାକୁ ଦୁର୍ବଳା ଭାବି
ଭ୍ରମରେ ଜିଉଁଥିବା ମଣିଷଙ୍କୁ
ଯୁଗେ ଯୁଗେ ଧର୍ମର ଜୟ ସିନା
ଅବଳା ହୋଇପାରେ ନାରୀଟିଏ
ଦୁର୍ବଳା ସେ ନଥିଲା କେବେ ବା'
ନୁହେଁ ଆଜି ।

+ ମାର୍ଫତ୍: ବରେନ୍ଦ୍ର ଦାସ
କଲ୍ୟାଣ ନଗର
ଅଙ୍ଗାର ଗଡ଼ିଆ, ବାଲେଶ୍ୱର
ମୋ: ୮୩୪୨୮୫୬୦୦୧







## କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍କି (୧୯)

# ଅଗସ୍ତ୍ୟ ମୁନିଙ୍କ ସମୁଦ୍ର ପାନ କଥା





(ପୂର୍ବ ପ୍ରକାଶିତ ଉତ୍ତାରୁ)

ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ପିଲାମାନେ ରାମାୟଣରେ ଏପରି ମୁନି ଋଷିଙ୍କ କାହାଣୀ ଅଛି ଯେଉଁମାନେ କେବଳ ମଣିଷ ଜାତିର ମଙ୍ଗଳ ଲାଗି କାମ କରୁନଥିଲେ, ସେମାନେ ଦେବତାଙ୍କ ଭଲ ଲାଗି ମଧ୍ୟ କାମ କରୁଥିଲେ। ସେମାନେ ତାଙ୍କର ତପୋବନ ଓ ଜ୍ଞାନ ଲାଗି ଅସାଧ୍ୟକୁ ସାଧନ କରୁଥିଲେ।

ରାମାୟଣରେ ସେହିପରି ଜଣେ ଋଷି ଅଗସ୍ତ୍ୟ ବା ଅଗସ୍ତିଙ୍କ କଥା ବର୍ଣ୍ଣିତ ହୋଇଛି। ଶ୍ରୀରାମ ଓ ଲକ୍ଷ୍ମଣ ବିଶ୍ୱାମିତ୍ରଙ୍କ ସାଂଗରେ ଗଲାବେଳେ ତାଙ୍କ ଶ୍ରମ ଲାଘବ ଲାଗି ବିଶ୍ୱାମିତ୍ର ସେମାନଙ୍କୁ ବିଭିନ୍ନ କାହାଣୀ ଶୁଣାଉଥିଲେ। କେବଳ ସେତିକି ନୁହଁ, ରାମ ଲକ୍ଷ୍ମଣଙ୍କ ଜିଜ୍ଞାସା ମଧ୍ୟ ତାଙ୍କୁ ବିଭିନ୍ନ କଥା ଜାଣିବାରେ ସାହାଯ୍ୟ କରୁଥିଲେ।

ବିଶ୍ୱାମିତ୍ର ଋଷି ରାମ ଲକ୍ଷ୍ମଣଙ୍କୁ ଅଗସ୍ତ୍ୟ ମୁନିଙ୍କ କଥା କହୁଥିଲେ। ଦେବରାଜ ଇନ୍ଦ୍ର ବୃତ୍ରାସୁର ବଧ କଲେ। ଏହା ସମ୍ଭବ ହେଲା ଦଧୀଚି ଋଷିଙ୍କ ହାଡ଼ରେ ତିଆରି ହୋଇଥିବା ଅସ୍ତ୍ର ଲାଗି। ବୃତ୍ରାସୁର ଗୋଟେ ବର ପାଇଥିଲା ଯେ ସେ ଅଷ୍ଟଧାତୁରେ ନିର୍ମିତ ଅସ୍ତ୍ରଶସ୍ତ୍ର ଦ୍ୱାରା ମରିବ ନାହିଁ। ସେ କ'ଣ ଜାଣିଥିଲା ଜଣେ ଋଷିଙ୍କ ହାଡ଼ରୁ ତିଆରି ହୋଇଥିବା ଅସ୍ତ୍ରଦ୍ୱାରା ତାର ନିଧନ ହେବ।

ତେବେ ଯାହାହେଉ, ବୃତ୍ରାସୁରର ନିଧନ ହେଲା। ଦେବତା ଓ ମୁନି ଋଷି ଭାବିଲେ ଏଣିକି ସେମାନେ ତାଙ୍କ ଯଜ୍ଞ ଆଦି କାମ ସୁରୁଖୁରୁରେ କରିପାରିବେ। ମାତ୍ର ସେପରି ହେଲାନି।

ବୃତ୍ରାସୁରର ଅନୁଚରମାନେ ତାର ମୃତ୍ୟୁପରେ ସମୁଦ୍ର ଜଳ ଭିତରେ ଯାଇ ଲୁଚି ରହିଲେ। ଦିନରେ ସେମାନେ ସମୁଦ୍ର ଭିତରେ ଲୁଚି ରହିଲେ। ରାତି ହେବା ମାତ୍ରେ ସେମାନେ ଜଳରୁ ବାହାରି ଆସିଲେ ଓ ଚାରିଆଡ଼େ ବୁଲି ଉତ୍ପାତ୍ କଲେ। ମୁନି ଋଷିଙ୍କ ଆଶ୍ରମ ଭାଂଗିଲେ, ତାଙ୍କ ଯଜ୍ଞ କାମ କରାଇ ଦେଲେନି। କେବଳ ସେତିକି ନୁହେଁ ମୁନି ଋଷି ଓ ତାଙ୍କ ଅନୁଚରମାନଙ୍କୁ ମାରି ଭକ୍ଷଣ କଲେ।

ମୁନି ଋଷିମାନେ ବୃତ୍ରାସୁରର ଅନୁଚରଙ୍କ ଡରରେ ଲୁଚିକରି ରହିଲେ। ଯଜ୍ଞାଦି କାମ କରି ପାରିଲେନି। ଏହାଦ୍ୱାରା ଦେବତାମାନେ ରାଗିଲେ। ସେମାନେ ଯାଇ ଶ୍ରୀବିଷ୍ଣୁ ଓ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ।

ବ୍ରହ୍ମା ଦେବତାମାନଙ୍କ ଦୁଃଖ ଦେଖି ସେମାନଙ୍କୁ ଅଗସ୍ତି ମୁନିଙ୍କ ପାଖକୁ ଯିବାକୁ କହିଲେ ଓ ତାଙ୍କ ପ୍ରାର୍ଥନା କରି ସମୁଦ୍ରକୁ ଶୁଖେଇବାର ବାଟ ବାହାର କରିବାକୁ କହିଲେ। ଦେବତାମାନେ ସଂଗେ ସଂଗେ ଅଗସ୍ତି ମୁନିଙ୍କ ଆଶ୍ରମକୁ ଗଲେ ଓ ତାଙ୍କ ଦୁଃଖ କଥା କହିଲେ।

ଅଗସ୍ତି ମୁନିଙ୍କର ଏକ ବିଶେଷତ୍ୱ ଥିଲା ଯେ ସେ ଯାହା ଭକ୍ଷଣ କରିବେ ବା ପାନ କରିବେ, ତାହା ସଂଗେ ସଂଗେ ତାଙ୍କ ଉଦରରେ ଜୀର୍ଣ୍ଣ ହୋଇଯିବ।

ଅଗସ୍ତି ମୁନି ସଂଗେ ସଂଗେ ସମୁଦ୍ର କୂଳକୁ ଗଲେ ଓ ନିଜର ବ୍ରହ୍ମ ଶକ୍ତି ବଳରେ ସମୁଦ୍ରକୁ ଚଳୁ କରି ପାନ କରିଦେଲେ। ବିଚିତ୍ର ଦୃଶ୍ୟ ଥିଲା ସେ। ସବୁ ସମୁଦ୍ର ଜଳଶୂନ୍ୟ ହୋଇଗଲେ। ଦେବତାମାନେ ଅସୁରମାନଙ୍କୁ ଦେଖିପାରିଲେ ଓ ସେମାନଙ୍କୁ ଆକ୍ରମଣ କରି ହତ୍ୟା କଲେ। କିଛି ଅସୁର ଲୁଚି କରି ପାତଳ ପୁରକୁ ପଳାଇଲେ ଓ ସେହିଠାରେ ଲୁଚି କରି ରହିଲେ।

ସମୁଦ୍ରମାନଙ୍କରେ ପାଣି ନ ରହିବାରୁ ସେଠାରେ ରହୁଥିବା ପ୍ରାଣୀ ଓ ଉଦଭିଦ୍ ମାନେ ମରିଗଲେ। ଦେବତାମାନେ ଚିନ୍ତାରେ ପଡ଼ିଗଲେ। ପୃଥିବୀର ପରିବେଶର ସନ୍ତୁଳନ ରହିବ କିପରି ? ସେମାନେ ପୁଣିଥରେ ଅଗସ୍ତି ମୁନିଙ୍କୁ ପ୍ରାର୍ଥନା କଲେ ସବୁ ଜଳକୁ ସମୁଦ୍ରଙ୍କୁ ଫେରାଇ ଦେବାକୁ।

ଅଗସ୍ତି ମୁନି କହିଲେ-ତାହା ଏବେ ସମ୍ଭବ ନୁହେଁ। ମୋ ପେଟକୁ ଯାହା ଯାଇଛି ସବୁ ହଜମ ହୋଇଯାଇଛି। ତେଣୁ ବର୍ତ୍ତମାନ ଜଳକୁ ଫେରାଇ ଆଣିବା ସମ୍ଭବ ନୁହେଁ। ବ୍ୟସ୍ତ ହେବାର ନାହିଁ। ଭବିଷ୍ୟତରେ ନିଜ ବଂଶର ରକ୍ଷା ଲାଗି ଭଗୀରଥ ସ୍ୱର୍ଗରୁ ଗଙ୍ଗାକୁ ଆଣିବେ। ସେହି ସମୟରେ ପୁଣିଥରେ ସମୁଦ୍ର ଜଳରେ ପୂର୍ଣ୍ଣ ହୋଇଯିବ।

ରାମ ଲକ୍ଷ୍ମଣ ଚାଲୁ ଚାଲୁ ବିଶ୍ୱାମିତ୍ରଙ୍କଠାରୁ ଅଗସ୍ତି ମୁନିଙ୍କ କଥା ଶୁଣୁଥିଲି। ଅଗସ୍ତି ମୁନି ଆହୁରି ଅନେକ କଥା ଲାଗି ପ୍ରସିଦ୍ଧ। ସେ କଥା ମଧ୍ୟ ବିଶ୍ୱାମିତ୍ର ଋଷି ରାମ ଲକ୍ଷ୍ମଣଙ୍କୁ କହିଥିଲେ।

ମିନା ଅପାଙ୍କ କଥା ସେଦିନ ସେଇଠି ସରିଲା। ପିଲାମାନେ ଖୁସିରେ ଘରକୁ ଫେରିଲେ।

(କ୍ରମଶଃ)

♥ (ମୋ) ୯୯୮୦୩୦୦୭୫୧

## କବିତା
### ତୁମ ପାଇଁ

## ଅଳି .....
### ଆଦ୍ୟାଶା ମହାପାତ୍ର

ତୁମରି ପରିକା ପିଲାଟେ ମାମୁନି
କରଇ ସେ କେତେ ଅଝଟ ଅଳି
ଗେହ୍ଲା ଝିଅ ସିଏ ବାପା ମାଆଙ୍କର
ଅଳି ତା'ର ଥାଏ ଭଳିକି ଭଳି ।

ଗପ ଶୁଣିବାକୁ ଜେଜେ ମା'ଙ୍କ ପାଖେ
ନିତି ସଞ୍ଜେ ସିଏ କରଇ ଅଳି
ଜେଜେଙ୍କ ପାଖରେ ଅଳି କରେ ଯାଇ
ଯାତରା ବୁଲିବି, ଖେଳିବି ଦୋଳି ।

ବାପାଙ୍କ ସହିତ ବଜାରକୁ ଗଲେ
ଅଳି ସେ କରଇ ଖେଳନା ପାଇଁ
ଚକୋଲେଟ ନେବାକୁ ଅଳି କରେ ପୁଣି
ମାଗେ ଆଉ ଗୋଟେ ଭାଇର ପାଇଁ ।

ଶରଦ ଶଶୀକୁ ହାତେ ଧରିବାକୁ
ଅଳି କରେ ଯାଇ ଆଈଙ୍କ ପାଶେ
ମାଇଁ କୋଳେ ନେଇ ବୁଝେଇ ଦିଅନ୍ତି
ଜହ୍ନମାମୁଁ ନଭେ ସୁନ୍ଦର ଦିଶେ ।

ଗୋଧୂଳି ପହରେ ଅଳି କରି କହେ
ସାଙ୍ଗଙ୍କ ସାଥିରେ ଖେଳିବି ମୁହିଁ
ଲୁଚି ଲୁଚି କେବେ ବଣ ବୁଦା ବୁଲେ
ଖଟା ମିଠା କୋଳି ଖାଇବା ପାଇଁ ।

ଅଳି କରି କେବେ ଖାଇଲେ ସେ ଗାଳି
ରୁଷି ବସେ ଯାଇ ଘର କୋଣରେ
ମାଆ ଡାକି ଯେବେ ଆଦର କରନ୍ତି
ଭୁଲିଯାଏ ରାଗ ନିମିଷକରେ ।

♥ ନୂଆପଡା ,କଟକ

## ଚାଚାନେହରୁ
### ବ୍ରଜେଶ୍ୱରୀ ସିଂହ

ଚାଚାନେହରୁ ସେ ଚାଚାନେହରୁ
ସଭିଙ୍କର ପ୍ରିୟ ସିଏ
ମଣିଷ ଭିତରେ ମଣିଷଟିଏ
ଭୁଲିକି ପାରିବ କିଏ।

ଦେଶ ପାଇଁ ସିଏ ସଂଗ୍ରାମ କଲେ
ଖାଇଲେ ଲାଠି ପାହାର
ମହାତ୍ମା ଗାନ୍ଧୀଙ୍କ ଅହିଁସା ବଳେ
ଦେଶକୁ କଲେ ଉଦ୍ଧାର ।

ଶାନ୍ତିର ଦୂତ ଲାଲ ବାହାଦୂର
ଛାତିକୁ ପଥର କରି
ଦେଶେ ଉଡ଼ାଇଲେ ତ୍ରିରଙ୍ଗା ପତାକା
ଦୁଃଖ ଗଲା ଅପସରି ।

ଆସ ଆମେ ସବୁ ଏକାଠି ହୋଇ
ରଖିବା ଦେଶର ମାନ
ଚାଚା, ଗାନ୍ଧୀଙ୍କ ଆଦର୍ଶେ ଚାଲିବା
ଜିଣିବା ସଭିଙ୍କ ମନ।

ଭାରତ ମାତାର ପ୍ରଧାନମନ୍ତ୍ରୀ ସେ
ପ୍ରଥମରେ ହୋଇଥିଲେ
ଇତିହାସ ଆଜି ମୂକସାକ୍ଷୀ ତା'ର
କାଳଜୟୀ ରଚିଗଲେ ।

ଶିଶୁ ସାହିତିକା ତଥା ସଂପାଦିକା
'ବଉଳଫୁଲ', ଯାଜପୁର ,
ଦୂରଭାଷ -୯୪୩୮୪୭୧୪୧୧

## ଆମର ଜନମ ଭୂଇଁ
### ବିନୟ କୁମାର ସାମଲ

ଓଡ଼ିଶା ଆମର ଜନମ ଭୂଇଁ
ଆମ ରାଇଜର ତୁଳନା ନାହିଁ ,
ବଣ ପରବତ ଝରଣା ପ୍ରପାତ
ସବୁଜିମା ଭରା ପାହାଡ଼ ନଈ
ଓଡ଼ିଶା ....
ସାଗର ଯାହାର ଚରଣ ଧୁଏ
ଗିରିଶୃଙ୍ଗ ଶୋଭା ମୁକୁଟ ପ୍ରାୟେ
କେତେ ନଦନଦୀ ତୋ ବକ୍ଷରେ ଭେଦି
ଆନନ୍ଦେ ମିଳନ୍ତି ସାଗରେ ଯାଇ
ଓଡ଼ିଶା....
ଅତୀତ ନାମଟି କଳିଙ୍ଗ ଯା'ର
ଗଉରବ ମୟ କୀରତି ତା'ର
ଧନଧାନ୍ୟେ ପୂର୍ଣ୍ଣ ଉତ୍କଳ ଭୁବନ
କଳା ସଂସ୍କୃତିର ତୁଳନା ନାହିଁ
ଓଡ଼ିଶା...
ଉତ୍କଳ ଗୌରବ ଉତ୍କଳମଣି
ଶତ ଶତ ନେତା ଜନତା ପୁଣି
ଭାଷା ଆନ୍ଦୋଳନେ ଓଡ଼ିଶା ଗଠନେ
ବରିନେଲେ ତ୍ୟାଗ ଏ ଜାତି ପାଇଁ
ଓଡ଼ିଶା....
ଆମ ମାତୃଭାଷା ଭାରି ମଧୁର
ଓଡ଼ିଶୀ ସଙ୍ଗୀତ ନୃତ୍ୟ ସୁନ୍ଦର
ସ୍ୱର୍ଣ୍ଣ ରୌପ୍ୟ ସୂକ୍ଷ୍ମ ତାରକସି କାମ
ବିଶ୍ୱରେ କଟକ ପ୍ରସିଦ୍ଧି ପାଇ
ଓଡ଼ିଶା...
ମଠ ସ୍ତୁପ ଚୈତ୍ୟ ବୌଦ୍ଧବିହାର
ମନ୍ଦିର ମାଳିନୀ ଭୁବନେଶ୍ୱର
ସୂକ୍ଷ୍ମ କାରୁକାର୍ଯ୍ୟ କଳାର ଭାସ୍କର୍ଯ୍ୟ
କୋଣାରକ ଯାଏ କୀରତି ଗାଇ
ଓଡ଼ିଶା...
ଚାରିଧାମ ମଧ୍ୟେ ଶ୍ରୀନିଳାଚଳ
ଶଙ୍ଖକ୍ଷେତ୍ରେ ବିଜେ ଭକ୍ତ ବତ୍ସଳ
ପତିତପାବନ ବିପଦ ଭଞ୍ଜନ
ସର୍ବଧର୍ମ ସାର ଜଗତସାଇଁ
ଓଡ଼ିଶା...
ବାରମାସେ ଏଠି ତେର ପରବ
ଘରେ ଘରେ ପିଠା ପଣା ଦରବ
ବଡ଼ି ଶାଗଭଜା ପଖାଳର ମଜା
ବଢିଯାଏ ଖରାବେଳକୁ ଚାହିଁ
ଓଡ଼ିଶା...
କୃଷି ଶିଳ୍ପ ସ୍ୱାସ୍ଥ୍ୟ ଶିକ୍ଷା କ୍ଷେତ୍ରରେ
ବିଜ୍ଞାନ ପ୍ରଯୁକ୍ତି ଗବେଷଣାରେ
ଦକ୍ଷତାର ମାନ ଉତ୍କର୍ଷ ସାଧନ
ଆଗୁସାର ଆମେ ବିକାଶ ପାଇଁ
ଓଡ଼ିଶା...
ଆମ ଏଇ ମାଟି ପାଣି ପବନ
ଗଢିଛି ଆମର ଶରୀର ମନ
ଜନ୍ମଭୂମି ପାଇଁ ସେଇ ମନ ନେଇ
ସେବିବା ତା' ପାଦ ମଥା ନୁଆଇଁ
ଓଡ଼ିଶା...

♥ ଗ୍ରା/ପୋ: ବେଡାପଡ଼ା
ଭାୟା: ହିନ୍ଦୋଳରୋଡ
ଜିଲ୍ଲା : ଢେଙ୍କାନାଳ/୭୫୯୦୧୯
(ମୋ):୯୩୩୭୨୪୯୦୬୮

## କିଏ ଜଣେ ତା' ସରି....
### ମଂଜୁ ଦାସ




ଦିଲ୍ଲୀ ଚଲୋ, ଦିଲ୍ଲୀ ଚଲୋ
ଡାକରା କିଏ ଦେଲା
ଆଜାଦ ହିନ୍ଦ୍ ଫଉଜ ଗଢ଼ି
ମନକୁ ଟାଣି ନେଲା।
ଜନମ ମାଟି ଅଧୀନେ ରଖି
ହୀନ ବଣିକ ଜାତି
ଦୋହଲାଇ ସେ ଦେଶ ଆମର
ଥରାଇ ଦେଲା ଛାତି।
ଜବାବ ତାଙ୍କୁ କେମିତି ଦେବ
ବୁଲିଲା ଗଳିକନ୍ଦି
ଦେଶ ବାହାରୁ କରିବ ବୋଲି
ଫନ୍ଦି କରିଣ ବନ୍ଦୀ।
ଦେଶ ଭିତରେ ତତାଇ ଦେଲା
ଭାରତୀୟଙ୍କ ମନ
ତୁଚ୍ଛ ମଣିଲେ ଦେଶବାସୀଏ
ଜୀବନ ଆଉ ଧନ।
କଥାରେ ତା'ର ଦେଶ ପ୍ରେମର
କି ନିଶା ଘାରିଗଲା
'ଦିଲ୍ଲୀ ଚଲୋ' ଶୁଣିଲା ଯିଏ
ଅନୁସରଣ କଲା।
ଲାଲ କିଲ୍ଲାରେ ଉଡ଼ାଇବାକୁ
ତ୍ରିରଙ୍ଗା ଫରଫର
କଲା ଯୋଜନା ବୁଦ୍ଧିର ବଳେ
ବିଦେଶୀ ଥରହର।
ଏଇ ସାହସୀ ଓଡ଼ିଆ ପୁଅ
ସୁଭାଷ ବୋଷ ନାମେ
ଦେଶ ମୁକତି ପାଇଁ କୀରତି
କଲା ଓଡ଼ିଆ ଧାମେ।
ତାଙ୍କ ଜୟନ୍ତୀ ଶୁଭ ଲଗନେ
ତାଙ୍କରି କଥା ସ୍ମରି
ଏମିତି ପୁଅ ଅଛି କେ କହ
କିଏ ଜଣେ ତା' ସରି।

♥ ସିପିଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ଜଗତସିଂହପୁର-୭୫୪୧୦୩

## ଶ୍ରୀମତୀ ବସନ୍ତ ମିଶ୍ର

# ସନ୍ଦେହ ମଣିଷର ବଡ଼ ଶତ୍ରୁ



ବିନୟ ଓ ସୁବାସ ଗାଁ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢ଼ନ୍ତି। ଦୁହେଁ ଭଲ ପଢ଼ିବା ସାଙ୍ଗକୁ ବକ୍ତୃତା, କ୍ରୀଡ଼ା, ଚିତ୍ରାଙ୍କନ, ସଙ୍ଗୀତ, କୁଇଜ୍ ଆଦି ପ୍ରତ୍ୟେକ କ୍ଷେତ୍ରରେ ଭଲ ପ୍ରଦର୍ଶନ କରନ୍ତି। କେବେ ବିନୟ ଶ୍ରେଣୀରେ ପ୍ରଥମ ହେଲେ ସୁବାସ ଦ୍ୱିତୀୟ ହୁଏ ତ, ସୁବାସ ପ୍ରଥମ ହେଲେ, ବିନୟ ଦ୍ୱିତୀୟ ସ୍ଥାନରେ ରହେ। ସେଥିପାଇଁ ବିଦ୍ୟାଳୟର ପ୍ରତ୍ୟେକ ଶିକ୍ଷକ ସେମାନଙ୍କୁ ସ୍ନେହ, ଆଦର କରନ୍ତି। ଦୁଇଜଣଙ୍କ ଘର ପାଖାପାଖି ହୋଇଥିବାରୁ ସେମାନେ ସାଙ୍ଗ ହୋଇ ସ୍କୁଲକୁ ଯାଆନ୍ତି, ପଢ଼ନ୍ତି ଆଉ ଖେଳନ୍ତି ବି। ମୋଟ ଉପରେ କହିବାକୁ ଗଲେ ସେମାନେ ପରସ୍ପରର ଭଲ ସାଙ୍ଗ।

ଜଣେ ଅନ୍ୟ ଜଣକୁ ନ ଦେଖିଲେ ମୁହୂର୍ତ୍ତେ ରହି ପାରନ୍ତି ନାହିଁ। ମାତ୍ର ବିନୟ ଅତି ଧୀର ଓ ନମ୍ର ସ୍ୱଭାବର ହୋଇଥିଲା ବେଳେ ସୁବାସ ସାମାନ୍ୟ କ୍ରୋଧୀ ସ୍ୱଭାବର ଅଟେ। ତାଙ୍କ ଶ୍ରେଣୀରେ ଅମର ନାମକ ଜଣେ ପିଲା ମଧ ପଢ଼ୁଥାଏ। ସେ ଭଲ ପାଠ ପଢ଼େନାହିଁ କି ବିଦ୍ୟାଳୟରେ ଶିକ୍ଷକ ଦେଇଥିବା ପାଠ ମଧ କରି ଆସେନାହିଁ। ଏହା ଛଡ଼ା କ୍ରୀଡ଼ା, ସଙ୍ଗୀତ, ଚିତ୍ରାଙ୍କନ ଆଦି କେଉଁଥିରେ ବି ଉତ୍ତମ ପ୍ରଦର୍ଶନ କରେନାହିଁ। ସେଥିପାଇଁ ବିଦ୍ୟାଳୟର କୌଣସି ଶିକ୍ଷକ ତାକୁ ଆଦର କରନ୍ତି ନାହିଁ। ବିନୟ ଓ ସୁବାସ ଭଲ ପଢୁଥିବାରୁ ଏବଂ ସବୁ ଶିକ୍ଷକମାନେ ସେମାନଙ୍କୁ ଆଦର କରୁଥିବାରୁ, ଅମର ମନରେ ସେମାନଙ୍କ ପ୍ରତି ରାଗ ଓ ହିଂସା ଜାତହୁଏ। ସେ ସେମାନଙ୍କୁ ହଇରାଣ କରିବା ପାଇଁ ଏବଂ ସେମାନଙ୍କ ଭିତରେ କଳି ଲଗାଇବା ପାଇଁ ସବୁବେଳେ ଉପାୟ ଖୋଜୁଥାଏ, ଆଉ ମନେ ମନେ ଯୋଜନା ବି କରୁଥାଏ।

କିଛିଦିନ ପରେ ବିନୟ ବ୍ୟାଗରୁ ଗୋଟାଏ ପରେ ଗୋଟାଏ ଜିନିଷ ଯଥା: - ବହି, ଖାତା, ପେନସିଲ୍ ଓ କଲମ ଆଦି ଚୋରି ହେବାକୁ ଲାଗିଲା। ସୁବାସ ବ୍ୟାଗରୁ ମଧ ତଦନୁରୂପ ଗୋଟାଏ ପରେ ଗୋଟାଏ ଜିନିଷ ହଜିବାରେ ଲାଗିଲା। ବିନୟ ଓ ସୁବାସ ଗୋଟିଏ ବେଞ୍ଚରେ ପାଖାପାଖି ବସୁଥିବାରୁ ବିନୟ, ସୁବାସକୁ ଓ ସୁବାସ, ବିନୟକୁ ସନ୍ଦେହ କରିବାକୁ ଲାଗିଲେ। ଆଗଭଳି ସେମାନଙ୍କ ମନରେ ପରସ୍ପର ପ୍ରତି ଆନ୍ତରିକତା ରହିଲାନାହିଁ। ଉଭୟେ ଉଭୟଙ୍କୁ କଥା କହିବା ମଧ ଧୀରେ ଧୀରେ ବନ୍ଦ କରିଦେଲେ। ଯେହେତୁ ଦୁଇଜଣ ଘନିଷ୍ଠ ସାଙ୍ଗ ଥିଲେ, କେହି କହାରି ମନରେ ଆଘାତ ନ ଦେବା ପାଇଁ ଚୋରି ବିଷୟରେ ଭରସି କରି କିଛି ପଚାରି ପାରୁ ନ ଥା'ନ୍ତି। ଅମର ଏସବୁ ଦେଖି ମନେ ମନେ ଭାରି ଖୁସି ହେଉଥାଏ।

ଦିନେ ସୁବାସକୁ ତା'ର ବାପା ଜନ୍ମଦିନରେ ଉପହାର ଦେଇଥିବା ଦାମୀ କଲମଟି ତା' ବ୍ୟାଗରୁ ଚୋରି ହୋଇଗଲା। ତା'ର ମନ ଭାରି ଦୁଃଖ ହେଲା। ସେ ବିନୟକୁ ସନ୍ଦେହ କରି ଦୋଷୀ ବୋଲି ଭାବିଲା, ଆଉ ରାଗ ସମ୍ଭାଳି ନ ପାରି ଗାଳି ଦେବା ସଙ୍ଗେ ସଙ୍ଗେ ତା' ଉପରକୁ ହାତ ଉଠାଇବାକୁ ବି ପଛେଇଲା ନାହିଁ। ବିନୟ କଲମଟି ଚୋରି କରିନି ବୋଲି ଯେତେ ବୁଝାଇଲେ ମଧ ସେ ବୁଝିଲାନାହିଁ। ବାଧ ହୋଇ ବିନୟ ଶ୍ରେଣୀ ଶିକ୍ଷକଙ୍କ ନିକଟରେ ସବୁ କଥା ଜଣାଇଲା। ତା' ବ୍ୟାଗରୁ ବି ବହୁ ଜିନିଷ ଚୋରି ହୋଇଥିବା କଥା ଜଣାଇଲା।

ଶ୍ରେଣୀ ଶିକ୍ଷକ ବିନୟ ଓ ସୁବାସ ଉଭୟଙ୍କୁ ଭଲଭାବରେ ଜାଣନ୍ତି। ସେମାନେ ଯେ ପରସ୍ପର ବ୍ୟାଗରୁ ଚୋରି କରିଥିବେ - ଏ କଥା ତାଙ୍କର ବିଶ୍ୱାସ ହେଲାନାହିଁ। ସେ ହଠାତ୍ ଶ୍ରେଣୀରେ ପ୍ରବେଶ କରି ଜଣଜଣ କରି ସବୁ ଛାତ୍ରଛାତ୍ରୀଙ୍କୁ ଡାକି ନିଜ ନିଜର ବ୍ୟାଗ ଖୋଲି ଦେଖାଇବାକୁ ଆଦେଶ ଦେଲେ। ଏମିତି ହେବ ବୋଲି ଅମର ତ ଆଗରୁ ପ୍ରସ୍ତୁତ ନ ଥିଲା। ତା' ବ୍ୟାଗ ଖୋଲିବାରୁ ତହିଁରୁ ବିନୟ ଓ ସୁବାସ ଉଭୟଙ୍କର ଚୋରି ହୋଇଥିବା ଜିନିଷମାନ ବାହାରିଲା। ବାଧ ହୋଇ ଅମର ସେମାନଙ୍କ ପ୍ରତି ହିଂସା କରି ତାଙ୍କ ଭିତରେ କଳି ଲଗାଇବା ପାଇଁ ସେମାନଙ୍କ ବ୍ୟାଗରୁ ଚୋରି କରିଛି ବୋଲି ମାନିଗଲା ଏବଂ ସେଥିପାଇଁ ମନଦୁଃଖ କରି ଅନୁତାପ ମଧ କଲା। ସେ ଅନୁତାପ କରିବାରୁ ଶିକ୍ଷକ ତାକୁ କ୍ଷମା କରିଦେଲେ। ଭଲ ବୁଦ୍ଧି କରି ଭଲ ପାଠ ପଢ଼ିବାକୁ ଉପଦେଶ ବି ଦେଲେ। ସୁବାସ ସନ୍ଦେହ କରି ବିନୟକୁ ମାଡ଼ ମାରିଥିବାରୁ କ୍ଷମା ମାଗିନେଲା ଏବଂ କୁଣ୍ଢାଇ ପକାଇଲା। ଉଭୟ ବୁଝିଗଲେ ସନ୍ଦେହ ହେଉଛି ମଣିଷର ବଡ଼ ଶତ୍ରୁ। ତା' ପରଠାରୁ ସୁବାସ ଓ ବିନୟ ମଧ୍ୟରେ ବନ୍ଧୁତା ଆହୁରି ନିବିଡ଼ ହୋଇଗଲା। ସେମାନେ ମିଶି ଅମରକୁ ପାଠ ପଢ଼ିବାରେ ସାହାଯ୍ୟ କଲେ। ସେ ବି ଭଲ ପଢ଼ିବାକୁ ଲାଗିଲା ଓ ସମସ୍ତଙ୍କର ଆଦରର ପାତ୍ର ହୋଇ ପାରିଲା।

♥ ମଣିସାହି, ମାଧବନଗର,
ଭଦ୍ରକ - ୭୫୬୧୮୧
ଭ୍ରାମ୍ୟଭାଷ: - ୯୪୩୯୫୫୪୯୬୪

# ହନୁମାଙ୍କଡ଼ ଓ କଙ୍ଗାରୁ



## ନଗେନ୍ଦ୍ର ନାଥ ପଟ୍ଟନାୟକ



ମହୁଲିଆ ଘଂଚ ଜଙ୍ଗଲରେ ହନୁ ମାଙ୍କଡ଼ଟିଏ ଦିନେ ଏ ଗଛ ଡାଳରୁ ସେ ଗଛ ଡାଳକୁ ଡିଆଁଡେଇଁ କରୁଥାଏ । ଗଛରୁ ପତ୍ର, ଫୁଲ ଓ ଫଳ ଖାଇବାକୁ ଯାଇ ଗଛଡ଼ାଳକୁ ମସମସ କରି ଭାଙ୍ଗି ତଳେ ପକାଉଥାଏ । ସେଦିନ ଯୋଗକୁ ସେଇ ବାଟ ଦେଇ କାଙ୍ଗାରୁଟିଏ ଯାଉଥିଲା । ଯେମିତି ଦେଖିଲା ହନୁ ମାଙ୍କଡ଼ ଅଯଥାରେ ସେଇ ଗଛର ଡାଳକୁ ଭଙ୍ଗାଭଙ୍ଗି କରୁଛି ଚଟକିନା ସେଇ ଗଛମୂଳକୁ ଝପଟିଯାଇ ହନୁକୁ କହିଲା-ହନୁ ମଉସା, ତୁମେ ଏ ଗଛର ପତ୍ର,ଫୁଲ ଓ ଫଳ ତ ପେଟଭରି ଖାଉଛ । ହେଲେ ଅଯଥାରେ ଗଛର ଡାଳଗୁଡିକୁ ଭାଙ୍ଗୁଚ କାହିଁକି ? ପତ୍ର, ଫୁଲ ଓ ଫଳକୁ ଛିଣ୍ଡାଇ ନଷ୍ଟ କରିବାରେ ତୁମକୁ କି ଲାଭ ମିଳୁଛି ? ଏହାଦ୍ୱାରା ଜଙ୍ଗଲରେ ଗଛବୃଛ ବେଶୀ ଦିନ ବଂଚି ରହୁନି । ପୁଣି ଜଂଗଲ ଆକାର ବୃଦ୍ଧି ପାଇବା ବଦଳରେ କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି । ମନେହେଉଛି ଆଉ କିଛିଦିନ ପରେ ଆମକୁ ଜଙ୍ଗଲରୁ ଯଥେଷ୍ଟ ଖାଦ୍ୟ ଖାଇବାକୁ ମିଳିବନି । ଭୋକ ଉପାସରେ ଛଟପଟ ହୋଇ ମରିଯିବା ।

କଙ୍ଗାରୁ ଏଇ ପଦକ କଥା କହିଲାବେଳକୁ ହନୁ ରାଗିପାଚି ଲାଲ ପଡ଼ିଯାଇଥିଲା । ହନୁ କି ଆଉ ସମ୍ଭାଳ ପଡେ । ରାଗରେ ଖେଂ ଖେଂ ହୋଇ ଖପ କିନା ଗଛ ତଳକୁ ଡେଇଁପଡିଲା । ତମତମ ହୋଇ କହିଲା- 'ଆରେ ପାଜି କୋଉଠିକାର ! ଭଦ୍ରଜନ୍ତୁ ଭଳି ତୁ କଣ ଆସିଲୁ ମତେ ଉପଦେଶ ଦେବୁ ବୋଲି । ମୋର ଇଚ୍ଛା ମୁଁ ଯାହାତାହା କରିପାରେ । ସେଥିରେ ତୁ କାଇଁକି ଏତେ ମୁଣ୍ଡ ପୁରାଉଛୁ କହିଲୁ । ଟିକେ ତୁନିରହି

କଙ୍ଗାରୁ କହିଲା-ହନୁ ଭାଇ, ତୁମେ ମୋ ଉପରେ ଏମିତି ରାଗି ନିଆଁ ହେଉଚ କାଇଁକି ? ଆମ ଜଂଗଲ ରାଇଜରେ ସବୁ ପଶୁପକ୍ଷୀ ପ୍ରଜାକୁଳ ଯେମିତି ଖାଇପିଇ ସୁଖଶାନ୍ତିରେ ରହିପାରିବେ ଖାସ ସେଇ କଥା ମୁଁ ମନେମନେ ବିଚାରୁଚି । ମୋ କଥା ଟିକେ ମନଦେଇ ଶୁଣ । ତେଣିକି ତୁମେ ଯାହା କରିବା କଥା କର । ମୋର ସେଥିରେ ଜମା ଆପର୍ତ୍ତି ନାହିଁ । ତୁମ ଭଳି ମୁଁ ଏକ ତୃଣଭୋଜୀ ପ୍ରାଣି ।ଆବଶ୍ୟକ ମୁତାବକ ଖାଦ୍ୟ ସଂଗ୍ରହ କରି ଉଦର ଭର୍ତ୍ତି କରେ । ବେଳେବେଳେ ଆହାର ନ ପାଇଲେ ବି ବଳକା ଖାଦ୍ୟକୁ ଗିଳିଦେଇ ମୋ ଥଳିଭଳି ପେଟରେ ଯତନରେ ସାଇତି ରଖେ । ଖାଦ୍ୟ ନ ଜୁଟିଲେ ଗିଳିଥିବା ବଳକା ଖାଦ୍ୟକୁ ପେଟରୁ ବାହାର କରି ପାଟିରେ ଚୋବେଇଲେ ଖାଦ୍ୟ ଭଲରୂପେ ହଜମ ହୁଏ । ମଳତ୍ୟାଗ ବେଳେ ଫଳ ଫୁଲର ମଂଜି ମାଟିରେ ମିଶି ପୋତି ହୋଇଯାଏ । ବର୍ଷା ଜଳ, ସୂର୍ଯ୍ୟକିରଣ ପାଇଲେ ମାଟି ଫଟେଇ ଗଜୁରେ ଓ ସମୟକ୍ରମେ ତରୁ ଲତାଗୁଡିକ କେନା ମେଲାଇ ଆକାଶକୁ ମୁଣ୍ଡଟେକେ । ଫଳରେ ଗଛଲତାର ବଂଶ ବୃଦ୍ଧିପାଏ ଓ ଜଂଗଲ ଆକାର ବଢିଚାଲେ । ଏତକ କହି କଙ୍ଗାରୁ ତୁନି ରହିଲା । ଟିକେ ଶାନ୍ତ ହୋଇ ହନୁ କହିଲା- ଭାଇ, ତୁଟା ଯାହା କହିଗଲୁ ଏକବାରେ ସତ । ହେଲେ ଆମେ ତ ମାଙ୍କଡ଼ ଜାତି । ଆମେ କଣ ଆମ ପ୍ରକୃତିକୁ ସହଜରେ ଛାଡି ପାରିବା ? ଅଥବା ଆପଣାର ପ୍ରବୃତ୍ତି ବିରୁଧରେ ଯାଇପାରିବା ?

♥ ୯୯୯/୩ ଜଗ ମୋହନ ନଗର,
ଜାଗମ ରା
ଖଣ୍ଡଗିରି, ଭୁବନେଶ୍ୱର
(ମୋ) ୯୪୩୮୩୩୨୧୩୮

# ଆଠ ଯୋଡ଼ା ସ୍ୱତନ୍ତ୍ର ଟ୍ରେନରେ ସିଜିନ ଟିକେଟ୍ ପୁନଃ ପ୍ରଚଳନ

ଭୁବନେଶ୍ୱର,୨୬/୧୧ (ନି.ପ୍ର): ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ୧୧ ଯୋଡ଼ା ଆନ୍ତଃ ଜୋନ୍ ଏକ୍ସପ୍ରେସ୍, ୦୮ ଯୋଡ଼ା ଲୋକାଲ୍ ବିଶେଷ ଟ୍ରେନ ଏବଂ ୦୫ ଯୋଡ଼ା ଅନ୍ତଃ ଜୋନ୍ ସ୍ପେଶାଲ୍ ଟ୍ରେନ୍ ସହିତ ସମୁଦାୟ ୨୪ ଯୋଡ଼ା ଟ୍ରେନ ରେ ସିଜନ୍ ଟିକେଟ୍ ସୁବିଧା ପ୍ରଚଳନ କରାଯାଇଛି । ଦୈନନ୍ଦିନ ଯାତାୟାତ କରୁଥିବା ଟ୍ରେନ ଯାତ୍ରୀମାନଙ୍କ ସୁବିଧା ପାଇଁ, ପୂର୍ବ ତଟ ରେଳପଥ ଆହୁରି ଆଠ ଯୋଡ଼ା ଟ୍ରେନରେ ମାସିକ ସିଜିନ ଟିକେଟ୍ (ଏମଏସଟି) / ତ୍ରୟମାସିକ ସିଜିନ ଟିକେଟ୍ (କ୍ୟୁଏସଟି) ସହିତ ଟ୍ରେନ୍ ଯାତ୍ରାକୁ ଅନୁମତି ଦେଇଛି । ଏହି ଟ୍ରେନ୍ ଗୁଡିକ ହେଉଛି ୧୮୩୦୧/ ୧୮୩୦୨ ସମ୍ବଲପୁର-ରାୟଗଡା-ସମ୍ବଲପୁର ଇଂଟର ସିଟି ଏକ୍ସପ୍ରେସ , ୨୨୮୧୯/ ୨୨୮୨୦ ଭୁବନେଶ୍ୱର-ବିଶାଖାପାଟନମ୍-ଭୁବନେଶ୍ୱର ଇଂଟର ସିଟି ଏକ୍ସପ୍ରେସ ,୧୮୪୧୭/୧୮୪୧୮ ପୁରୀ-ଗୁଣୁପୁର-ପୁରୀ ଏକ୍ସପ୍ରେସ , ୧୨୮୯୩/୧୨୮୯୪ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଂଟର ସିଟି ଏକ୍ସପ୍ରେସ ,୧୮୫୨୮/୧୮୫୨୭ ବିଶାଖାପାଟନମ୍-ରାୟଗଡା-ବିଶାଖାପାଟନମ୍ ଏକ୍ସପ୍ରେସ୍ , ୧୮୪୪୩/୧୮୪୪୪ ଭୁବନେଶ୍ୱର-ପଲାସା-ଭୁବନେଶ୍ୱର ଏକ୍ସପ୍ରେସ ,୧୮୦୪୩/୧୮୦୪୪ ଭଦ୍ରକ-ହାଓଡ଼ା-ଭଦ୍ରକ ଏକ୍ସପ୍ରେସ ଏବଂ ୧୮୦୩୮/୧୮୦୩୭ ଯାଜପୁର କେନ୍ଦୁଝର ରୋଡ଼ - ଖଡ଼ଗପୁର - ଯାଜପୁର କେନ୍ଦୁଝର ରୋଡ୍ ଏକ୍ସପ୍ରେସ । ଉପରୋକ୍ତ ୨୪ ଟି ବିଶେଷ ଟ୍ରେନ ଗୁଡିକ ବ୍ୟତୀତ ଯାତ୍ରୀମାନେ ଚଳାଚଳ କରୁଥିବା ଅନ୍ୟ ବିଶେଷ ଟ୍ରେନ ମାନଙ୍କରେ ସିଜିନ ଟିକେଟ୍ (ଏମଏସଟି) / ତ୍ରୟମାସିକ ସିଜିନ ଟିକେଟ୍ (କ୍ୟୁଏସଟି) ସହିତ ଯାତ୍ରା କରିବାକୁ ରେଳ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇନାହିଁ ।

# ସହରାଂଚଳ-ଜଙ୍ଗଲର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୬/୧୧ (ନି.ପ୍ର): ସୁସ୍ଥ ଓ ବିକଶିତ ଜୀବନ ପାଇଁ ସହରାଂଚଳ-ଜଙ୍ଗଲର ପ୍ରତିଦାନ ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ନିମନ୍ତେ ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡର ପରିଚାଳନା ପରିଷଦ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବୋର୍ଡଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୋର୍ଡର ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ପ୍ରଦ୍ୟୁଷଣ ନିୟନ୍ତ୍ରଣ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମୀକ୍ଷାକରି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ବିଭିନ୍ନ ଶିଳ୍ପାଂଚଳ ଓ ସହରରେ ପ୍ରଦ୍ୟୁଷଣ ମୁକ୍ତ ସ୍ୱଚ୍ଛ-ବାୟୁ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ ସହରାଂଚଳ-ଜଙ୍ଗଲ ସ୍ୱଚ୍ଛ ବାୟୁ, ଭୂତଳ ଜଳସ୍ତର ଏବଂ ସୁସ୍ଥ ଜୀବନ ଧାରଣ ନିମନ୍ତେ ବହୁଭାବେ ସହାୟକ ହୋଇଥାଏ । ଭୁବନେଶ୍ୱରରେ ଥିବା ଭରତପୁର ଅଭୟାରଣ୍ୟ, ଏକାମ୍ର କାନନ, ଜୟଦେବ ବାଟିକା ଏବଂ ଚନ୍ଦକା ଜଙ୍ଗଲ ରେଞ୍ଜ ଭୁବନେଶ୍ୱର ସହର ପାଇଁ ବରଦାନ ସଦୃଶ । ହୀରାକୁଦ ଜଳଭଣ୍ଡାର ନିକଟରେ ଥିବା ଆଲୁମିନିୟମ୍ ପ୍ଲାଂଟରୁ ନିର୍ଗତ ଫ୍ଲୋରାଇଡ୍ ଯେପରି ଜଳଭଣ୍ଡାର ମଧ୍ୟକୁ ନଯାଏ ତାହା ଉପରେ ସତର୍କ ଦୃଷ୍ଟିରଖିବା ପାଇଁ ମଧ୍ୟ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଏହି ଶିଳ୍ପ ମାନଙ୍କରୁ ନିର୍ଗମିତ ଫ୍ଲୋରାଇଡର ବୈଜ୍ଞାନିକ ବିଘଟନ ସଂପୃକ୍ତ ଶିଳ୍ପସଂସ୍ଥାର ପରିସର ମଧ୍ୟରେ ନିଶ୍ଚିତ କରାଇବା ପାଇଁ କହିଥିଲେ । ଫ୍ଲୋରାଇଡ୍ ବିଘଟନ ପ୍ରକ୍ରିୟାରେ ଯେପରି ଭୂତଳ ଜଳ ସଂକ୍ରମିତ ନହୁଏ ସେଥିପ୍ରତି ଦୃଷ୍ଟି ରଖିବାକୁ ଶ୍ରୀ ମହାପାତ୍ର ଶିଳ୍ପ ସଂସ୍ଥା ଏବଂ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏକାମ୍ର କ୍ଷେତ୍ରରେ ସ୍ୱଚ୍ଛ-ବାୟୁ ଯୋଜନା ଏବଂ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଅଂଚଳମାନଙ୍କରେ ପରିବେଶ ପରିମାପକ ଜିଓ ଡାଟାବେସ୍ ପ୍ରସ୍ତୁତି ସମ୍ବନ୍ଧିତ ବିଷୟ ବୈଠକର ଆଲୋଚନାରେ ସ୍ଥାନ ପାଇଥିଲା । ଏକାମ୍ର କ୍ଷେତ୍ର ସ୍ୱଚ୍ଛ-ବାୟୁ କାର୍ଯ୍ୟଯୋଜନାରେ ସର୍ବନିମ୍ନ ନିର୍ଗମନ ଜୋନ୍ (ଲେସ୍ ଏମିସନ୍ ଜୋନ୍) ପଦ୍ଧତି ପ୍ରୟୋଗ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା । ଭୁବନେଶ୍ୱର ମହାନଗର ନିଗମ, ପ୍ରଦ୍ୟୁଷଣ ବୋର୍ଡ, ପୂର୍ତ୍ତ ବିଭାଗ, ପର୍ଯ୍ୟଟନ ବିଭାଗ ଏବଂ ସ୍ଥାନୀୟ ବାସିନ୍ଦାମାନଙ୍କୁ ସକ୍ରିୟଭାବେ ସାମିଲ୍ କରାଇ ଏହି ଯୋଜନାର କାର୍ଯ୍ୟାନ୍ୱୟନକୁ ଅଧିକ ସହଭାଗୀ-ଭିତିକ ଓ ଲକ୍ଷଭେଦୀ କରାଇବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ବୋର୍ଡର ସଦସ୍ୟ ସଚିବ ଡଃ ମୁରୁଗେସାନ୍ ଜଣାଇଥିଲେ ଯେ ତାଳଚେର ସହର ପାଇଁ ପ୍ରାକୃତିକ ପରିବେଶ ମାପକ ଜିଓ-ଡାଟାବେସ୍ ପ୍ରସ୍ତୁତ କରିଛି । ଏହି ବ୍ୟବସ୍ଥାକୁ ଶିଘ୍ର ରାଉରକେଲା, କେନ୍ଦୁଝର, ବାଲେଶ୍ୱର, କଳିଙ୍ଗନଗର ଓ ଅନୁଗୁଳ ଶିଳ୍ପାଂଚଳମାନଙ୍କରେ ପ୍ରୟୋଗ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଦ୍ରୁତ ନିଷ୍ପତି ଏବଂ କାର୍ଯ୍ୟାନ୍ୱୟନ ନିମନ୍ତେ ବୋର୍ଡର ଆଂଚଳିକ କାର୍ଯ୍ୟାଳୟମାନଙ୍କୁ ଅଧିକ କ୍ଷମତା ବିକେନ୍ଦ୍ରୀକରଣ ପ୍ରସ୍ତାବ ମଧ୍ୟ ବୈଠକରେ ଅନୁମୋଦିତ ହୋଇଥିଲା । ପରିବେଶ ନିର୍ଦ୍ଦେଶକ ସୁକାନ୍ତ ନନ୍ଦ, ବ୍ୱଏଲର ଏବଂ ଫ୍ୟାକ୍ଟ୍ରିଜ ନିର୍ଦ୍ଦେଶକ ଡଃ ଏନ୍. ଥିରୁମାଲା ନାୟକ, ପ୍ରଦ୍ୟୁଷଣ ବୋର୍ଡ ସଦସ୍ୟ ସଚିବ ଡଃ କେ. ମୁରୁଗେସାନ୍, ବିଶେଷଜ୍ଞ ସଦସ୍ୟ ଡଃ ଅଜିତ୍ ପଟ୍ଟନାୟକ, ପ୍ରଫେସର ଅତନୁ ପତି, ଡଃ ଜି.କେ. ରାୟଙ୍କ ସହ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଲଗାଣ ବର୍ଷା ଓ ଚକଡ଼ା ପୋକରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦିଆଯାଉ : କିଷାନ କଂଗ୍ରେସ

ଭୁବନେଶ୍ୱର,୨୬/୧୧ (ନି.ପ୍ର): ରବି ଚାଷ ସମୟରେ ଖରିଫ୍ ଧାନ ସଂଗ୍ରହ ବେଳେ ବିଭିନ୍ନ ଜିଲ୍ଲାରେ ଅଦିନିଆ ଲଗାଣ ବର୍ଷା ଓ ଚକଡ଼ା ପୋକ ଦ୍ୱାରା ବ୍ୟାପକ ଫସଲ ହାନି ଘଟିଛି । ସେହିପରି ଖରିଫ୍ ଋତୁରେ ୩୫ ଲକ୍ଷ ହେକ୍ଟର ଜମିରେ ଧାନଚାଷ କରାଯାଇଥିବା ବେଳେ ପ୍ରଥମେ ଅଭାବୀ ବର୍ଷା ଓ ପରବର୍ତୀ ସମୟରେ ଅଧିକ ବର୍ଷା ଯୋଗୁଁ ଧାନ ସହିତ ବହୁଳ ଭାବରେ ପନିପରିବା ଚାଷ ଉଜୁଡ଼ି ଯାଇଛି । ଏଭଳି ସଙ୍ଗୀନ ପରିସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାର ବାସ୍ତବ କ୍ଷେତ୍ରରେ ସହାୟତା ଯୋଗାଇ ଦେବା ଅତ୍ୟନ୍ତ ଜରୁରୀ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି । ସେହିପରି ଚକଡ଼ା ପୋକଦ୍ୱାରା ଫସଲ ହାନୀ ଯୋଗୁଁ ଚାଷୀ ଆତ୍ମହତ୍ୟା କରିଥିବା ବେଳେ ସରକାର ଏହାର ପ୍ରତିକାର କରିବା ପରିବର୍ତେ ନିଧଡ଼କ ହୋଇ ବସିଛନ୍ତି । ଚାଷ ପାଇଁ କୃଷି, ଉଦ୍ୟାନ, ଜଳସେଚନ ଓ ସମବାୟ ବିଭାଗ ପକ୍ଷରୁ ସେଭଳି ଆନ୍ତରିକତା ଦେଖାଯାଉ ନାହିଁ । ଚାଷୀ ଋଣ ଭାରରେ ଛନ୍ଦି ହୋଇ ପଡ଼ିଛି । ଏପରି ସ୍ଥଳେ ସମସ୍ତ ଚାଷୀଙ୍କଠାରୁ ଋଣ ଛାଡ଼ କରିବା ଜରୁରୀ । ତେଣୁ ଶ୍ରୀ ପଟ୍ଟନାୟକ ସରକାରଙ୍କ ତରଫରୁ ତୁରନ୍ତ ଫସଲ କ୍ଷୟକ୍ଷତିର ସଠିକ୍ ଆକଳନ, ଚାଷୀଙ୍କୁ ଏକର ପିଛା ୨୦ ହଜାର ଟଙ୍କା କ୍ଷତିପୁରଣ, କୃଷି ଋଣ ଛାଡ଼, ରବି ଚାଷ ପାଇଁ କୃଷିଋଣ, ମାଗଣାରେ ବିହନ, ସାର, କୀଟନାଶକ ଔଷଧ ଚାଷୀମାନଙ୍କୁ ଯୋଗାଇ ଦେବା ସହ ମନରେଗାରେ କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ, ଚାଷ କାର୍ଯ୍ୟପାଇଁ ବିଦ୍ୟୁତ ଶୁଳ୍କ ଛାଡ଼ ଓ ରବି ଚାଷ ପାଇଁ ବିଭିନ୍ନ ଜଳସେଚନ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିବାକୁ କଂଗ୍ରେସ ଦଳ ପକ୍ଷରୁ ରାଜ୍ୟ ସରକାରଙ୍କଠାରେ ଦୃଢ଼ ଦାବୀ କରିଛନ୍ତି ।

# ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୨୧୯ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୬/୧୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨୧୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୩୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୮୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୩୨ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୬ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।

# ଏମ୍ସରେ ବଢ଼ିବ ସୁପର ସ୍ପେଶିଆଲିଟି ସେବା

ଭୁବନେଶ୍ୱର,୨୬/୧୧ (ନି.ପ୍ର): ଏମ୍ସ ଭୁବନେଶ୍ୱରରେ ବୃଦ୍ଧି ପାଇବ ସୁପରସ୍ପେଶିଆଲିଟି ସେବା । ଏମ୍ସ ଭୁବନେଶ୍ୱରର ସର୍ଜିକାଲ୍ ଗ୍ୟାସଟ୍ରୋ ଏଂଟେରୋଲୋଜି ଏବଂ ନେଫ୍ରୋଲୋଜି ବିଭାଗରେ ଯଥାକ୍ରମେ ଏମ୍‌ସିଏଚ୍ ଓ ଡିଏମ୍ କୋର୍ସ ଖୁବ୍ ଶୀଘ୍ର ଆରମ୍ଭ ହେବ । ଏନେଇ ଚୂଡ଼ାନ୍ତ ପ୍ରକ୍ରିୟା ସମାପ୍ତ ହୋଇଛି । ଚଳିତ ମାସ ୨୧ ଓ ଆଜି ଏମ୍ସ ନୂଆଦିଲ୍ଲୀ, ଜେଆଇପିଏମଇଆର ପୁଡୁଚେରୀ ଏବଂ ଏସ୍‌ସିବି ମେଡିକାଲ କଲେଜ ଏଣ୍ଡ୍ ହସ୍‌ପିଟାଲ, କଟକରୁ ଆସିଥିବା ବିଶେଷଜ୍ଞଙ୍କ ଟିମ୍ ଅନୁଧ୍ୟାନ ପରେ ଉପରୋକ୍ତ ଦୁଇଟି ବିଭାଗରେ ଖୁବ୍ ଶୀଘ୍ର ସୁପରସ୍ପେଶିଆଲିଟି କୋର୍ସ ଆରମ୍ଭ ହେବାନେଇ ପ୍ରକ୍ରିୟା ନିଶ୍ଚିନ୍ତ ହୋଇଛି । ବିଶେଷଜ୍ଞଙ୍କ ଦଳ ଦୁଇ ବିଭାଗର ଭିତିଭୂମି ସହିତ ଗବେଷଣାକୁ ନେଇ ରହିଥିବା ବ୍ୟବସ୍ଥା ସହିତ ଅନ୍ୟାନ୍ୟ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ । ଅନୁଧ୍ୟାନ ପରେ ଏକ୍ସପର୍ଟ ଟିମ୍ ସନ୍ତୋଷ ପ୍ରକାଶ କରିବା ସହିତ ଦୁଇ ବିଭାଗରେ ସୁପରସ୍ପେଶିଆଲିଟି କୋର୍ସ ଆରମ୍ଭ ହେବା ନେଇ ସବୁଜ ସଙ୍କେତ ଦେଇଛନ୍ତି । ଏପରି ହେଲେ ଉପରୋକ୍ତ ଦୁଇ ପ୍ରମୁଖ ବିଭାଗରେ ପ୍ରତିବର୍ଷ ଦୁଇଟି କରି ଡିଏମ୍/ଏମ୍‌ସିଏଚ୍ ସିଟ୍ ବୃଦ୍ଧିପାଇବ । ଯାହାକି ଅଧିକ ଗବେଷଣାକୁ ତ୍ୱରାନ୍ୱିତ କରିବ ଏବଂ ଏହା ଗୁଣବତାସମ୍ପନ୍ନ ରୋଗୀସେବାରେ ସହାୟକ ହେବ । ଏହାକୁ ମିଶାଇଲେ ବର୍ତମାନ ସମୟରେ ଏମ୍ସ ଭୁବନେଶ୍ୱରର ୧୬ଟି ବିଭାଗରେ ଡିଏମ୍/ଏମ୍‌ସିଏଚ୍ କୋର୍ସ ପ୍ରଚଳନ ହୋଇସାରିଛି । ଏନେଇ ଦେଶର ପ୍ରମୁଖ ଚିକିତ୍ସାବିଜ୍ଞାନୀ ତଥା ଏମ୍ସ ଭୁବନେଶ୍ୱରର ନିର୍ଦ୍ଦେଶିକା ଡ. ବି ଗୀତାଞ୍ଜଳୀ ଉଚ୍ଚମାନର ରୋଗୀ ସେବା ନିମନ୍ତେ ଅନୁଷ୍ଠାନ ବଦ୍ଧପରିକର ଥିବା ପ୍ରକାଶ କରିଛନ୍ତି । ଏଥିସହିତ ଏମ୍ସ ଭୁବନେଶ୍ୱରର ସର୍ଜିକାଲ୍ ଗ୍ୟାସଟ୍ରୋ ଏଂଟେରୋଲୋଜି ଏବଂ ନେଫ୍ରୋଲୋଜି ବିଭାଗରେ ଏମ୍‌ସିଏଚ୍ ଓ ଡିଏମ୍ କୋର୍ସର ପ୍ରଚଳନ ଅଧିକ ଗବେଷଣାର ସୁଯୋଗ ଆଣିଦେବ । ଯାହାକି ପରୋକ୍ଷରେ ସାଧାରଣ ଲୋକଙ୍କ ଉପକାରରେ ଲାଗିବ ବୋଲି ନିର୍ଦ୍ଦେଶିକା ଡ. ଗୀତାଞ୍ଜଳି ମତବ୍ୟକ୍ତ କରିଛନ୍ତି ।

# ଏଯାବତ୍ ରାଜ୍ୟରେ ୪ କୋଟି ୨୫ ଲକ୍ଷ ଡୋଜ କୋଭିଡ ଟିକା ଦିଆଯାଇଛି : ପରିବାର କଲ୍ୟାଣ ନିର୍ଦ୍ଦେଶକ

ଭୁବନେଶ୍ୱର,୨୬/୧୧ (ନି.ପ୍ର): ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୪ କୋଟି ୨୫ ଲକ୍ଷ ଡୋଜ କୋଭିଡ ଟିକା ଦିଆଯାଇଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ସେ କହିଛନ୍ତି, ୪ କୋଟି ୨୫ ଲକ୍ଷ ଡୋଜ କୋଭିଡ ଟିକା ମଧ୍ୟରୁ ୮୫ ପ୍ରତିଶତ ପ୍ରଥମ ଡୋଜ । ୪୬ ପ୍ରତିଶତ ହେଉଛି ଦ୍ୱିତୀୟ ଡୋଜ । ଶିଶୁଙ୍କୁ ଟିକାକରଣରେ ଦେଶର ଏକ ନମ୍ବର ରାଜ୍ୟ ହେଲା ଓଡ଼ିଶା । ରାଜ୍ୟର ୯୦.୫ ପ୍ରତିଶତ ଶିଶୁ ନେଇଛନ୍ତି ଉଭୟ ଟିକା । ରାଜ୍ୟରେ ଟିକାକରଣକୁ ମଧ୍ୟ ପ୍ରଶଂସା କରିଛି କେନ୍ଦ୍ର । କେନ୍ଦ୍ରର ଯୁଗ୍ମ ସଚିବ ଗାୟତ୍ରୀ ମିଶ୍ର ଓଡ଼ିଶାରେ ଟିକାକରଣ ବୁଲି ଦେଖିଛନ୍ତି । ସେହିଭଳି ୯୨.୨ ପ୍ରତିଶତ ହୋଇଛି ଆନୁଷ୍ଠାନିକ ପ୍ରସବ । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ରିପୋର୍ଟରେ ଏହା ଦର୍ଶାଯାଇଛି । ଶିଶୁ ମୃତ୍ୟୁ ହାର କମାଇବାରେ ମଧ୍ୟ ଓଡ଼ିଶା ୧ନମ୍ବର ହୋଇଛି ବୋଲି କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

# ଦରଦାମ୍ ବୃଦ୍ଧି ପ୍ରତିବାଦରେ ଯୁବ କଂଗ୍ରେସର ରାଜବ୍ୟାପୀ ଜନଜାଗରଣ ଅଭିଯାନ

ଭୁବନେଶ୍ୱର,୨୬/୧୧ (ନି.ପ୍ର): ରନ୍ଧନ ଗ୍ୟାସ ଓ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ବ୍ୟାପୀ ଜନଜାଗରଣ ଅଭିଯାନ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଭୁବନେଶ୍ୱର ରାଜମହଲ ଛକରେ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ କର୍ମୀ 'ବହୁତ ହୋଇଗଲା ଦରଦାମ ବୃଦ୍ଧି, ଏଥର ହଟିବେ ନବୀନ-ମୋଦି' ନାରା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଡ. ଲେଙ୍କା କହିଛନ୍ତି ଯେ କେନ୍ଦ୍ରର ମୋଦି ସରକାର ଅଚ୍ଛେ ଦିନର ସୁନେଲି ସ୍ୱପ୍ନ ଦେଖାଇ ମିଥ୍ୟା ପ୍ରତିଶ୍ରୁତି ଦେଇ ଦେଶର ଜନସାଧାରଣଙ୍କୁ ପ୍ରତାରିତ କରିଛନ୍ତି । ୭୦ ବର୍ଷ ଭିତରେ ଭାରତ ବର୍ଷ ଯେଉଁସ୍ତରରେ ଛିଡ଼ା ହୋଇପାରିଥିଲା, ଗତ ୭ବର୍ଷର ଭାଜପା ସରକାର ତାହାକୁ ତଳିତଳାନ୍ତ କରି ଦେଶକୁ ଭୁଲୁଣ୍ଠିତ କରିଦେଇଛି । ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବର୍ତମାନ ଅହେତୁକ ଭାବେ ବୃଦ୍ଧି ପାଇଥିବାବେଳେ ରନ୍ଧନ ଗ୍ୟାସ ମୂଲ୍ୟ ଆସି ହଜାର ଟଙ୍କା ଛୁଇଁବାକୁ ବସିଲାଣି । ଏଥିପାଇଁ ମୋଦି ସରକାରଙ୍କୁ ଦେଶର ଜନସାଧାରଣଙ୍କ ଆଗରେ ଜବାବ ଦେବାକୁ ହେବ । ସେପଟେ କଂଗ୍ରେସ ଓ ଭାଜପା ଠାରୁ ସମଦୂରତା ରକ୍ଷା କଥା କହୁଥିବା ବିଜୁ ଜନତା ଦଳ ମଧ୍ୟ ଏସବୁ କାର୍ଯ୍ୟରେ ଭାଜପା ସରକାରକୁ ସମର୍ଥନ ଦେଇ ଆସୁଛି । ତାଙ୍କର ନେତା ସଂସଦରେ ମୋଦି ସରକାରର ଗରିବ ମାରଣ ନୀତିରେ ସମର୍ଥନ ଜଣାଉଛନ୍ତି । ତେଣୁ ଭାଜପା ଓ ବିଜେଡି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ବୋଲି ଡ. ଲେଙ୍କା କହିଛନ୍ତି । ଆଗାମୀ ଦିନରେ ମଧ୍ୟ ଗରିବ ଜନସାଧାରଣଙ୍କ ପାଇଁ ଏହି ବିରୋଧର ସ୍ୱରକୁ ଯୁବ କଂଗ୍ରେସ ଅଧିକ ଶାଣିତ କରିବ ବୋଲି ଡ. ଲେଙ୍କା କହିଛନ୍ତି । ଆଜିର ଏହି ପ୍ରତିବାଦ ସଭାରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଦେବଦତ ପାତ୍ର, ବିଶ୍ୱରଞ୍ଜନ ଦାସ, ସମ୍ପାଦକ ବୀରେନ କୁମାର ଦଳେଇ, ସ୍ମୃତି ମନ୍ତ୍ରୀ, ଜ୍ଞାନ ରଞ୍ଜନ ରାଉତ, ଆଦିତ୍ୟ ପ୍ରସାଦ ପରିଡ଼ା, ରଞ୍ଜିତ ପାତ୍ର, ସ୍ୱାଗତ କର, ଆଶୁତୋଷ ଲେଙ୍କା, ସୌମ୍ୟରଞ୍ଜନ ବେଉରା ପ୍ରମୁଖ ସାମିଲ ହୋଇଥିଲେ ।

# ଶିଶୁ ହିଂସା ରୋକିବାପାଇଁ ପାଇଁ ସିଏସଓମାନଙ୍କ ସହିତ ରାଜ୍ୟସ୍ତରୀୟ ଆଲୋଚନା

## ୩୦ ଜିଲ୍ଲାରୁ ଶତାଧିକ ସଂଗଠନଙ୍କ ଯୋଗଦାନ

ଭୁବନେଶ୍ୱର,୨୬/୧୧ (ନି.ପ୍ର): ଶିଶୁଙ୍କ ବିରୁଦ୍ଧରେ ଘଟୁଥିବା ହିଂସାକୁ ରୋକିବାପାଇଁ ଏଠାରେ ନେସନାଲ ଆକ୍ସନ ଆଣ୍ଡ କୋର୍ଡିନେସନ ଗ୍ରୁପ ଫର ଏନଣ୍ଡିଂ ଭାଇଓଲେନ୍ସ ଏଗନେଷ୍ଟ ଚିଲଡ୍ରେନ (ଏନଏସିଜି ଇଭିଏସି) ଇଣ୍ଡିଆ, ସ୍ୱେଚ୍ଛାସେବୀ ସଂଗଠନ ପିକକ, ଓଡିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ଡବ୍ଲ୍ୟୁଭିଆଇ ଓ ବିଏମଜେଡର ମିଳିତ ଆନୁକୂଲ୍ୟରେ ଦୁଇ ଦିନିଆ ରାଜ୍ୟ ସ୍ତରୀୟ ସିଭିଲ୍ ସୋସାଇଟି ସଂଗଠନ ଏବଂ ହିତାଧିକାରୀଙ୍କ କର୍ମଶାଳା ଆୟୋଜିତ ହୋଇଛି । ଏନଏସିଜି-ଇଭିଏସି ଇଣ୍ଡିଆର ରାଜ୍ୟ ସଂଯୋଜକ ପ୍ରକାଶ ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ ଏନଏସିଜି-ଇଭିଏସିର ଜାତୀୟ ଅଧ୍ୟକ୍ଷ ରଞ୍ଜନ ମହାନ୍ତି ମୁଖ୍ୟ ଅଭିଭାଷଣ ପ୍ରଦାନ କରିଥିଲେ । ସେ ଏନ୍ଏସିଜି ଇଣ୍ଡିଆର ଲକ୍ଷ୍ୟ ଏବଂ ଶିଶୁମାନଙ୍କ ପ୍ରତି ହିଂସାକୁ ବିଲୋପ କରିବା ପାଇଁ ସାଉଥ ଏସିଆନ ଇନିସିଏଟିଭ ଟୁ ଏଣ୍ଡ ଭାଇଓଲେନ୍ସ ଏଗନେଷ୍ଟ ଚିଲଡ୍ରେନ (ସାଇଭାକ) ସହିତ ଏହାର ସହଯୋଗ ବିଷୟରେ ସୂଚନା ଦେଇଥିଲେ । ପିଲାମାନଙ୍କର ନିରାପତା ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଦିଗରେ ପିତାମାତା ଏବଂ ବ୍ୟକ୍ତିମାନଙ୍କର କର୍ତବ୍ୟ ଏବଂ ଦାୟିତ୍ୱ ଉପରେ ସେ ନିଜର ମତ ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସଂଧ୍ୟାବତୀ ପ୍ରଧାନ ଶିଶୁ ଯୌନ ହିଂସାର ବିଲୋପ ଓ ଆଇନର କାର୍ଯ୍ୟକାରିତା ଉପରେ ମତ ରଖିଥିଲେ । ସେ ମଧ୍ୟ ନଭେମ୍ବର ୧ ରୁ ଆରମ୍ଭ ହୋଇ ୧୦ ଡିସେମ୍ବରରେ ଶେଷ ହେବାକୁ ଥିବା ୪୦ ଦିନିଆ ଶିଶୁ ଅଧିକାର ଅଭିଯାନ ଉପରେ ଆଲୋକପାତ କରିଥିଲେ ଏବଂ ବ୍ୟାପକ ସଚେତନତା ଅଭିଯାନ ମାଧ୍ୟମରେ ଏହାକୁ ସମର୍ଥନ କରିବାକୁ ସମସ୍ତ ସିଏସଓ ମାନଙ୍କୁ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଏସସିପିସିଆର ସଦସ୍ୟ ଦିବ୍ୟା ଶାଶ୍ୱତୀ, ପୂର୍ବତନ ସଦସ୍ୟ ହରିହର ନାୟକ, ଆଇନଜୀବୀ ବିଶେଶ୍ୱରୀ ମହାନ୍ତି, ଓଏସସିପିସିଆରର ପୂର୍ବତନ ଅଧ୍ୟକ୍ଷା କସ୍ତୁରୀ ମହାପାତ୍ର, ଓଏସସିପିଏସର ରାଜ୍ୟ ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା, ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରମୁଖ ପକସୋ ଆଇନ ଏବଂ କିଶୋର ସୁରକ୍ଷା ଓ ଯତ୍ନ ଆଇନ, ଅନଲାଇନ୍ ନିରାପତା, ସିଏସଓଙ୍କ ଭୂମିକା, ଶିଶୁ ଅନୁକୂଳ ବ୍ୟବସ୍ଥାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଓଡିଶାର ସମସ୍ତ ୩୦ ଟି ଜିଲ୍ଲାରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ସିଏସଓ ଅଂଶଗ୍ରହଣ କରିଥିଲେ ଏବଂ ଶିଶୁ ଯୌନ ହିଂସାକୁ କିପରି ଦୂର କରାଯାଇପାରିବ ସେ ସମ୍ବନ୍ଧରେ ବିଭିନ୍ନ ଦିଗ ଉପରେ ପରାମର୍ଶ ଓ ବିଚାର ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପିକକର ଧର୍ମାନନ୍ଦ ସୁନ୍ଦରରାୟ, ସତ୍ୟଜିତ ମହାପାତ୍ର ଓ ସତ୍ୟସୁନ୍ଦର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ✓ ବିପ୍ରଚରଣ ମହାନ୍ତିଙ୍କ ଦ୍ୱାରା ଓଡ଼ିଶାରେ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣର ନୂତନ ଯୁଗ ଆରମ୍ଭ ହୋଇଥିଲା

ଭୁବନେଶ୍ୱର,୨୬/୧୧ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ସ୍ଥପତି, ଓଡ଼ିଶାର ବ୍ରୋଞ୍ଜ ପ୍ରତିମୂର୍ତି ନିର୍ମାଣର ଜନକ ସ୍ୱର୍ଗତ ବିପ୍ରଚରଣ ମହାନ୍ତିଙ୍କ ୯୪ତମ ଜୟନ୍ତୀ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ଶାସ୍ତ୍ରୀନଗରସ୍ଥିତ ତାଙ୍କ ପ୍ରତିମୂର୍ତି ନିକଟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ବିପ୍ରଚରଣ ଫାଉଣ୍ଡେସନ୍ ଟ୍ରଷ୍ଟ, ବଡ଼ଚଣାବାସୀ, ବିଜୁ ଜନତାଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଆୟୋଜିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ରାଜ୍ୟର ସୁପ୍ରତିଷ୍ଠିତ ସ୍ଥପତି ସ୍ୱର୍ଗତ ବିପ୍ରଚରଣ ମହାନ୍ତି ରାଜ୍ୟର ମୂର୍ତିକଳା ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି କେବଳ ଭାରତ ବର୍ଷ ନୁହେଁ ସମଗ୍ର ବିଶ୍ୱରେ ଜଣେ ଉଚ୍ଚକୋଟୀର ସ୍ଥପତି ଭାବରେ ନିଜକୁ ସୁପ୍ରତିଷ୍ଠିତ କରି ଓଡ଼ିଶାର ଗୌରବ ବୃଦ୍ଧି କରିଥିଲେ । ତାଙ୍କଦ୍ୱାରା ପ୍ରଥମଥର ପାଇଁ ରାଜ୍ୟରେ ବ୍ରୋ ପ୍ରତିମୂର୍ତି ନିର୍ମାଣର ଧାରା ଆରମ୍ଭ ହୋଇଥିଲା । ଜଣେ ଭାସ୍କର୍ଯ୍ୟ ଅଧ୍ୟାପକ ଭାବରେ ତାଙ୍କର ଅଗଣିତ ବିଦ୍ୟାର୍ଥୀ ରାଜ୍ୟ ତଥା ଦେଶ ବିଦେଶରେ ମୂର୍ତି ନିର୍ମାଣରେ ନିୟୋଜିତ ହୋଇପାରିଛନ୍ତି । ରାଜ୍ୟର କଳା, ଭାସ୍କର୍ଯ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି, ପୂର୍ବତନ ବିଧାୟକ ତଥା ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ସୂଚନା କମିଶନର ଦିଲ୍ଲୀପ ବିଶୋଇ, ଓଡ଼ିଶା ଲଳିତକଳା ଏକାଡେମୀର ସମ୍ପାଦକ ପଂଚାନନ ସାମଲ, ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟାପକ ଚନ୍ଦନ କୁମାର ସାମଲ, ପୂର୍ବତନ କର୍ପୋରେଟର ନରେନ୍ ସାହୁ, ଉମାନାଥ ମିଶ୍ର, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂହ, ଅରୁଣ ଦେଓ, ଶିବ ସୁଆର ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ଭାସ୍କର୍ଯ୍ୟ ବିଦ୍ୟାର୍ଥୀ ଶକ୍ତିରଂଜନ ବାରିକ, ସ୍ମୃତିରଂଜନ ବେହେରା, ମୃଣ୍ମୟୀ ପଣ୍ଡାଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଚାରୁକଳାର ସ୍ନାତକୋ ର ଛାତ୍ରୀ ସରସ୍ୱତୀ ଆଙ୍ଗ୍ରିଆଙ୍କୁ ସ୍ୱର୍ଗତ ବିପ୍ରଚରଣ ମହାନ୍ତି ବୃତି ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଧାୟକ ଅମର ପ୍ରସାଦ ଶତପଥି, ସୂଚନା ଆୟୁକ୍ତ ଦିଲ୍ଲୀପ ବିଶୋୟୀଙ୍କୁ ସ୍ୱର୍ଗତ ବିପ୍ରଚରଣ ମହାନ୍ତି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ଧିରେନ୍ଦ୍ର କୁମାର ମହାନ୍ତି ସଂଚାଳନ କରିଥିବା ବେଳେ ପୁତ୍ରବଧୂ ତଥା ବିପ୍ରଚରଣ ଫାଉଣ୍ଡେସନ୍ ଟ୍ରଷ୍ଟର ଅଧ୍ୟକ୍ଷା ରୀତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍କାଉଟ୍ସ ଏବଂ ଗାଇଡ୍ସର ନୂତନ ସଭାପତିଙ୍କ ଶପଥ ଗ୍ରହଣ

ଭୁବନେଶ୍ୱର,୨୬/୧୧ (ନି.ପ୍ର): ମଣିଷର ସେବାରୁ ଯେଉଁ ନିର୍ମଳ ଆନନ୍ଦ ମିଳେ, ତାହା ଅନ୍ୟ କେଉଁ କାର୍ଯ୍ୟରୁ ମିଳେ ନାହିଁ । ମଣିଷର ସେବା ହିଁ ଇଶ୍ୱରଙ୍କ ଅର୍ଚ୍ଚନା । ଏହା ଆମ ସଂସ୍କୃତି ଓ ପରମ୍ପରାର ଶିକ୍ଷା ଓ ଦୀକ୍ଷା । ମାନବବାଦକୁ ଆଧାର କରି ନିଜ କର୍ତବ୍ୟ ଓ ଦାୟିତ୍ୱ ପାଳନ କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପରାମର୍ଶ ଦେଇଛନ୍ତି । ରାଜଭବନରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସଂଗଠନର ନବନିଯୁକ୍ତ ସଭାପତି ଓ ଉପସଭାପତିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ତଥା ସଂଗଠନର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ଲାଲ କହିଲେ ଯେ ବସ୍ତୁ ବୋଲି କିଛି ନାହିଁ । ଏହା ଚେତନାର ରୂପାନ୍ତର । ସେହି ଚେତନାର ଅନୁଭବ ଓ ଉପଲବ୍ଧି ମଣିଷକୁ ଊର୍ଦ୍ଧ୍ୱମୁଖୀ କରାଇଥାଏ । ପ୍ରତ୍ୟେକ ଏକ ଉତ୍ସରୁ ଆସିଥିବାରୁ ସମତା ଭାବରେ ଆପ୍ଳୁତ ହେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ବିଧାୟକ ଅତନୁ ସବ୍ୟସାଚୀ ନାୟକ ରାଜ୍ୟ ସଭାପତି ଭାବରେ ଏବଂ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, 'ସମାଜ'ର ପ୍ରକାଶକ ନିରଞ୍ଜନ ରଥ, ମହିଳା କମିଶନର ଅଧ୍ୟକ୍ଷା ମିନତୀ ବେହେରା, ଅବସରପ୍ରାପ୍ତ ନ୍ୟାୟାଧୀଶ ମନୋରଞ୍ଜନ ମହାନ୍ତି, ଟି. ପ୍ରସାଦ ରାଓ ରାଜ୍ୟ ଉପସଭାପତି ଭାବରେ ଶପଥ ଗ୍ରହଣ କରିଥିଲେ । ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି କାଳିପ୍ରସାଦ ମିଶ୍ର ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ରାଜଭବନର ବରିଷ୍ଠ ଅଧିକାରୀଙ୍କ ସମେତ ସଂଗଠନର କର୍ମକର୍ତାମାନେ ଉତ୍ସବରେ ଉପସ୍ଥିତ ଥିଲେ ।

# ହାତୀ ଘଉଡ଼ାଇବା ପାଇଁ ସ୍ୱତନ୍ତ୍ର ଆପ

ଭୁବନେଶ୍ୱର ,୨୬/୧୧ (ନି.ପ୍ର): ହାତୀ ଉପଦ୍ରବ ଉପରେ ଅଙ୍କୁଶ ଲଗାଇବା ପାଇଁ ବନ ବିଭାଗ ଅଣ୍ଟା ଭିଡ଼ିଛି । ଜନବସତି ହେଉ କି ରାସ୍ତାରେ ହାତୀ ଦେଖାଗଲେ କିଭଳି ବନ କର୍ମଚାରୀ ଖୁବ୍ କମ୍ ସମୟରେ ସେଠାରେ ପହଞ୍ଚିପାରିବେ ସେଥିପାଇଁ ସମନ୍ୱିତ ବନ୍ୟପ୍ରାଣୀ ପରିଚାଳନା ବ୍ୟବସ୍ଥା (ଇଣ୍ଟିଗ୍ରେଟେଡ୍ ୱାଇଲ୍ଡ ଲାଇଫ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ) ନାମକ ଏକ ଆପ୍‌ର ବିକାଶ କରାଯାଇଛି । ବିଶେଷକରି ହାତୀ ଚଳାଚଳ ଅଞ୍ଚଳରେ ଲୋକମାନେ ଏହି ଆପ୍‌କୁ ନିଜ ମୋବାଇଲ୍‌ରେ ଡାଉନ୍‌ଲୋଡ୍ କରିବେ । ଆଖପାଖ ଅଞ୍ଚଳରେ ହାତୀ ନଜର ଆସିଲେ; ତୁରନ୍ତ ଏହାର ଏକ ଫଟୋ କିମ୍ବା ଭିଡିଓ ଉଠାଇ ଅପ୍‌ଲୋଡ୍ କରିବେ । ଫଳରେ ୩-୫ କିମି ପରିସୀମା ମଧ୍ୟରେ ଥିବା ବନ କର୍ମଚାରୀ, ହାତୀ ସାଥୀ କିମ୍ବା ବନ ବିଭାଗ ଦ୍ୱାରା ଚିହ୍ନଟ କର୍ମଚାରୀଙ୍କୁ ଏହି ମେସେଜ ପହଞ୍ଚିବ । ହାତୀ କେଉଁ ଅଞ୍ଚଳରେ ଅଛି ତାହାର ସବିଶେଷ ତଥ୍ୟ ଦର୍ଶାଇବ । ମେସେଜ୍ ପାଇବା ମାତ୍ରେ ଅଧିକାରୀଙ୍କ ଟିମ୍ କିମ୍ବା ହାତୀ ସାଥୀ ସେଠାରେ ପହଞ୍ଚି ହାତୀ ଘଉଡ଼ାଇବେ । ତେବେ ବର୍ତ୍ତମାନ ପାଇଁ ଏହି ଆପ୍‌କୁ କେବଳ ହାତୀ ଘଉଡ଼ାଇବା ପାଇଁ ବ୍ୟବହାର କରାଯିବ । ପରବର୍ତ୍ତୀ ସମୟରେ ଏହାକୁ ସମସ୍ତ ବନ୍ୟଜନ୍ତୁଙ୍କ ପାଇଁ ବ୍ୟବହାର କରାଯିବ । ବନ୍ୟଜନ୍ତୁଙ୍କୁ ଶିକାର ହେଉ କି ବନ୍ୟଜନ୍ତୁ ଆକ୍ରମଣ; ଲୋକମାନେ କୌଣସି ଖବର ପାଇଲେ ଏହାର ତଥ୍ୟ ଅପ୍‌ଲୋଡ୍ କରିପାରିବେ ।

# ଅଷ୍ଟମୀ ବନ୍ଧୁ ଓ ପ୍ରଥମାଷ୍ଟମୀ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ସାତପୁରୁଷକୁ ଶ୍ରାଦ୍ଧ ଓ ତିଳତର୍ପଣ କରନ୍ତି । ପୁଅ ହେଉ କି ଝିଅ ଏମାନେ ଶ୍ରାଦ୍ଧ ଦେଇପାରିବେ । ପରଗୋତ୍ରୀ ହେଲେ ବି ଝିଅ ଶ୍ରାଦ୍ଧ ଦେଇପାରିବେ । ତେଣୁ ସେମାନଙ୍କୁ ଘରର ମୁଖ୍ୟ ଭାବେ ସମ୍ମାନ ଦେବାର ପରମ୍ପରା ହେଉଛି ପ୍ରଥମାଷ୍ଟମୀ । ମନୁ ସଂହିତା ଅନୁସାରେ“ ପିତବେ ପାଳୟେତ୍ ପୁତ୍ରା ଜ୍ୟେଷ୍ଠୋ ଭ୍ରାତୃନ୍ୟବୀୟସ । ପୁତ୍ରବତଚାପି କର୍ତେରେ ଜ୍ୟେଷ୍ଠ ଭ୍ରାତରି ଧର୍ମତଃ ।” ବଡଭାଇ ସାନଭାଇକୁ ପୁତ୍ର ପରି ପାଳନ କରିବାକୁ ସାନଭାଇ ବଡଭାଇକୁ ପିତା ବୋଲି ଧର୍ମଦୃଷ୍ଟିରୁ ମାନିଥାନ୍ତି । ମହର୍ଷି ବାଲ୍ମିକୀ ମଧ୍ୟ ଜ୍ୟେଷ୍ଠକୁ ଶ୍ରେଷ୍ଠସ୍ଥାନ ଦେଇଛନ୍ତି ତେଣୁ ଶ୍ରୀରାମଚନ୍ଦ୍ର ସବୁବେଳେ ମର୍ଯାଦାବନ୍ତ ଏବଂ ଏହାର ନିଦର୍ଶନ ଲାଗି ପ୍ରଥମାଷ୍ଟମୀର ସୃଷ୍ଟି । ପରିବାରର ଯାବତୀୟ ଦାୟିତ୍ୱ ପ୍ରତିପୋଷଣ ବଡପୁଅ ଉପରେ ପଡିଥାଏ ତେଣୁ ଏହିଦିନରେ ଜ୍ୟେଷ୍ଠ ବା ବଡପୁଅକୁ ବନ୍ଦାପନା କରିବାର ବିଧି ରହିଆସିଛି ।

ମାର୍ଗଶୀର ମାସ ହେଉଛି ଧାନ ଅମଳର ମାସ । ଚାଷୀ ମନ ନୂଆଧାନ ଦେଖି ଖୁସୀ ହୋଇଉଠେ । କୃଷକର ଶସ୍ୟ ରୂପକ ସନ୍ତାନକୁ ନୂତନବର୍ଷର ପ୍ରଥମ ମାସର ଅଭିବାଦନ ଜଣାଇବାକୁ ଗୃହସ୍ଥ ପାଳନ କରେ ଅଷ୍ଟମୀ ପର୍ବ । ଏହି ଅବସରରେ ଘରଦ୍ୱାର ଲିପାପୋଛା କରି ଜ୍ୟେଷ୍ଠ କନ୍ୟା ବା ପୁଅକୁ ସ୍ନାନ କରାଇ ସାଜସଜ୍ଜା କରାଯାଏ । ଷଠୀଦେବୀଙ୍କ ନିକଟରେ କଳସ ବସାଇ ବନ୍ଦାପନା କଲାପରେ ହଳଦୀପତ୍ରରେ ହୋଇଥିବା ଏଣ୍ଡୁରୀ ପିଠା ଓ ନୂଆଚାଉଳ କ୍ଷୀରୀ ଲାଗି ହେଲାପରେ ମାମୁଁଘରୁ ଆସିଥିବା ଅଷ୍ଟମୀ ଭାରରେ ନୂଆପୋଷାକ ପରିଧାନ କରାଯାଇ ବନ୍ଦାପନ କରାଯାଏ । ଏଥିରେ ମୁଖ୍ୟ କାମଟି ହେଉଛି ମାମୁଁଘରର । ମାମୁଁମାନେ ପୋଢୁଆଁ କରିଥାନ୍ତି ଭଣଜା ଭାଣିଜୀଙ୍କୁ ବିନିମୟରେ ଭଣଜା ଭାଣେଜୀଙ୍କ ଠାରୁ ମୃତ୍ୟୁ ଅନ୍ତେ ପାଇଥାନ୍ତି ଶ୍ରାଦ୍ଧଓ ତିଳତର୍ପଣ । ବଡ ଭଣଜା ଭାଣେଜୀ ମାନଙ୍କୁ ପୋଢୁଆଁ କରିବାକୁ ଆସୁଥିବାରୁ ତାଙ୍କୁ ଶ୍ରଦ୍ଧାରେ ଅଷ୍ଟମୀବନ୍ଧୁ ବୋଲି କୁହାଯାଏ । ଏହି ପର୍ବ ହେଲାପରେ ହିଁ ମାଣବସା ଗୁରୁବାର ପୂଜା ବିଧିପୂର୍ବକ ହୁଏ । ଯେହେତୁ ମାର୍ଗଶୀର ମାସ ଧାନ ଅମଳ ହୋଇ ନୂଆଧାନ ଘରକୁ ଆସିଥାଏ ତେଣୁ ପ୍ରଥମ ଏଣ୍ଡୁରୀ ଭୋଗ ପୂଜା କରାଯାଏ । ତାପରେଚିତା ଲେଖାଯାଏ । ମାଣ ବସାଯାଏ । ଲକ୍ଷ୍ମୀଙ୍କର ଗୁରୁବାର ପୂଜା ଶ୍ରଦ୍ଧା ଭକ୍ତି ଓ ନିଷ୍ଠାର ସହିତ କରାଯାଏ । ଘରେ ଧାନର ମେଂଟା ଲଗାଯାଏ । ବଳରାମ ଦାସ ବିରଚିତ ଲକ୍ଷ୍ମୀପୁରାଣ ଘରେ ଘରେ ପଢାଯାଏ । ଓଡିଶା ଛାଡିଦେଲେ ଆଉ କେଉଁଠାରେ ବି ଏହିପରି ଲକ୍ଷ୍ମୀଙ୍କର ପୂଜା ଦେଖିବାକୁ ମିଳେନାହିଁ । ତେଣୁ ମାର୍ଗଶୀର ହେଉଛି ମାସ ମାନଙ୍କରେ ଶ୍ରେଷ୍ଠ । ପ୍ରଥମାଷ୍ଟମୀ ହେଉଛି ଓଡିଆ ଘରର ପାରମ୍ପରିକ ଆଦ୍ୟପର୍ବ ।

ଭୁବନେଶ୍ୱର, (ମୋ)୭୯୭୮୧୧୦୪୭୪

## ସୁବର୍ଣ୍ଣରେଖା ମହାବିଦ୍ୟାଳୟ ରାଜନୀତି ଓ ବିଜ୍ଞାନ ବିଭାଗର ପ୍ରଥମ ବର୍ଷର ପିଲାମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା

ବାଲିଆପାଳ, ୨୬/୧୧ (ନି.ପ୍ର): ବାଲିଆପାଳ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ରାଜନୀତି ଓ ବିଜ୍ଞାନ ବିଭାଗରେ ପ୍ରଥମ ସେମିଷ୍ଟାର ଓ ଉକ୍ତ ସେହି ସେମିଷ୍ଟାର ବର୍ଷର ପିଲାମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଡ.ସରୋଜ କୁମାର ଗିରିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବିଭାଗର ଅଧ୍ୟାପକ ରଞ୍ଜନ କୁମାର ପାଢୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପକ ସୁଦର୍ଶନ ରଣା,ଗଣିତ ବିଭାଗର ଅଧ୍ୟାପକ ରମେଶ ଚନ୍ଦ୍ର ଜେନା ଉକ୍ତ ସମାରୋହରେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସହିତ ସମାଜ ଗଠନରେ ସାମିଲ ହେବାକୁ ଆହ୍ୱାନ ଜଣାଇଥିଲେ । ସର୍ବ ଶେଷରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଅଜୟ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଛନ୍ତି ।

## ସମ୍ବିଧାନ ଦିବସ ପାଳନ ଉପଲକ୍ଷେ ଶପଥ ପାଠ

ଭଦ୍ରକ,୨୬/୧୧ (ନି.ପ୍ର): ୨୦୧୫ ମସିହାରୁ ନଭେମ୍ବର ୨୬ ତାରିଖ ଦିନକୁ ସମ୍ବିଧାନ ଦିବସ ଭାବେ ପାଳନ କରାଯିବା ପାଇଁ କେନ୍ଦ୍ରସରକାରଙ୍କ ଦ୍ୱାରା ଘୋଷଣା କରାଯିବା ଆଧାରରେ ପ୍ରତିବର୍ଷ ଏହାକୁ ପାଳନ କରାଯାଇ ଆସୁଅଛି । ଆଜି ଏହି ଦିବସ ପାଳନ ଉପଲକ୍ଷେ ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟର ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଶପଥ ପାଠ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଭଦ୍ରକ ଇନ୍ଦ୍ରମଣି ନାୟକ, ଉପଜିଲ୍ଲାପାଳ ମନୋଜ କୁମାର ପାତ୍ର, ବୈଷୟିକ ନିର୍ଦ୍ଦେଶକ, ଏନ୍.ଆଇ.ସି. ବିଜୟ କୁମାର ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଭାରତୀୟ ସମ୍ବିଧାନର ପ୍ରସ୍ତାବନା କୁ ପାଠ କରି ଉପସ୍ଥିତ ସମସ୍ତ ପ୍ରଶାସନିକ ଅଧିକାରୀ, କର୍ମଚାରୀ ମାନଙ୍କୁ ଶପଥପାଠ କରାଇଥିଲେ, ଡେ଼ପୁଟୀ କଲେକ୍ଟର କସ୍ତୁରୀବାଳା ଜେନା, ଅନୁପମା ଘୋଷ, ବସନ୍ତ କୁମାର ଲେଙ୍କା, ଜରୁରୀକାଳୀନ ଅଧିକାରୀ ମନୋରମା ଜାଲି ପ୍ରମୁଖ ମଧ ଏହି ଶପଥ ପାଠ ଉତ୍ସବରେ ଉପସ୍ଥିତ ଥିଲେ ।

# ସମ୍ବିଧାନ ଦିବସ ପାଳିତ




ଭୁବନେଶ୍ୱର,୨୬/୧୧(ନି.ପ୍ର): ଭାରତୀୟ ସମ୍ବିଧାନ ବିଶ୍ୱର ଏକ ସ୍ୱତନ୍ତ୍ର ସମ୍ବିଧାନ, ଏହାକୁ ଉଚିତ ସମ୍ମାନ ଦେବା ଏବଂ ଭଲ ଭାବେ ବୁଝିବା ପ୍ରତ୍ୟକ ଭାରତୀୟଙ୍କ କର୍ତ୍ତବ୍ୟ । ଭୁବନେଶ୍ୱରସ୍ଥିତ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ସାମାଜିକ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ସମ୍ବିଧାନ ଦିବସ ପାଳନ ଅବସରରେ ଏଭଳି ମତବ୍ୟକ୍ତ କରିଛନ୍ତି ବିଶେଷଜ୍ଞ । କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ମନୁଷ୍ୟ ଜୀବନର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଉପରେ ଆଲୋକପାତ କରିବା ସହ ଛାତ୍ର ଛାତ୍ରୀ ମାନେ ଆମ ସମ୍ବିଧାନକୁ ଯଥେଷ୍ଟ ସମ୍ମାନ ଦେବା ସହ ଏହାକୁ ସଠିକ ଭାବେ ପାଳନ କରିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଡ଼.ଜିତେନ୍ଦ୍ର ନାରୟଣ ଦାଶ ଭାରତୀୟ ସମ୍ବିଧାନ ଆମ ଜୀବନ ଶୈଳୀକୁ ନିୟନ୍ତ୍ରଣ କରେ ଏବଂ ପ୍ରତ୍ୟକ ଭାରତୀୟ ସମ୍ବିଧାନ ଦିବସକୁ ସ୍ୱାଧୀନତା ଦିବସ ଏବଂ ଗଣତନ୍ତ୍ର ଦିବସଠାରୁ ମଧ ଅଧିକ ଗୁରୁତ୍ୱ ଦେଇ ପାଳନ କରିବା ଉଚିତ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ପ୍ରତ୍ୟକ ଛାତ୍ର ଛାତ୍ରୀ ନିଜ ଜୀବନକୁ ସମାଜର ବିକାଶରେ ଯୋଡିବା ପାଇଁ ସେ ଅନୁପ୍ରାଣିତ ମଧ କରିଥିଲେ । ଉତ୍କଳ ବିଶ୍ୱ ବିଦ୍ୟାଳୟର ସାମାଜିକ ବିଭାଗର ପ୍ରାଧାପିକା ଡ଼. ନବନିତା ରଥ ସମ୍ବିଧାନର ପ୍ରଣୟନ, ଆଭିମୁଖ୍ୟ, ଉଦେଶ୍ୟ ଏବଂ ଗୁରୁତ୍ୱ ଉପରେ ଆଲୋକପାତ କରିଥିବା ବେଳେ ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ ଡ଼.ରବୀନ୍ଦ୍ର ଗରଡ଼ା ସମ୍ବିଧାନ ପ୍ରଣୟନ ହେବା ଦ୍ୱାରା ପ୍ରତ୍ୟକ ଭାରତୀୟ ନିଜ ଅଧିକାର ପାଇ ପାରିଛନ୍ତି ଏବଂ ଯୁବପିଢ଼ି ସ୍ୱାଧୀନତା, ସମାନତା ଏବଂ ଭାଇଚାରାର ମହତ୍ୱ ବିଷୟରେ ବୁଝିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଭାରତୀୟ ସମ୍ବିଧାନ ସମ୍ପର୍କରେ କୁଇଜ୍ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ କାର୍ଯ୍ୟାଳୟର ବିଭାଗୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସହକାରୀ ପ୍ରାଧାପିକା ଡ଼.ତନୟା ମହାନ୍ତି ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

## ବିଜ୍ଞାନ ଗଳ୍ପ ପୁସ୍ତକ ଉନ୍ମୋଚିତ

ବାଲିଆପାଳ, ୨୬/୧୧ (ନି.ପ୍ର): ଅଧ୍ୟାପକ ଅଜିତ କୁମାର ଦାସଙ୍କ ଲିଖିତ ପୁସ୍ତକ ବିଜ୍ଞାନ ଏଠି ସେଠି ସବୁଠି ପ୍ରଥମ ଭାଗର ଆଜି ପ୍ରକାଶ ପାଇଛି । ନିଜ ଜନ୍ମସ୍ଥାନ ଜାମକୁଣ୍ଡାଠାରେ ସଂପୂର୍ଣ୍ଣ ନିରାଡ଼ମ୍ବର ପରିବେଶରେ ଲେଖକଙ୍କ ଖୁଡୀ ଶ୍ରୀମତି ଲକ୍ଷ୍ମୀପ୍ରିୟା ଦାସ ପୁସ୍ତକଟି ଲୋକାର୍ପଣ କରିଥିଲେ । ଗଳ୍ପ ଆକାରରେ ଲେଖାଯାଇଥିବା ପୁସ୍ତକଟି କିଶୋର କିଶୋରୀଙ୍କ ମନରେ ବୈଜ୍ଞାନିକ ଚେତନା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ସେଥିପାଇଁ ଆମ ନିତିଦିନିଆ ଜୀବନରେ ବ୍ୟବହୃତ ଅତିସାଧାରଣ ସାମଗ୍ରୀ ଗୁଡିକୁ ବିଷୟ ବସ୍ତୁ ଭାବରେ ନିଆଯାଇଛି । ସ୍ଥାନେ ସ୍ଥାନେ ଦିଆଯାଇଥିବବା ଚିତ୍ର ଗୁଡିକ ସହିତ ସାଙ୍ଗସାଥୀ ମହଲରେ ଆଦୃତ ହୋଇପାରିବ ବୋଲି ବିଶ୍ୱାସ କରାଯାଇଛି । ଏହି ପୁସ୍ତକ ଉନ୍ମୋଚିତ ଅବସରରେ ଅନୀଲ କୁମାର ଦାସ, ନୟନା ଦାସ, ପଲ୍ଲବୀ ବିଶ୍ୱାଳଙ୍କ ସହ ପରିବାର ସମସ୍ତ ବ୍ୟକ୍ତି ଯୋଗ ଦାନ କରିଥିଲେ ।

## ଥାନା ଗେଟ୍ ସମ୍ମୁଖରେ ପାଣିର ଗାଡ


ଜଳେଶ୍ୱର, ୨୬/୧୧(ନି.ପ୍ର): ଜଳେଶ୍ୱର ଥାନା ସମ୍ମୁଖରେ ଏକ ବଡ ଗାଡ ସୃଷ୍ଟି ହୋଇଛି । ପାଖ ପାଇପରୁ ପାଣି ଆସି ଏଥିରେ ଭର୍ତ୍ତି ହେବା ଯୋଗୁଁ ଥାନା ଭିତରକୁ ଚାଲି ଚାଲି ଯିବା କଷ୍ଟସାଧ୍ୟ ହୋଇଛି । ବହୁ ଦିନ ଧରି ଏହି ପାଣି ଜମି ରହିବା ଫଳରେ ଏକ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି ହେଉଛି । ଥାନା ମଧ୍ୟକୁ ପ୍ରତିଦିନ ଶହ ଶହ ମହିଳା ଓ ଯାନବାହାନ ଯା-ଆସ କରୁଥିବାରୁ ତାହା ସମସ୍ତଙ୍କ ଲାଗି ବାଧକ ସାଜିଛି । ଏଠାକୁ ରାଜନେତା ଓ ପ୍ରଶାସନୀକ ଅଧିକାରୀମାନେ ଆସୁଥିଲେ ମଧ୍ୟ ସେଥିପ୍ରତି କାହାରି ନଜର ନାହିଁ । ତେଣୁ ଯଥାଶୀଘ୍ର ଏହାକୁ ମରାମତି କରିବାକୁ ସଧାରଣରେ ଦାବି ହେଉଛି ।

# ଭାରତୀୟ ସମ୍ବିଧାନ ବ୍ୟକ୍ତି ସ୍ୱାଧୀନତା ଓ ସମାନତା ଦେବାରେ ବିଶ୍ୱରେ ଅନନ୍ୟ ଏବଂ ଅଦ୍ୱିତୀୟ



ବାଲିଆପାଳ, ୨୬/୧୧ (ନି.ପ୍ର): ଭାରତୀୟ ସମ୍ବିଧାନ ବ୍ୟକ୍ତି ସ୍ୱାଧୀନତା ଓ ସମାନତା ଦେବାରେ ବିଶ୍ୱରେ ଅନନ୍ୟ ଏବଂ ଅଦ୍ୱିତୀୟ । ଏହି ସମ୍ବିଧାନ ଭାରତ ଭଳି ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ମାର୍ଗ ଦର୍ଶିକା ଭଳି କାର୍ଯ୍ୟ କରୁଛି ବୋଲି ଆଜି ସ୍ଥାନୀୟ ଶ୍ରୀଦୁର୍ଗାକଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ୭୩ତମ ସମ୍ବିଧାନ ଦିବସ ପାଳନ ଅବସରରେ ବ୍ୟକ୍ତାମାନେ ମତବ୍ୟକ୍ତ କରିଥିଲେ । ଆମ୍ବେଦକର କଲ୍ୟାଣ ସମିତିର ସଭାପତି ତ୍ରୈଲୋଚନ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର କୁଞ୍ଜକାନ୍ତ ପାତ୍ର ଯୋଗଦେଇ ଭାରତର ସମ୍ବିଧାନ କେବଳ ବିଧିଗ୍ରନ୍ଥ ନୁହେଁ ବରଂ ଏହା ବ୍ୟକ୍ତି ସ୍ୱାଧୀନତାକୁ ସୁରକ୍ଷା ପ୍ରଦାନ କରେ ବୋଲି ମତବ୍ୟକ୍ତ କରିଥିଲେ । ସମ୍ବିଧାନ ପ୍ରଣେତା ମାନଙ୍କର ସୁଦୂରପ୍ରସାରୀ ଦୂରଦୃଷ୍ଟି ଯୋଗୁଁ ଦେଶର ସମସ୍ତ ନାଗରିକମାନଙ୍କର ଅଧିକାର, କର୍ତ୍ତବ୍ୟ ଏବଂ ରାଷ୍ଟ୍ରପ୍ରତି ସମର୍ପିତ ଭାବନା ଅଙ୍ଗିକାର ବଦ୍ଧତା, ସମାନତାକୁ ସୁନିଶ୍ଚିତ କରିରଖିଛି । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମାଜ ସେବୀ ପ୍ରାକ୍ତନ ପ୍ରଶାସନିକ ପ୍ରମୋଦ କୁମାର ପଟ୍ଟାୟତ ଯୋଗ ଦେଇ ଦେଶର ପ୍ରତ୍ୟେକ ସଚେତନ ନାଗରିକ ବିଶେଷକରି ଯୁବସମାଜ ସମ୍ବିଧାନର ବୈଶିଷ୍ଟ୍ୟ ଏବଂ ଆଭିମୁଖ୍ୟକୁ ଠିକଭାବେ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ,ସାମ୍ବାଦିକ ପ୍ରଫୁଲ କୁମାର ପାତ୍ର, ଯୁବସମାଜସେବୀ ଜଗବନ୍ଧୁ ଜେନା, ସୂଚନା ଅଧିକାର କର୍ମୀ ଅନୁଜ କୁମାର ମହାପାତ୍ର, ନାରୀନେତ୍ରୀ ମମତା ମଣ୍ଡଳ ପ୍ରମୁଖ ଯୋଗ ଦେଇ ସମ୍ବିଧାନ ପ୍ରରେଣତା ଭାରତରତ୍ନ ଭୀମରାଓ ଆମ୍ବେଦକରଙ୍କ ସୁଦୂର ପ୍ରସାରୀ ଚିନ୍ତା ଧାରା ଯୋଗୁଁ ଆଜି ଭାରତୀୟ ସମ୍ବିଧାନ ବିଶ୍ୱରେ ସର୍ବବୃହତ ଏବଂ ଅଦ୍ୱିତୀୟ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶରତ ପାତ୍ର,ବଂଶୀଧର ପାତ୍ର, କିରଣ କୁମାର ଜେନା,ସନ୍ୟାସୀ ଜେନା, ଧନଞ୍ଜୟ ଜେନା ହରେକୃଷ୍ଣ ଜେନା, ହିମାଂଶୁ ଗିରି, ସଦାଶିବ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆମ୍ବେଦକର କଲ୍ୟାଣ ସମିତିର ସଂପାଦକ ଗୋପାଳ ଚନ୍ଦ୍ର ମାହାଳିକ ସ୍ୱାଗତ ଭାଷଣ ଏବଂ କୋଷାଧକ୍ଷ ପ୍ରଭୁରାମ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ ।

# ଖଇରା ବ୍ଲକରେ ୩୯ ହଜାର ପରିବାରକୁ ମିଳିବ ବିଏସକେୱାଇ କାର୍ଡ



ଖଇରା, ୨୬/୧୧ (ନି.ପ୍ର): ବାଲେଶ୍ୱର ଜିଲା ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ର ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବିଧାୟକ ତଥା ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଖଇରା ବ୍ଲକରେ ଏହି ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିବା ଅବସରରେ ଏହି ଯୋଜନା ସାଧାରଣ ଗରୀବ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟବଳୟ ଭାବେ କାର୍ଯ୍ୟ କରିବ । ଖଇରା ବ୍ଲକରେ ୩୯ ହଜାର୨୯୫ ପରିବାରର ୧ଲକ୍ଷ୫୪ ହଜାର ୭୯୫ ସଦସ୍ୟଙ୍କୁ ଏହି ସୁବିଧା ମିଳିବାର ଥିବା ବେଳେ ଖଇରା ପଞ୍ଚାୟତରେ ୭୦୨ପରିବାରର ୨ହଜାର୮୩୮ ଲୋକଙ୍କୁ ଏହି ସୁବିଧା ମିଳିବ ବୋଲି ମନ୍ତ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ । ବଣପାରିଆ, ଆଳଦା, ପୁରସ୍ତମପୁର, ନଟାପଡା ଇତ୍ୟାଦି ଗ୍ରାମରୁ ୩୬ଜଣଙ୍କୁ କାର୍ଡ ବଣ୍ଟା ଯାଇଥିଲା । ବିଡିଓ ପର୍ଶୁରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଭଦ୍ରକ ଏମପି ମଞ୍ଜୁଲତା ମଣ୍ଡଳ,ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ,ମହିଳା ସଂଘ ସଭାପତି ରଶ୍ମିତା ମହାପାତ୍ର, ସରପଞ୍ଚ ସୁଦର୍ଶନ ସେଠୀ, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ଜୟନ୍ତୀ ମହଲା ଓ କଳ୍ପନା ନାଇକ ପ୍ରମୁଖ ଯୋଗ ଦେଇ ଏହି ଯୋଜନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିପଣି ନିରିକ୍ଷକ ନିରଞ୍ଜନ ସାହୁ ସଭା ପରିଚାଳନା କରିଥିଲେ ।

## ଶିଶୁ କନ୍ୟାର ସଲିଳ ସମାଧି

ଖଇରା,୨୬/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା କରୁଣ୍ଡା ପଞ୍ଚାୟତ ଅଧୀନ ମିରିପୁରଖଇରା ଗ୍ରାମର ଦାଶରଥି ଶିଅଳଙ୍କର ୩ବର୍ଷର ଝିଅ ବର୍ଷାରାଣୀ ଶିଅଳ ପାଣିରେ ପଡି ମୃତ୍ୟୁ ବରଣ କରିଛି । ଶୁକ୍ରବାର ସକାଳେ ଘର ଅଗଣାରେ ଖେଳୁଥିବା ସମୟରେ ସମସ୍ତଙ୍କ ଅଲକ୍ଷରେ ପୋଖରୀକୁ ଚାଲି ଯାଇଥିବା ବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲା । ଘରଲୋକ ଖୋଜାଖୋଜି ପରେ ପାଣିରେ ଭାସୁଥିବା ଦେଖି ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମୁଖ୍ୟମନ୍ତ୍ରୀଙ୍କ ୪୫ ମିନିଟିଆ ଗସ୍ତରେ....

ସେଠାରେ ୫ଜଣ ହିତାଧିକାରୀଙ୍କୁ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ ସହ ଜିଲା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଶୁଭାରମ୍ଭ କରିଥିଲେ । ଏହା ସହିତ ୧୫୫୩ କୋଟି ଟଙ୍କାର ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପ ଘୋଷଣା କରିଥିଲେ । ୩୬୬.୮୯ କୋଟି ଟଙ୍କା ଖର୍ଚ୍ଚରେ ସମ୍ପୂର୍ଣ୍ଣ ହୋଇଥିବା ୭୭ଟି ପ୍ରକଳ୍ପର ଉଦଘାଟନ କରିଥିବା ବେଳେ ୧୧୮୬.୦୭ କୋଟି ଟଙ୍କା ବ୍ୟୟ ଅଟକଳରେ ୧୦୯ଟି ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଉଦଘାଟିତ ହୋଇଥିବା ପ୍ରକଳ୍ପ ମଧ୍ୟରେ ସଡ଼କ, ଗୃହ ନିର୍ମାଣ ଓ ବ୍ରିଜ୍ ନିର୍ମାଣରେ ୧୯୮ କୋଟି ଟଙ୍କାର ୨୯ଟି ପ୍ରକଳ୍ପ, ୧୨ କୋଟି ଟଙ୍କା ଖର୍ଚ୍ଚରେ ସ୍ୱାସ୍ଥ୍ୟ ବିଭାଗର ୮ଟି ପ୍ରକଳ୍ପ, ଶିକ୍ଷା ବିଭାଗର ୩୮କୋଟି ଟଙ୍କାର ୧୨ଟି ପ୍ରକଳ୍ପ, ସହର ବିକାଶ ପାଇଁ ସାଢେ ୫ କୋଟି ଟଙ୍କାର ୯ଟି ପ୍ରକଳ୍ପ, ଶକ୍ତି ବିଭାଗର ସାଢେ ୧୪ କୋଟି ଟଙ୍କାର ୩ଟି ପ୍ରକଳ୍ପ, ୧୨କୋଟି ଟଙ୍କା ଖର୍ଚ୍ଚରେ ପର୍ଯ୍ୟଟନ ବିଭାଗର ୭ଟି ପ୍ରକଳ୍ପ, ୨କୋଟି ଟଙ୍କା ଖର୍ଚ୍ଚରେ ଗୃହ ନିର୍ମାଣ ବିଭାଗର ଗୋଟିଏ ପ୍ରକଳ୍ପ ଉଦଘାଟିତ ହୋଇଥିଲା । ସେହିପରି ସଡ଼କ, ଗୃହ ନିର୍ମାଣ ଓ ବ୍ରିଜ୍ ନିର୍ମାଣରେ ୩୦୦ କୋଟି ଟଙ୍କାର ୬୨ଟି, ସ୍ୱାସ୍ଥ୍ୟ ବିଭାଗର ସାଢେ ୧୫କୋଟି ଟଙ୍କା ଖର୍ଚ୍ଚରେ ୨ଟି, ୨୮କୋଟି ଟଙ୍କା ଖର୍ଚ୍ଚରେ ଶିକ୍ଷା ବିଭାଗର ୪ଟି, ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୭୫୩ କୋଟି ଟଙ୍କା ଖର୍ଚ୍ଚରେ ୧୪ଟି, ସହର ବିକାଶ ପାଇଁ ସାଢେ ୧୩କୋଟି ଟଙ୍କାର ୭ଟି, କ୍ରୀଡା ଭିତ୍ତିଭୂମୀ ବିକାଶ ପାଇଁ ୨୮କୋଟି ଟଙ୍କାର ୪ଟି, ୩୯ କୋଟି ଟଙ୍କା ଖର୍ଚ୍ଚରେ ଜଳ ସମ୍ପଦ ବିଭାଗର ୧୩ଟି ଓ ପର୍ଯ୍ୟଟନ ବିକାଶ ପାଇଁ ୯ କୋଟି ଟଙ୍କାର ୩ଟି ପ୍ରକଳ୍ପର ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ ।

## ୟୁରୋପ ଓ ଦକ୍ଷିଣ ଆଫ୍ରିକାରେ....

ହରାଇଛନ୍ତି ନିବେଶକ । ସାତ ମାସ ପରେ ସେୟାର ବଜାରରେ ଏପରି ହ୍ରାସ ଘଟିଛି । ସେନସେକ୍ସ ୨.୮୭ ପ୍ରତିଶତ ଖସି ୫୭,୧୦୭.୧୫ରେ ବନ୍ଦ ହୋଇଛି । ସେହିପରି ନିଫଟି ୨.୯୧ ପ୍ରତିଶତ ଖସି ୧୭,୦୨୬.୪୫ରେ ବଜାର ବନ୍ଦ ହୋଇଛି । ହଠାତ୍ ଏପରି ସ୍ଥିତି ପାଇଁ ବିଦେଶରେ ବଢୁଥିବା କରୋନା ସଂକ୍ରମଣ ବୋଲି କୁହାଯାଉଛି । ଦକ୍ଷିଣ ଆଫ୍ରିକାରେ କରୋନା ଭାଇରସର ନୂଆ ଭ୍ୟାରିଆଣ୍ଟ ଚିହ୍ନଟ ହେବା ପରେ ବିଶ୍ୱ ବଜାରରେ ଏହାର ପ୍ରଭାବ ପଡ଼ିଛି । ଭାରତୀୟ ସେୟାର ବଜାରରେ ଦୁଇ ସପ୍ତାହ ହେବ ସେୟାର ବଜାର ଖସୁଥିବାର ଦେଖିବାକୁ ମିଳୁଥିଲା । ହେଲେ ନୂଆ ଭ୍ୟାରିଆଣ୍ଟ ଚିହ୍ନଟ ହେବା ପରେ ଭୟ ବଢିବାରେ ଲାଗିଛି । ଅନେକ ୟୁରୋପୀୟ ଦେଶରେ କରୋନା ମାମଲା ବଢୁଥିବାରୁ ଲକଡାଉନ୍ ଘୋଷଣା କରିଛନ୍ତି । ଆଗକୁ ଅଧିକ କ୍ଷତି ହୋଇପାରେ ଆଶଙ୍କା କରି ନିବେଶକ ମାନେ ସେୟାର ବିକ୍ରି କରି ଦେଉଥିବା ଜଣାପଡିଛି । ଆଗକୁ ମଧ ସେୟାର ବଜାରରେ ଏପରି ସ୍ଥିତି ରହିପାରେ ବୋଲି ଆଶଙ୍କା କରୁଛନ୍ତି ବିଶେଷଜ୍ଞ । ଏପରି ସ୍ଥିତିରେ ଆଇଟି କମ୍ପାନୀରେ ନିବେଶ ଭଲ ରିଟର୍ନ ଦେଇପାରେ ବୋଲି କୁହାଯାଉଛି ।

## ପ୍ରକାଶ ପାଇଲା ନୀତି ....

ଜନତା ବଞ୍ଚିତ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ ଅଛି । ସ୍କୁଲ୍ ଶିକ୍ଷାରୁ ୧୬.୬୬% ବଞ୍ଚିତ ଏବଂ ୪.୯୫%ଙ୍କର ସ୍କୁଲ୍ ଉପସ୍ଥାନ ନ ଥିବା କଥା ମଧ ସେଥିରୁ ଜଣାପଡ଼ିଛି । ଏହା ବ୍ୟତିରେକେ, ରାଜ୍ୟର ୬୫.୩୦% ଜନତା ରନ୍ଧନ ଇନ୍ଧନ, ୩୯.୫୦% ପରିମଳ, ୨୦.୯୭ ପାନୀୟ ଜଳ ୩.୦୦% ବିଜୁଳି, ୫୫.୮୧% ବାସଗୃହ, ୧୯,୨୨% ସମ୍ପତ୍ତିବାଡ଼ି, ୧୦.୯୪% ବ୍ୟାଙ୍କ୍? ଆକାଉଣ୍ଟ୍ ଆଦିରୁ ବଞ୍ଚିତ ଅଛନ୍ତି ବୋଲି ‘ନୀତି ଆୟୋଗ ରିପୋର୍ଟ’ରେ ଉଲ୍ଲେଖ ଅଛି । ୨୦୧୫-୧୬ରେ କରାଯାଇଥିବା ୪ର୍ଥ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଉପରେ ଆଧାରିତ ‘ନୀତି ଆୟୋଗ’ର ଏହି ରିପୋର୍ଟରେ ବହୁବିଧ ଦାରିଦ୍ର୍ୟ ସୂଚକାଙ୍କର ପ୍ରଥମ ସ୍ଥାନରେ ରହିଛି ବିହାର । ଦ୍ୱିତୀୟ ସ୍ଥାନରେ ଝାଡ଼ଖଣ୍ଡ ଓ ତୃତୀୟ ସ୍ଥାନରେ ରହିଛି ଉତ୍ତର ପ୍ରଦେଶ । ବିହାରରେ ୫୧.୯୧% ଜନତା ଦାରିଦ୍ର୍ୟ ପ୍ରପୀଡ଼ିତ ଥିବାବେଳେ ଝାଡ଼ଖଣ୍ଡ ଓ ଉତ୍ତର ପ୍ରଦେଶରେ ଯଥାକ୍ରମେ ୪୨.୧୬% ଏବଂ ୩୭.୭୯% ଜନତା ଦାରିଦ୍ର୍ୟ କବଳିତ ହୋଇଛନ୍ତି ।

## ସମ୍ବିଧାନ ଦିବସକୁ ନେଇ ଶାସକ....

କଡା ଆଭିମୁଖ୍ୟ ଦେଖାଇଛନ୍ତି । ୨୯ରେ ସଂସଦର ଶୀତକାଳୀନ ଅଧିବେଶନ ବସିବ । ଏହା ପୂର୍ବରୁ ଆଜି ସଂସଦରେ ପାଳିତ ହେଉଥିବା ସମ୍ବିଧାନ ପ୍ରତିଷ୍ଠା ଦିବସକୁ ବୟକଟ କରିଛନ୍ତି ବିରୋଧୀ କଂଗ୍ରେସ ସମେତ ମୋଟ୍ ୧୪ଟି ଦଳ । ଶୀତକାଳୀନ ଅଧିବେଶନ ପୂର୍ବରୁ ଏପରି କରି ବିରୋଧୀ ଏକାଠି ଅଛନ୍ତି ବୋଲି ପ୍ରମାଣ ଦେଇଛନ୍ତି । ଆଉ କେନ୍ଦ୍ରର ବିଜେପି ସରକାର ସମ୍ବିଧାନକୁ ସମ୍ମାନ କରୁନି ବୋଲି ବିରୋଧୀ ଦଳର ନେତା କହିଛନ୍ତି । ସମ୍ବିଧାନ ଏବଂ ଗଣତନ୍ତ୍ର ନାଁରେ ରାଜନୈତିକ ଦଳ ପରସ୍ପରର ଗୋହି ଖୋଳିବା ଦେଶର ରାଜନୀତିରେ କିଛି ନୂଆ କଥା ନୁହେଁ । କିନ୍ତୁ ଏହି ଦିବସ ପାଳନ କରିବା ବେଳେ କ୍ଷମତାରେ ଥିବା ରାଜନୈତିକ ଦଳ ଜନ ଗଣ ମନକୁ କେତେ ଗୁରୁତ୍ୱ ଦିଅନ୍ତି ତାହା ସରକାରଙ୍କ ଆଇନ ଏବଂ ଆଭିମୁଖ୍ୟକୁ ଦେଖିଲେ ଜଣାପଡେ ।

## ବିଜେପି ଶାସନରେ ୟୁପିରେ ବିକାଶର....

ସବକା ପ୍ରୟାସର ମନ୍ତ୍ର ସାଥୀରେ ଚାଲୁଥିବା ବିଜେପି ଉତରପ୍ରଦେଶର ଜନତାଙ୍କ ଆସ୍ଥାଭାଜନ ହୋଇପାରିଛି । ଚଳିତ ନିର୍ବାଚନ ଗରିବ କଲ୍ୟାଣ, ସର୍ବସମାଜର ବିକାଶ ଏବଂ ସାଧାରଣ ଲୋକଙ୍କୁ ଆଇନ ଦେଇଥିବା ସୁରକ୍ଷା ଉପରେ ନିର୍ବାଚନ ଲଢ଼ାଯିବ । ଅପରପକ୍ଷରେ ଯେଉଁମାନେ ପିଢି ପରେ ପିଢ଼ି ଶାସନ କରିବା ପରେ ମଧ କିଛି ବିକାଶର କାମ କରିନାହାନ୍ତି, ଯାହାଙ୍କୁ ନିଜ ଉପରେ ଭରସା ନାହିଁ, ସେମାନେ ଆଜି ବିଜେପି ବିରୋଧରେ ଅପପ୍ରଚାର କରୁଛନ୍ତି । ଦେଶରେ ଚାଷୀଙ୍କ ପାଇଁ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ହୋଇଥିବା ବେଳେ ଚାଷୀଙ୍କ ଠାରୁ ଧାନ ଓ ଗହମ କିଣାଯାଉଛି ।

## ତିନି କୃଷି ଆଇନ ବିରୋଧରେ କୃଷକଙ୍କ ....

ହେଲେ ଆଉ କିଛି ଦାବି ନେଇ କୌଣସି ଆଶ୍ୱସନା ମିଳିନାହିଁ । ତେଣୁ ଏ ଆନ୍ଦୋଳନ ଏବେ ଶେଷ ହୋଇନି ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତା ରାକେଶ ଟିକାୟତ କହିଛନ୍ତି । ୨୦୨୦ ମସିହା ନଭେମ୍ବର ୨୬ ତାରିଖରେ ଆର୍ଥାତ ଆଜିର ଦିନରେ କେନ୍ଦ୍ର ସରକାରଙ୍କ ୩ କୃଷି ଆଇନକୁ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଥିଲେ ଚାଷୀ । ଦେଶର ବିଭିନ୍ନ ସ୍ଥାନରୁ ଆସି ରାଜଧାନୀ ଦିଲ୍ଲୀରେ ଏକାଠି ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ । ଖରା, ବର୍ଷା, ଶୀତକୁ ଖାତିର ନକରି ପଡି ରହିଥିଲେ । ଆଉ ଇତି ମଧ୍ୟରେ ଚାଷୀଙ୍କ ପ୍ରମୁଖ ଦାବିକୁ ସରକାର ଗ୍ରହଣ କରିଛନ୍ତି। ଆଗକୁ ଶୀତକାଳୀନ ଅଧିବେଶନ ରହିଛି । ଏହି ଅବସରରେ ସଂସଦ ଘେରିବାକୁ ପ୍ରସ୍ତୁତ ହୋଇଛି ଚାଷୀ ସଂଗଠନ । ଆଉ ଜାନୁଆରୀ ୨୬ ଘଟଣାର ଯେମିତି ପୁନରାବୃତି ନହୁଏ ସେନେଇ ପୁଲିସ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛି । ଏମଏସପି ଆଣନ୍ତୁ ଦାବି କରି ଚାଷୀ ସଂଗଠନ ଏବେ ଆନ୍ଦୋଳନରେ ବସିଛି । ଆଉ ଆଗାମୀ ଦିନରେ ଶାସକ ବିଜେପି ବିରୋଧରେ ନାରାବାଜି କରିବାକୁ ଚେତାବନୀ ଦେଇଛନ୍ତି ରାକେଶ ଟିକାୟତ ।

# ବିଦାୟ ନେଲେ ଧ୍ୱନି ପ୍ରତିଧ୍ୱନିର ପାଠକ ଗୋପିନାଥ ଦାଶ



ଉଦଳା, ୨୬/୧୧ (ନି.ପ୍ର): ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ, ଉଦଳା ସହରର ୱାର୍ଡ଼ନଂ-୩ର ସ୍ଥାୟୀ ବାସିନ୍ଦା ତଥା ଦୈନିକ ‘ଧ୍ୱନି ପ୍ରତିଧ୍ୱନି’ର ଜଣେ ନିୟମିତ ପାଠକ ଗୋପିନାଥ ଦାଶଙ୍କର ୮୨ ବର୍ଷ ବୟସରେ ଆଜି ହୃଦଘାତରେ ଦେହାନ୍ତ ହୋଇ ଯାଇଛି । ଇତିହାସ ବିଭାଗର ଅଧାପକ ଭାବରେ ତାଙ୍କର ଛାତ୍ର ଛାତ୍ରୀ ମାନଙ୍କ ମହଲରେ ବେଶ ପ୍ରଶଂସା ଥିଲା । ସେ ତାଙ୍କର ଚାକିରୀ ଜୀବନ ବାସୁଦେବପୁର, ରସାଳପୁର, ଉଦଳା ଅଞ୍ଚଳରେ କଟାଇଥିଲେ । ତାଙ୍କର ସହଧର୍ମିଣୀ ଶୋଭାରାଣୀ ଶିକ୍ଷା ବିଭାଗର ଜଣେ ପରିଦର୍ଶିକା ଭାବରେ ଚାକିରି ଜୀବନ ବିତାଇବା ପରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଉପନଗରପାଳ ଭାବରେ ଦକ୍ଷତାର ସହ ଦାୟିତ୍ୱ ତୁଲାଇଥିଲେ । ଜ୍ୟେଷ୍ଠପୁତ୍ର ଅଧାପକ ସୌମେନ୍ଦ୍ର ମୁଖାଗ୍ନି ଦେଇଥିବା ବେଳେ କନିଷ୍ଠପୁତ୍ର ଇଂ. ଶୁଭେନ୍ଦୁ, ପୁତ୍ରବଧୂ ତଥା ନାତି ନାତୁଣୀ ମାନେ ଉପସ୍ଥିତ ଥିଲେ । ତାଙ୍କର ବିୟୋଗରେ ଧ୍ୱନି ପ୍ରତିଧ୍ୱନି ପାଠକ ମଞ୍ଚ ଉଦଳା ପରିବାର ମଧ୍ୟରେ ଶୋକର ଛାୟା ଖେଳି ଯାଇଛି ।

# ଇଫକୋ ପାରଦୀପ ୟୁନିଟ୍ ପକ୍ଷରୁ ଗୋଖାଦ୍ୟ ବଣ୍ଟନ



ପାରାଦୀପ, ୨୬/୧୧ (ନି.ପ୍ର): ପାରାଦୀପ ଠାରେ ଥିବା ବହତ୍ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲା ଡେରାବିସ୍ ଥାନା ଅନ୍ତର୍ଗତ ନିଳିକଣାର ଶ୍ରୀ ଶ୍ରୀ ବଳେଦବଜୀୟୁ ଗୋମଙ୍ଗଳ ସମିତି ଠାରେ ଗୋଖାଦ୍ୟ ବଣ୍ଟନ କରାଯାଇଛି । ଗୋମଙ୍ଗଳ ସମିତର ସଭାପତି ଫକୀର ଚରଣ ଖଟୁଆ, ସମ୍ପାଦକ ସୁଶୀଲ୍ କୁମାର ସାମଲଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଇଫକୋ ପାରାଦୀପ ୟୁନିଟ୍ର ନିର୍ବାହୀ ନିର୍ଦ୍ଦେଶକ କେ.ଜେ. ପଟେଲ୍ଙ୍କୁ ଭେଟି ଗୋମଙ୍ଗଳ ସମିତିରେ ଥିବା ଗାଈ ଗୋରୁଙ୍କ ନିମନ୍ତେ ଗୋଖାଦ୍ୟ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ନିର୍ବାହୀ ନିର୍ଦ୍ଦେଶକ କେ.ଜେ. ପଟେଲ୍ ଏହାକୁ ସହୃଦୟତାର ସହ ଗ୍ରହଣ କରିଥିଲେ । ଏହିକ୍ରମରେ ଇଫକୋ ପାରାଦୀପ ୟୁନିଟ୍ର ସହକାରୀ ପ୍ରବନ୍ଧକ ପ୍ରସନ୍ନ କୁମାର ବେଉରା ସେଠାରେ ପହଂଚି ଗୋଖାଦ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୋମଙ୍ଗଳ ସମିତିର ସଭାପତି ଫକୀର ଚରଣ ଖଟୁଆ, ସମ୍ପାଦକ ସୁଶୀଲ୍ କୁମାର ସାମଲଙ୍କ ସମେତ ଆଇନଜୀବୀ ବିଧୁ ଭୂଷଣ ମହାପାତ୍ର, ତରୁଣ ରଂଜନ ପ୍ରଧାନ, ମାନବାଧିକାର କାଉନ୍ସିଲ୍ର ଡେରାବିଶ୍ ବ୍ଲକ୍ ସମ୍ପାଦକ ନିରୂପମା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଏସ୍.ଡି.ଜି ହାସଲ ଉପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୨୬/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ, ଶିଳ୍ପ ଏବଂ ସାମାଜିକ ଭିତିଭୂମି ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ସହ ରାଜ୍ୟ ସରକାର ବର୍ତ୍ତମାନ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍.ଡି.ଜି.) ହାସଲ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ଏଥିପାଇଁ ଯୋଜନା ଓ ସମନ୍ୱୟ ବିଭାଗରେ ଏକ ସ୍ୱତନ୍ତ୍ର ପ୍ରକଳ୍ପ ତତ୍ତ୍ୱାବଧାନ ୟୁନିଟ୍ (ପି.ଏମ୍.ୟୁ) ଗଠନ କରାଯାଇଛି । ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ୟୁନିଟ୍ କାର୍ଯ୍ୟ କରୁଛି । ବିଭିନ୍ନ ବିଭାଗ, ଜିଲ୍ଲା ଏବଂ ଅଂଶିଦାର ସଂସ୍ଥାମାନଙ୍କ ମ୍ନରେ ସମନ୍ୱିତ ଓ ସହଭାଗୀ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ଭାବେ ଗଠିତ ଏହି ପି.ଏମ୍.ୟୁ ରାଜ୍ୟ ଲୋକସେବା ଭବନ ସଭାଗୃହରେ ଏକ କର୍ମଶାଳାର ଆୟୋଜନ କରିଥିଲେ । ଏହି କର୍ମଶାଳାକୁ ସମ୍ବୋଧିତ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ନିରନ୍ତର ବିକାଶ ରାଜ୍ୟ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଏ ଦିଗରେ ରାଜ୍ୟ ସରକାରଙ୍କର ଅନେକ ପଦକ୍ଷେପ ନେଇଛନ୍ତି । କେତେକ ନିର୍ଦ୍ଧାରିତ ମାନକରେ ରାଜ୍ୟ ଆଗୁଆ ସ୍ଥିତିରେ ଥିବାବେଳେ ଅନ୍ୟକେତେକ ମାନକ ପାଇଁ କାର୍ଯ୍ୟଯୋଜନାର ଆବଶ୍ୟକତା ରହିଛି । ବିକାଶକୁ ନିରନ୍ତର ଓ ଦୀର୍ଘସ୍ଥାୟୀ କରିବା ନିମନ୍ତେ ବିଭାଗ ମ୍ନରେ ଅନ୍ତଃପ୍ରକ୍ରିୟାଗତ ସଂସ୍କାର ସହ ଦକ୍ଷତା ଅଭିବୃଦ୍ଧି ପାଇଁ ଶ୍ରୀ ମହାପାତ୍ର ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏସ୍.ଡି.ଜି. ସମନ୍ୱୟ ନିମନ୍ତେ ପ୍ରତି ବିଭାଗ ଜଣେ ଦକ୍ଷ ନୋଡାଲ ଅଫିସର ଏବଂ ଦୁଇଜଣ ଅଭିଜ୍ଞ ପ୍ରୋଗ୍ରାମ୍ ଅଫିସର ମନୋନୟନ କରିବା ପାଇଁ ଶ୍ରୀ ମହାପାତ୍ର ସବୁ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମନୋନିତ ନୋଡାଲ୍ ଏବଂ ପ୍ରୋଗ୍ରାମ୍ ଅଫିସରମାନଙ୍କ ନିମନ୍ତେ ନିୟମିତ ବ୍ୟବଧାନରେ ତାଲିମ୍ ଓ ଅନୁପ୍ରେରଣା ଶିବିର ଆୟୋଜନ କରିବା ପାଇଁ ମ୍ନ ମୁଖ୍ୟ ଶାସନ ସଚିବ ପି. ଏମ୍ . ୟୁ. ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଥିଲେ ଯେ ପି.ଏମ. ୟୁ. ଖୁବ୍ ଶିଘ୍ର ବିଭାଗ ମାନଙ୍କ ସହଯୋଗରେ ନିରନ୍ତର ବିକାଶ ଢ଼ାଂଚାର ସଦ୍ୟତଥ୍ୟାରୋପଣ କରିବେ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପୁଲିସ ଛାଉଣିରେ ୭ଘଣ୍ଟା ରହିଲା ବାଲେଶ୍ୱର ସହର

## ଅଘୋଷିତ କର୍ଫ୍ୟୁରେ ହନ୍ତସନ୍ତ ହେଲେ ସହରବାସୀ, ବିରୋଧ ପ୍ରଦର୍ଶନ କରି ଗିରଫ ହେଲେ କଂଗ୍ରେସ ଓ ବିଜେପିର ୩୨ କର୍ମୀ

ବାଲେଶ୍ୱର, ୨୬/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ କାଳରେ ବିରୋଧୀ ବିଜେପି ଓ କଂଗ୍ରେସ କର୍ମୀଙ୍କ କଳାପତାକା ପ୍ରଦର୍ଶନର ଭୟ ଜିଲା ପୁଲିସର ଚିନ୍ତା ବଢ଼ାଇ ଦେଇଥିଲା। ତେବେ ପୁରୀ ଜିଲାରେ ଅଣ୍ଡାମାଡ଼ ଘଟଣା ପରେ ମୁଖ୍ୟମନ୍ତ୍ରୀ ଗସ୍ତ କରୁଥିବା ଜିଲାରେ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଉଛି । ତେବେ ବାଲେଶ୍ୱରରେ ପୁଲିସ କେଇପାଦ ଆଗକୁ ଚାଲି ଯାଇଥିବା ଲକ୍ଷ୍ୟ କରାଯାଇଥିଲା। ପୂର୍ବାଞ୍ଚଳ ଜୋନ ଆରକ୍ଷୀ ନିରୀକ୍ଷକ ହିମାଂଶୁ ଲାଲ ଓ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ଜଣ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ୧୩ଜଣ ଉପ-ଆରକ୍ଷୀ ଅଧୀକ୍ଷକ, ୨୨ଜଣ ଆରକ୍ଷୀ ନିରୀକ୍ଷକ ଓ ୯୪ଜଣ ଉପ-ଆରକ୍ଷୀ ନିରୀକ୍ଷକ ଓ ସହକାରୀ ଉପ-ଆରକ୍ଷୀ ନିରୀକ୍ଷକଙ୍କ ସମେତ ୨୫ ପ୍ଲାଟୁନ ସୁରକ୍ଷା ବଳ ନିଯୁକ୍ତ ହୋଇ ମଖ୍ୟମନ୍ତ୍ରୀଙ୍କ ଗସ୍ତକାଳର ସୁରକ୍ଷା ବ୍ୟବସ୍ଥାକୁ ନିଷ୍ଠାର ସହିତ ପରିଚାଳନା କରିଥିବା ଦେଖିବାକୁ ମିଳିଥିଲା। ଏମିତିକି ବାଲେଶ୍ୱର ସହରରେ କର୍ଫ୍ୟୁ ଲାଗୁ ହେଲା ଭଳି ସାଧାରଣ ଲୋକେ ଅନୁଭବ କରିଥିଲେ। ସକାଳ ୭ଟାରୁ ସହରର ସମସ୍ତ ପ୍ରମୁଖ ରାସ୍ତାକୁ ସିଲ କରାଯାଇଥିଲା । ଆଇଟିଆଇ ଛକରୁ ଫକୀର ମୋହନ ଗୋଲେଇ, ଆଇଟିଆଇ ଛକରୁ ସେଣ୍ଟ୍ରାଲ ସ୍କୁଲ ଛକ, ସେଣ୍ଟ୍ରାଲ ସ୍କୁଲ ଛକରୁ ପଦ୍ମୁଆଁପଦା ଛକ, ପଦ୍ମୁଆଁପଦା ଛକରୁ ପୁଲିସ ଲାଇନ, ଖପରାପଦା ଛକରୁ ଷ୍ଟେସନ ଛକ, ପଦ୍ମୁଆଁପଦା ଛକରୁ ଏଡିଏମ ଛକ ଭାୟା ରାଜାବଗିଚା, ଷ୍ଟେସନଛକରୁ ଏଡିଏମ ଛକ ରାସ୍ତା, ଟେକ୍ନିକାଲ ସ୍କୁଲ ଛକରୁ ଏଡିଏମ ଛକ ପର୍ଯ୍ୟନ୍ତ ରାସ୍ତାରେ ସକାଳ ୬ଟାରୁ ଅପରାହ୍ନ ପ୍ରାୟ ୧ଟାଏ ପର୍ଯ୍ୟନ୍ତ ସାଧାରଣ ଯାତାୟାତ ବନ୍ଦ ରହିବା ଫଳରେ ଜନସାଧାରଣଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁପଡ଼ିଥିଲା। ତେବେ ରାସ୍ତା ବନ୍ଦ ନେଇ ପୂର୍ବରୁ ପୁଲିସ ପକ୍ଷରୁ ସେଭଳି ବିଧିବଦ୍ଧ ଘୋଷଣା ହୋଇ ନଥିବା ବେଳେ କେବଳ ସହରର କେତେକ ଅଞ୍ଚଳରେ ଦୋକାନ ବଜାର ବନ୍ଦ ରଖିବା ପାଇଁ ପିସିଆର ଭ୍ୟାନ ରାତିରେ କହିଯାଇଥିଲା। ସକାଳୁ ସକାଳୁ ବିଭିନ୍ନ କାର୍ଯ୍ୟରେ ବାହାରିଥିବା ଲୋକଙ୍କ ବାଟ ଓଗାଳିଥିବା ପୋଲିସ। ନିଜ ଗନ୍ତବ୍ୟ ସ୍ଥାନକୁ ଯାଇନପାରି ଲୋକେ ଏଣେ ତେଣେ ଗଳିକନ୍ଦି ଦେଇ ଯିବାକୁ ବାଧ ହୋଇଥିଲେ । ଦୋକାନବଜାର ବନ୍ଦ ସାଙ୍ଗକୁ ସହରର ଏକାଧିକ ରାସ୍ତା ବନ୍ଦ ରହିବା ଫଳରେ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏତେ ଭୟଭ୍ରାନ୍ତି ମଧ୍ୟରେ ବାଲେଶ୍ୱର ଗସ୍ତରେ ନ ଆସି ମୁଖ୍ୟମନ୍ତ୍ରୀ ଡିଜିଟାଲରେ ସ୍ମାର୍ଟକାର୍ଡ଼ ବଣ୍ଟନ ଶୁଭାରମ୍ଭ କରିଥିଲେ ଭଲ ହୋଇଥା'ନ୍ତା ବୋଲି କେତେକ ବୁଦ୍ଧିଜୀବୀ କହିଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ବିରୋଧ ପ୍ରଦର୍ଶନର ଆଶଙ୍କା କରି କଂଗ୍ରେସ ଓ ବିଜେପିର ବହୁ ଆଗଧାଡିର ଛାମୁଆ ନେତାଙ୍କୁ ପୁଲିସ ଗୁରୁବାର ମଧରାତ୍ରରୁ ଉଠାଇନେଇ ବିଭିନ୍ନ ଥାନା ଓ ସରକାରୀ ଗେଷ୍ଟ ହାଉସରେ ଅଟକ ରଖିଥିଲା । ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, କଂଗ୍ରେସ ଜିଲା ସଭାପତି ସଂଜୀବ ଗିରି, ବିଜେପି ନେତା ଗୌରାଙ୍ଗ ଦାସ, ଶ୍ରୀନିବାସ ପ୍ରଧାନ ପ୍ରମୁଖ ଗିରଫ ହୋଇଥିଲେ ।

# ବିଜେପି ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ଭୁବନେଶ୍ୱର, ୨୬/୧୧ (ନି.ପ୍ର): ସମ୍ବିଧାନ ଦବିସ ଉପଲକ୍ଷ ରାଜ୍ୟ ବିଜେପି ତରଫରୁ ଅନୁସୁଚିତ ଜାତି ମୋର୍ଚ୍ଚା ସଭାପତି ଡ. ବିଭୁ ପ୍ରସାଦ ତରାଇଙ୍କ ନେତୃତରେ ଭୁବନେଶ୍ୱର ଏ.ଜି ଛକ ଠାରେ ଥିବା ସମ୍ବିଧାନ ପ୍ରଣେତା ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାର୍ଲ୍ୟାପଣ କରାଯାଇଥିଲା। ଏହାପରେ ଡଃ. ତରାଇଙ୍କ ସଭାପତିତ୍ୱରେ ଏକ ସମ୍ବିଧାନ ସମ୍ମାନ ସଭା ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଓ ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି ସମ୍ମାନିତ ଅତିଥି ଓ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ମୁଖ୍ୟବକ୍ତା ରୁପେ ଯୋଗଦେଇଥିଲେ। ବକ୍ତାମାନେ ସମ୍ବିବିଧାନ ଦିବସରେ ସମ୍ବିଧାନ, ସବିଧାନ ପ୍ରଣେତା ଓ ପ୍ରଣୟନ ସଭା ପ୍ରତି ସମ୍ମାନ ଜଣାଇବା ଏବଂ ସଂବିଧାନକ ମୂଲ୍ୟବୋଧ ଓ ସଚେତନାତାର ପ୍ରଚାର ପ୍ରସାର ଉପରେ ମତାମତ ରଖିଥିଲେ। ଏହି ସଭାରେ ଏଜି ଛକକୁ ଡ. ଆମ୍ବେଦକରଙ୍କ ନାମରେ 'ଆମ୍ବେଦକର ଛକ' ବା 'ଆମ୍ବେଦକର ଚୌକ' ନାମରେ ନାମିତ କରିବାକୁ ଏକ ପ୍ରସ୍ତାବ ପାରିତ ହେବା ସହିତ ଏ ଦିଗରେ ବିହିତ କର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସଭାପତି, ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଆନୁଷ୍ଠାନିକଭାବେ ଅନୁରୋଧ କରିବା ପାଇଁ ନିବେଦନ କାରାଯାଇଥିଲା ।






## ଜଳେଶ୍ୱର ବ୍ଲକ ଓ ମ୍ୟୁନିସିପାଲଟିର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲଥ୍ କାର୍ଡ ବଣ୍ଟନ

ଜଳେଶ୍ୱର, ୨୬/୧୧(ନି.ପ୍ର): ଓଡିଶାର ଗରିବ ଲୋକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାଲାଗି ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଶୁଭାରମ୍ଭ ଆଜି ବାଲେଶ୍ୱର ଜିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ଯାଇଛି । ଦିବା ୧୧ଟାରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଜଳେଶ୍ୱର ଷ୍ଟାଡିୟମରେ ଆୟୋଜନ କରାଯାଇଥିବା ବେଳେ ଅପରାହ୍ନରେ ବିଧାୟକ ଅଶ୍ୱିନୀ ପାତ୍ର, ବ୍ଲକ ଅଧ୍ୟକ୍ଷା ସବିତା ଦଳେଇ, ଉପଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ପୌର ନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ବିଡିଓ ଦିପ୍ତିରଂଜନ ସେଠୀ ପ୍ରମୁଖ ସହରାଞ୍ଚଳରୁ ୫୦ ଓ ଗ୍ରାମାଞ୍ଚଳରୁ ୫୦ଟି ଲେଖାଏଁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରିଥିଲେ । ବ୍ଲକ ଅଂଚଳରେ ୪୫୩୩୫ଜଣ ଓ ସହରାଞ୍ଚଳରେ ୫୧୭୬ ଜଣ ଯୋଗ୍ୟହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ବଣ୍ଟନ କରିବେ ବୋଲି ଜଣାଯାଇଛି ।

## ଥାନା ପାଖରୁ ଡିକି ଭାଂଗି ଟଙ୍କା ଲୁଟ

ଜଳେଶ୍ୱର, ୨୬/୧୧(ନି.ପ୍ର): ଗତ ୩ ଦିନରେ ୩ଟି ଲୁଟ ଜଳେଶ୍ୱର ପୁଲିସ୍‌ର ନିଦ ହଜାଇ ଦେଇଛି । ୨ ଦିନ ତଳେ ୩ଲକ୍ଷ ଟଙ୍କାର ଗହଣା ଲୁଟ ହୋଇଥିବା ବେଳେ ଗତକାଲି ୫୦ ହଜାର ଟଙ୍କା ଡିକିଭାଂଗି ଲୁଟ ହାଇଥିଲା । ଆଜି ଶୁକ୍ରବାର ମଧ୍ୟାହ୍ନରେ ଜଳେଶ୍ୱର ଥାନା ଠାରୁ ମାତ୍ର ୩୦ ମିଟର ଦୂର ଜଗଧାତ୍ରୀ ମିଠାଦୋକାନ ନିକଟରୁ ୧ଲକ୍ଷ ଟଙ୍କା ବାଇକ୍ ଡିକି ଭାଂଗି ଲୁଟ ହେବା ଘଟଣା ପୁଲିସ୍ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଘଟଣାରୁ ପ୍ରକାଶ ସିଂଲା ଥାନା ଅନ୍ତର୍ଗତ ଚଡଚୋରମରା ଗାଁର ଅନୁପ ଘୋଷ ନିଜ ଜମି ରେଜେଷ୍ଟି ଲାଗି ଜଳେଶ୍ୱର ଆସିଥିଲେ। ସେଠାରୁ ୧ଲକ୍ଷ ଟଙ୍କା ଧରି ନିଜ ବାଇକ୍ ଡିକିରେ ରଖି ଥାନା ପାଖ ମିଠା ଦୋକାନରେ ଜଳଖିଆ ଖାଇଥିଲେ। ଦୋକାନରୁ ଫେରି ନିଜ ବାଇକ୍ ଡିକି ଭଂଗା ଯାଇଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ଟଙ୍କା ଲୁଟ ହୋଇ ଥିବାର ଜାଣି ଶ୍ରୀ ଘୋଷ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି । ତେବେ ଏପରି ପ୍ରତିଦିନ ଲୁଟ ହେଉଥିବାରୁ ପୁଲିସ୍‌ର ପାରିବାପଣିଆକୁ ଅଂଗୁଳି ନିର୍ଦ୍ଦେଶ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ରାଜ୍ୟରେ କରୋନାରେ ଆଉ ୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୨୬/୧୧ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୪୦୩ ହୋଇ ଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୧ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି। ସେହିପରି ଝାରସୁଗୁଡା ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ସୁନ୍ଦର ଭାରତ ନିର୍ମାଣ ଆମ ସମସ୍ତଙ୍କ ଦାୟିତ୍ୱ ହେବା ଉଚିତ୍




ଜଳେଶ୍ୱର, ୨୬/୧୧(ନି.ପ୍ର): ଭାରତରତ୍ନ ଉପାଧିରେ ଭୂଷିତ ବିଖ୍ୟାତ ରାଷ୍ଟ୍ରନିତିଜ୍ଞ, ଆଇନଜ୍ଞ ଡ. ବି.ଆର୍ ଆମ୍ବେଦକର ୧୨୫ତମ ଜନ୍ମବାର୍ଷିକି ୨୦୧୫ ମସିହାଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଆଜିର ଦିବସକୁ 'ଜାତୀୟ ସମ୍ବିଧାନ ଦିବସ' ରୂପେ ପାଳନ କରାଯାଇ ଆସୁଛି । ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲଟିରରେ ଥିବା ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଭାଗ ପକ୍ଷରୁ ଆଜି ଶୁକ୍ରବାର ସମ୍ବିଧାନ ଦିବସ ପାଳିତ ହୋଇ ଯାଇଛି । ଏଥିରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ୟାମାଚରଣ ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସାଧାରଣ ଜନତାଙ୍କ ନିମନ୍ତେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା, ଭାବନା, ବିଶ୍ୱାସ ଓ ଧର୍ମ ଆଚରଣରେ ସ୍ୱାଧିନତା, ସୁବିଧା ସୁଯୋଗର ସମାନ ଅଧିକାର ସଂପର୍କରେ ସମ୍ବିଧାନରେ ଥିବା ନିୟମ ସଂପର୍କରେ ବକ୍ତବ୍ୟ ରଖିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋସ୍ନା ଘୋଷ ପୌରହିତ୍ୱ କରି ଜାତୀୟତାବାଦୀ ଭାରତୀୟ ସମ୍ବିଧାନର ପ୍ରଣେତା ଡଃ. ବି.ଆର୍ ଆମ୍ବେଦକରଙ୍କ ସ୍ମୃତିଚାରଣ କରି ସୁନ୍ଦର ଭାରତ ନିର୍ମାଣ ଆମ ସମସ୍ତଙ୍କ ଦାୟିତ୍ୱ ହେବା ଉଚିତ୍ ବୋଲି କହିଥିଲେ। ବିଭାଗୀୟ ମୁଖ୍ୟ ଶ୍ରବଣ କୁମାର ନାଥ ଯୋଗ ଦେଇ ସାମ୍ପ୍ରତିକ ଆଇନ୍ ବ୍ୟବସ୍ଥା ଓ ଲିଖିତ ଆଇନ୍ ବ୍ୟବସ୍ଥା ମଧ୍ୟରେ ତୁଳନାତ୍ମକ ବିଚାର ଆଲୋଚନା କରିଥିଲେ । ଅଧ୍ୟାପକ ରଣଜିତ୍ ବେହେରା ଅତିଥି ପରିଚୟ କରିଥିବା ବେଳେ ସାଧାରଣ ଜନତାଙ୍କ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଷାରାଣୀ ଦାସ, ସରୋଜ ମହାନ୍ତି, ଜ୍ଞାନରଂଜନ ଜେନା, ନିଶ୍ଚଳ ଘଡେଇ ବକ୍ତବ୍ୟ ରଖିଥିବା ବେଳେ ଛାତ୍ର/ଛାତ୍ରୀ ମାନସ ରଂଜନ ଜେନା, ଖୁଦିରାମ ମହାନ୍ତି, ଦୀନବଂଧୁ କାମିଲା, ସସ୍ମିତା ଦେ, ଅର୍ଣ୍ଣପୂର୍ଣ୍ଣା ଜେନା, ବାସୁଦେବ ଗିରି, ଚନ୍ଦନ ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ରେଡିଓ ସ୍ମାଇଲ ପକ୍ଷରୁ ବିଶ୍ୱ ଶିଶୁ ଦିବସ ପାଳନ




ବାଲିଆପାଳ, ୨୬/୧୧ (ନି.ପ୍ର): ରେଡିଓ ସ୍ମାଇଲ ପରିସରରେ ଦୁଇ ଦିନ ଧରି ବିଶ୍ୱ ଶିଶୁ ଦିବସ ପାଳନ କରାଯାଇଛି । ଏହି ଅବସରରେ ଆୟୋଜିତ ରେଡିଓ କାର୍ଯ୍ୟକ୍ରମରେ ପ୍ରସାରଣ କାର୍ଯ୍ୟକୁ ଛାତ୍ରଛାତ୍ରୀ ମାନେ ପରିଚାଳନା କରିଥିଲେ । ୟୁନି ସେଫ ଓଡିଶା ରେଡିଓ ଆସୋସିଏସନ ଓ ରେଡିଓ ସ୍ମାଇଲ ସହ ଯୋଗରେ ହୋଇଥିବା ଏହି କାର୍ଯ୍ୟକ୍ରମ ବିଷୟ ଥିଲା ସ୍କୁଲ ଛାତ୍ରଛାତ୍ରୀ କରୋନାରେ ସ୍କୁଲ ବନ୍ଦ ରହିବାରୁ ପାଠ ପଢାର କ୍ଷତିଭରଣା ଶିଶୁ ସ୍ୱାସ୍ଥ.ଶିଶୁ ଅଧିକାର ,ଶିଶୁ ସୁରକ୍ଷା ଉପରେ ଅତିଥିଙ୍କୁ ପ୍ରଶ୍ନ କରିଥିଲେ। ଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ସିଆରସିସି ଅତୁଲ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ପ୍ରଫୁଲ ପାତ୍ର,ଚାଇଲ୍ଡଲାଇନ ମୁଖ୍ୟ ପ୍ରଶାନ୍ତ କୁମାର ରାଉତ ଯୋଗ ଦେଇ ଶିଶୁ ମାନଙ୍କର ପ୍ରଶ୍ନର ଉତର ଦେବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଷ୍ଟେସନ ପରିଚାଳକ ସାଗର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କୁନି ଆରଜେ ଭାବରେ ଅନୁରାକ ନନ୍ଦୀ, ସୁଶ୍ରୀ ଆଦ୍ୟଶା ପଟ୍ଟନାୟକ, ଅନୀତେଶ ମହାପାତ୍ର, ପିୟୁସ ମହାପାତ୍ର, ସ୍ୱସ୍ତିକ ଦାସ ଅତିଥିଙ୍କୁ ପ୍ରଶ୍ନ ପଚାରିଥିଲେ । ରେଡିଓ ସହ_ଯୋଗୀ ପ୍ରକାଶ ଚନ୍ଦ୍ର ପ୍ରଧାନ, ରମେଶ ପ୍ରଧାନ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନାରେ ସହ ଯୋଗ କରିଥିଲେ ।

# ଦୁଇ ଦିନିଆ ପାରାଦୀପ ଗସ୍ତରେ କେନ୍ଦ୍ର ଜାହାଜ ଚଳାଚଳ ରାଷ୍ଟମନ୍ତ୍ରୀ ସାନ୍ତନୁ ଠାକୁର




ପାରାଦୀପ, ୨୬/୧୧ (ନି.ପ୍ର): କେନ୍ଦ୍ର ଜାହାଜ ଚଳାଚଳ,ବନ୍ଦର ଓ ଜଳମାର୍ଗ ବିଭାଗର ରଷ୍ଟ୍ରମନ୍ତ୍ରୀ ସାନ୍ତନୁ ଠାକୁର ଦୁଇ ଦିନିଆ ପାରାଦୀପ ବନ୍ଦର ଗସ୍ତରେ ଆସି ଶୁକ୍ରବାର ଦିନ ପାରାଦୀପ ଠାରେ ପହଂଚିଥିଲେ । ଜବାହାର ଅତିଥି ଭବନରେ ପହଂଚିବା ପରେ ବନ୍ଦରର ଅଧକ୍ଷ ପି.ଏଲ୍.ହାରାନାଦ୍, ଉପାଧକ୍ଷ ଏ.କେ.ବୋଷ ମାନ୍ୟବର ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଏହା ପରେ ମାନ୍ୟବର ମନ୍ତ୍ରୀ ପାରାଦୀପ ବନ୍ଦର ପୋତାଶ୍ରୟ ଅଂଚଳ ପରିଦର୍ଶନ କରିଥିଲେ ଓ ସେଠାରେ ପାରାଦୀପ ବନ୍ଦରର ପଣ୍ୟକାରବାରର ସ୍ଥିତି ଅନୁଧ୍ୟାନ କରିଥିଲେ । ଅପରାହ୍ନରେ ପୋର୍ଟ ଅଫିସର୍ସ କ୍ଲବ୍ ପରିସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଭେଟିଥିଲେ। ପାରାଦୀପ ବନ୍ଦରର ଆଗାମୀ ପ୍ରକଳ୍ପ ସଂପର୍କରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଯୋଜନା ସଂପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବନ୍ଦରର ଅଧକ୍ଷ ପି.ଏଲ୍.ହାରାନାଦ୍, ଉପାଧକ୍ଷ ଏ.କେ.ବୋଷଙ୍କ ସମେତ ବିଭାଗୀୟ ମୁଖ୍ୟମାନେ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ । ଶନିବାର ଦିନ ମାନ୍ୟବର ମନ୍ତ୍ରୀ ବନ୍ଦରର ସ୍ଥିତି ସଂପର୍କରେ ଆଲୋଚନା କରିବା ସହିତ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଥିବା ବନ୍ଦର ଲୋକସଂପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି ।


**ADVERTISEMENT FOR THE POST OF CLUSTER DEVELOPMENT EXECUTIVES (CDES)**

SOOVA is a Non Government Organization to implement the programme under ministry of MSME, Government of India, invites applications from candidates to be engaged as Cluster Development Executives (CDE) on contractual basis for implementation of SFURTI program for its approved cluster namely Udala Palmaroja Cluster.

Number of Position: One.

Eligibility Criteria of Cluster Development Executives (CDEs):- Graduate with minimum 5 years of work experience in social sector, rural development, cluster development projects, cluster. Having experience in report writing, documentation, good communication, Fpo business Management and networking skill, etc.

Salary: Negotiable

Age: 25-40 years

Mode of selection: Personal Interview

Place of Interview: Interview will be held at SOOVA, Ward No-10,UDALA,Mayurbhanj,Pin no:757041. Only short listed candidates will be called for the interview. Date of Interview will be informed through e-mail or phone call. Candidate may appear in the interview along with the original testimonials and two passport size photographs.

Interested candidates may submit the filled-in application/biodata within 7 days from the date of advertisement .

To
'The Secretary
SOOVA, Udala, Mayurbhanj, Pin:757041
Note: No TA/DA will be admissible for attending the interview.


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo